# ଧରିତ୍ରୀ DHARITRI

ଧରିତ୍ରୀ 50 Years

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ (୧୨+୮=୨୦ ପୃଷ୍ଠା) | Bhubaneswar, Friday, January 12/2024 | Page 20 | ₹ 7.00

୫୦ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 50 | ମୂଲ୍ୟ ₹୭/-






KP
GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Saffron Blended
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
YouTube

# ଧରିତ୍ରୀ
DHARITRI

50 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ | Bhubaneswar, Friday, January 12/2024 | ପୃଷ୍ଠା-୧




**ଅମନ ଶେରାୱତଙ୍କୁ ସ୍ୱର୍ଣ୍ଣ**

ଭାରତୀୟ କୁସ୍ତି ଯୋଦ୍ଧା ଅମନ ଶେରାୱତ ଜାଗ୍ରେବ ଓପନ ର୍ୟାଙ୍କିଙ୍ଗ ସିରିଜ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୦୯

୦୮

**ଶାହରୁଖ୍‌ଙ୍କୁ 'ଇଣ୍ଡିଆନ ଅଫ୍ ଦି ଇୟର'**

ନୂଆଦିଲ୍ଲୀ ତାଜ୍ ପ୍ୟାଲେସରେ ଆୟୋଜିତ ଆୱାର୍ଡ ଶୋ'ରେ ବଲିଉଡ୍ ଅଭିନେତା ଶାହରୁଖ୍ 'ଇଣ୍ଡିଆନ ଅଫ୍ ଦି ଇୟର' ଆୱାର୍ଡରେ ସମ୍ମାନିତ ହୋଇଛନ୍ତି।



# ଅଯୋଧ୍ୟା ଯିବେନାହିଁ ୪ ଶଙ୍କରାଚାର୍ଯ୍ୟ

**ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା**

ଆସନ୍ତା ୨୨ ତାରିଖରେ ଅଯୋଧ୍ୟା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା କରାଯିବ। ଏହି ଉତ୍ସବରେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକର ନେତାମାନେ ଯୋଗଦେବାକୁ ମନାକରିବା ପରେ ଶାସକ ଭାଜପା ପକ୍ଷରୁ ସେମାନଙ୍କୁ ସମାଲୋଚନା କରାଯାଇଛି। ଇତିମଧ୍ୟରେ ୪ ପୀଠର ଶଙ୍କରାଚାର୍ଯ୍ୟମାନେ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବା ଦର୍ଶାଇ କାର୍ଯ୍ୟକ୍ରମରେ ଯୋଗଦେବେ ନାହିଁ ବୋଲି କହିଛନ୍ତି। ତେଣୁ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅର୍ଦ୍ଧନିର୍ମିତ ମନ୍ଦିରର ଉଦ୍‌ଘାଟନ ପାଇଁ ଏତେ ତରବର କାହିଁକି ହେଉଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି।



ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ (ପୁରୀ ଗୋବର୍ଦ୍ଧନ ପୀଠ)



ସ୍ୱାମୀ ସଦାନନ୍ଦ ସରସ୍ୱତୀ (ଦ୍ୱାରକା ପୀଠ)



ସ୍ୱାମୀ ଭାରତୀ ଶ୍ରୀ ତୀର୍ଥ (ଶାରଦା ପୀଠ)



ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ(ଜ୍ୟୋତିର୍ମଠ)

ନୂଆଦିଲ୍ଲୀ,୧୧।୧

ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବକୁ ୧୦ ଦିନ ବାକିଥିବାବେଳେ ଅନେକ ହିନ୍ଦୁ ସନ୍ଥ ଉକ୍ତ କାର୍ଯ୍ୟକ୍ରମକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହିନ୍ଦୁଧର୍ମର ୪ ଧାମ ପୁରୀ ଗୋବର୍ଦ୍ଧନ ପୀଠ, ଜ୍ୟୋତିର୍ମଠ, ଦ୍ୱାରକା ଏବଂ ଶ୍ରୀଙ୍ଗେରୀର ଶଙ୍କରାଚାର୍ଯ୍ୟ ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ସନାତନ ଧର୍ମ ନିୟମାବଳୀର ଉଲ୍ଲଂଘନ କରାଯାଇ ଉତ୍ସବ ପାଳନ କରାଯାଉଥିବା ସେମାନେ ଅଭିଯୋଗ ଆଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ସବର ମୁଖ୍ୟ ଆୟୋଜକ ହୋଇଥିବାରୁ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବର ଉଦ୍ଦେଶ୍ୟକୁ ନେଇ ବରିଷ୍ଠ ସନ୍ଥମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ମୋଦିଙ୍କୁ ଆଗରେ ରଖି ସନାତନ ଶାସ୍ତ୍ରର ପାରମ୍ପରିକ ରୀତିନୀତିକୁ ଅଣଦେଖା କରାଯାଉଥିବା ସେମାନେ କହିଛନ୍ତି।

ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଉତ୍ସବରେ ଯୋଗଦେବେ ନାହିଁ ବୋଲି ଗତ ସପ୍ତାହରେ କହିଥିଲେ। ଶାସ୍ତ୍ରୀୟ ବିଧି ଅନୁଯାୟୀ ରାମଲାଲାଙ୍କ ମୂର୍ତ୍ତି ମନ୍ଦିରରେ ସ୍ଥାପନ କରାଯିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଗୁରୁବାର ସେ ଭଗବାନ ରାମଙ୍କ ପ୍ରତି ସମ୍ମାନ ବଜାୟ ରଖିବା ଉପରେ ଚିନ୍ତାବ୍ୟକ୍ତ କରିବା ସହ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କରାଯିବା ଆବଶ୍ୟକ ବୋଲି କହିଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବକୁ ରାଜନୈତିକ ରଙ୍ଗ ଦିଆଯାଉଥିବାରୁ ସେ ନ ଯିବା ପାଇଁ ନୀତିଗତ ଭାବେ ନିଷ୍ପତ୍ତି ନେଇଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ମନ୍ଦିର ଗର୍ଭଗୃହରେ ରହି ମୂର୍ତ୍ତିକୁ ସ୍ପର୍ଶ କରିବା, ପ୍ରାଣପ୍ରତିଷ୍ଠା ଉତ୍ସବ ସମ୍ପନ୍ନ କରିବା ରାଜନୈତିକ ରଙ୍ଗ। ଭଗବାନ ରାମଙ୍କ ପ୍ରାଣପ୍ରତିଷ୍ଠା ଆଧ୍ୟାତ୍ମିକ ରୀତିନୀତି ଅନୁଯାୟୀ ହେବା ଆବଶ୍ୟକ। ଅର୍ଦ୍ଧସତ୍ୟ ଓ ଅର୍ଦ୍ଧମିଥ୍ୟାକୁ ଫେଣ୍ଟା ନ ଯାଉ। ସବୁକିଛି ଆଧ୍ୟାତ୍ମିକ ଜ୍ଞାନ ଅନୁଯାୟୀ କରାଯାଉ ବୋଲି ପୁରୀ ଶଙ୍କରାଚାର୍ଯ୍ୟ କହିଛନ୍ତି। ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ଭିନ୍ନ ଆଭିମୁଖ୍ୟ ପ୍ରକାଶ କରିବା ସହ ୨୨ରେ ରାମମନ୍ଦିର ଯିବେ ନାହିଁ ବୋଲି କହିଛନ୍ତି। ମନ୍ଦିର ନିର୍ମାଣ ସନାତନ ଧର୍ମ ପାଇଁ ବିଜୟର ସୂଚନା ଦେଉନାହିଁ। ପୂର୍ବରୁ ଅଯୋଧ୍ୟାରେ ☞ପୃଷ୍ଠା-୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କରୁଛନ୍ତି।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଲୋଗୋ ଉନ୍ମୋଚିତ କରିଛନ୍ତି। ଏହାର ଟ୍ୟାଗ୍‌ଲାଇନ ରହିଛି 'ଭାଷା ହିଁ ଭବିଷ୍ୟତ'। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାଷା ସମ୍ମିଳନୀର ବିପୁଳ ସଫଳତା କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସମ୍ମିଳନୀ ଆସନ୍ତା ଫେବୃଆରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୁଦ୍ଧିଜୀବୀ, ଗବେଷକ, ବିଦ୍ୱାନ୍ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମତ ବିନିମୟ ପାଇଁ ଏହି

- **ଲୋଗୋର ଟ୍ୟାଗ୍‌ଲାଇନ-'ଭାଷା ହିଁ ଭବିଷ୍ୟତ'**
- **ଭାଷା ସମ୍ମିଳନୀର ବିପୁଳ ସଫଳତା କାମନା କଲେ**

ସମ୍ମିଳନୀ ଏକ ସୁନ୍ଦର ମଞ୍ଚ ଭାବେ କାର୍ଯ୍ୟ କରିବ ବୋଲି ମୁଁ ଆଶା କରୁଛି।

ସେ କହିଛନ୍ତି ଯେ, ଆଧୁନିକ ଭାରତବର୍ଷରେ ଓଡ଼ିଶା ହେଉଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ। ଓଡ଼ିଆ ଭାଷା ଅନ୍ୟତମ ଶାସ୍ତ୍ରୀୟ ଭଷାର ମାନ୍ୟତା ଲାଭକରି ଆମ ମାଟି ଏବଂ ଭାଷାର ଗୌରବ ବୃଦ୍ଧି କରିଛି। ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ଲକ୍ଷ୍ୟ ନିର୍ଦ୍ଧାରଣ ନିମନ୍ତେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ। ଏକ ସ୍ୱତନ୍ତ୍ର ଐତିହ୍ୟର ଶକ୍ତିଶାଳୀ ବାହକ ଭାବରେ ଆମ ଭବିଷ୍ୟତ ପିଢ଼ିଙ୍କ ପାଖରେ କିପରି ଓଡ଼ିଆ ଭାଷାର ଆଦର ବଢ଼ିବ ଏବଂ ଆଧୁନିକ ଜ୍ଞାନକୌଶଳ ଜରିଆରେ ଆମ ଭାଷା କିପରି ଆଗକୁ ବଢ଼ିପାରିବ ସେ ସମ୍ପର୍କରେ ବିଚାର-ବିମର୍ଷ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୩୧ରୁ ବଜେଟ ଅଧିବେଶନ

ନୂଆଦିଲ୍ଲୀ,୧୧।୧

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୯ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଫେବୃଆରୀ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଲୋକ ସଭା ନିର୍ବାଚନ ଶେଷ ହୋଇ ନୂଆ ସରକାର ଗଢ଼ାହେବା ପର୍ଯ୍ୟନ୍ତ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ଅନ୍ତରୀଣ ବଜେଟ ଅଣାଯିବ। ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ଥିବାରୁ ଏହା ପୂର୍ବରୁ ବଜେଟ ଅଧିବେଶନ ଚଳିତ ପାର୍ଲାମେଣ୍ଟର ଶେଷ ଅଧିବେଶନ ହେବ। ଅନ୍ତରୀଣ ବଜେଟରେ ମହିଳା କୃଷକମାନଙ୍କ ପାଇଁ ଡବଲ ପିଏମ୍ କିଷାନ ସମ୍ମାନ ନିଧି ପ୍ରସ୍ତାବ ଅଣାଯାଇପାରେ ବୋଲି ଜଣାପଡ଼ିଛି। ଏଥିପାଇଁ ସରକାରଙ୍କୁ ଅତିରିକ୍ତ ୧୨ ହଜାର କୋଟି ଟଙ୍କାର ବ୍ୟୟଭାର ବହନ କରିବାକୁ ପଡ଼ିବ।

# ଓଡ଼ିଶା ୪ର୍ଥ ସ୍ୱଚ୍ଛ ରାଜ୍ୟ

ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)

କେନ୍ଦ୍ର ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୩ର ଫଳାଫଳ ଗୁରୁବାର ଘୋଷଣା କରାଯାଇଛି। ଚଳିତବର୍ଷ ପ୍ରଥମ ଥର ଲାଗି ୨ଟି ରାଜ୍ୟକୁ ପ୍ରଥମ ପୁରସ୍କାର ମିଳିଥିବାବେଳେ ଉଭୟ ୯୩୪୮.୩୯ ସ୍କୋର ପାଇଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ସହର ଲଗାତାର ସପ୍ତମ ଥର ପାଇଁ ବାଜିମାତ୍ କରିଥିବାବେଳେ ଗୁଜରାଟର ସୁରଟ ପ୍ରଥମ ଥର ଲାଗି ଏହି ପୁରସ୍କାର ହାସଲ କରିଛି। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପରେ ଆୟୋଜିତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ଯୋଗଦେଇ ବିଜେତା ରାଜ୍ୟ ଓ ସହରର ପ୍ରତିନିଧିମାନଙ୍କୁ ପୁରସ୍କୃତ କରିଛନ୍ତି। ଅପରପକ୍ଷେ ସ୍ୱଚ୍ଛତା କ୍ଷେତ୍ରରେ ଷ୍ଟେଟ୍ ର୍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ସ୍ଥାନ ୪ର୍ଥରେ ରହିଛି। ପ୍ରଥମ ସ୍ଥାନରେ ମହାରାଷ୍ଟ୍ର ଥିବାବେଳେ ୩୭୨୧.୫୫ ସ୍କୋର ମିଳିଛି। ଦ୍ୱିତୀୟରେ ମଧ୍ୟପ୍ରଦେଶକୁ ୩୬୫୭.୯୨, ତୃତୀୟ ସ୍ଥାନରେ ଥିବା ଛତିଶଗଡ଼କୁ ୩୪୨୫.୪୧ ଏବଂ ଚତୁର୍ଥ ସ୍ଥାନରେ ଥିବା ଓଡ଼ିଶାକୁ ୩୧୩୧.୩୮ ସ୍କୋର ମିଳିଥିବା ସୂଚନା ରହିଛି।

ସେହିପରି ଚଳିତବର୍ଷ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମଧ୍ୟ ଭଲ ପ୍ରଦର୍ଶନ କରିଛି। ଗତଥର ଭୁବନେଶ୍ୱରକୁ ସର୍ବଭାରତୀୟ ସ୍ତରରେ ୮୦ତମ ର୍ୟାଙ୍କ୍ ମିଳିଥିବାବେଳେ ଏଥର ୩୪ତମ ର୍ୟାଙ୍କ୍ ମିଳିଛି। ଏଥିସହ ୱାଟର ପ୍ଲସ୍ ଏବଂ ଗାର୍‌ବେଜ୍ ଫ୍ରି ବା ଆବର୍ଜନାମୁକ୍ତ ସହର ଭାବେ ଥ୍ରୀ ଷ୍ଟାର ରେଟିଂ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପାଗଳାମିର ପରିଭାଷା

# ପ୍ରେମିକାଙ୍କୁ ବାହାହେଲେ ବ୍ରୁନେଇ ଯୁବରାଜ

ବନ୍ଦର ସେରି ବେଗାୱନ,୧୧।୧

ଏସିଆର ଅନ୍ୟତମ ସବୁଠୁ ଯୋଗ୍ୟ ବ୍ୟାଚେଲର ଭାବେ ପରିଚିତ ବ୍ରୁନେଇର ଯୁବରାଜ ଅବଦୁଲ ମାଟିନ୍ ଏକ ସାଧାରଣ ପରିବାରରେ ଗୁରୁବାର ବିବାହ କରିଛନ୍ତି। ୧୦ ଦିନ ଧରି ଏହି ବିବାହ ଉତ୍ସବ ଚାଲିବ। ରାଜଧାନୀ ବନ୍ଦର ସେରି ବେଗାୱନର ସ୍ୱର୍ଣ୍ଣଖଚିତ ମସ୍‌ଜିଦରେ ୩୨ ବର୍ଷୀୟ ଯୁବରାଜ ୨୯ ବର୍ଷୀୟା ୟାଙ୍ଗ ମୁଲିଆ ଆନିଶ ରୋସ୍‌ନାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ପୋଲୋ ଖେଳୁଥିବା ଯୁବରାଜ ମାଟିନ ହେଉଛନ୍ତି ବିଶ୍ୱର ସବୁଠୁ ଦୀର୍ଘଦିନ ଶାସନରେ ଥିବା ସୁଲ୍‌ତାନ ହାସାନଲ ବୋଲ୍‌କିଆଙ୍କ ଦଶମ ସନ୍ତାନ। ସେ ଏକଦା ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଥିଲେ। ତାଙ୍କ ବୋହୂ ହେଉଛନ୍ତି, ତାଙ୍କ ବାପାଙ୍କ ମୁଖ୍ୟ ଉପଦେଷ୍ଟାଙ୍କ ନାତୁଣୀ। ତାଙ୍କର ଏକ ଫେଶନ ବ୍ରାଣ୍ଡ ରହିଥିବାବେଳେ ସେ ଏକ ପର୍ଯ୍ୟଟନ ବ୍ୟବସାୟର ମାଲିକ। ରବିବାର ୧,୭୮୮ ପ୍ରକୋଷ୍ଠ ବିଶିଷ୍ଟ ରାଜପ୍ରାସାଦରେ ଏହି ରାଜକୀୟ ବିବାହର ସମାପନ ଉତ୍ସବ ଅନୁଷ୍ଠିତ ହେବ। ଅତିଥି ତାଲିକାରେ ଅନ୍ତର୍ଜାତୀୟ ରାଜପରିବାର ସଦସ୍ୟ ଏବଂ ରାଜନେତାମାନେ ରହିଛନ୍ତି। ରବିବାର ହେବାକୁ ଥିବା ବିଶାଳ ଶୋଭାଯାତ୍ରାକୁ ରାସ୍ତା ପାର୍ଶ୍ୱରେ ଛିଡ଼ାହୋଇ ଉପଭୋଗ କରିବାକୁ ବ୍ରୁନେଇ ବାସିନ୍ଦା ଯୋଜନା କରିଛନ୍ତି।



ଯୁବରାଜ ଅବଦୁଲ ମାଟିନ୍



ୟାଙ୍ଗ୍ ମୁଲିଆ ଆନିଶ ରୋସ୍‌ନା




**ଆଜିର ମନ୍ତବ୍ୟ**

‘ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନ’ର ଧାରଣା ସହ ମୁଁ ଏକମତ ନୁହେଁ। ଏହା ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ମୂଳ ଢାଞ୍ଚା ବିରୋଧରେ ଯାଉଛି।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ଅର୍ଜି ସଞ୍ଚେ ଯେହୁ ନ ଖାଇ ନ ଦେଇ**
**ଇହ ପରଲୋକେ ସେହୁ ନାନା ଦୁଃଖ ପାଇ ।**

ଅର୍ଜିତ ଧନକୁ ସୁପଥରେ ଖର୍ଚ୍ଚ କରାଯିବା ଉଚିତ। ଯେଉଁ ବ୍ୟକ୍ତି ଧନ ଅର୍ଜନ କରି ଭଲ ଭାବରେ ମୁଠେ ଖାଏ ନାହିଁ କି ଦାନ ଧର୍ମ କରେ ନାହିଁ, ସେଭଳି ବ୍ୟକ୍ତି ନରାଧମ ବୋଲାଇଥାନ୍ତି। ଏପରି ବ୍ୟକ୍ତି ଇହ ପରଲୋକରେ ନାନା ଦୁଃଖକଷ୍ଟ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧରମଟି ଅଟେ ପରମ ବନ୍ଧୁ,**
**ମରଣରେ କେଭେଁ ନ ଯାଏ କନ୍ଧୁ ।**

ଧର୍ମ ହିଁ ଜୀବନର ପରମ ବନ୍ଧୁ। ବ୍ୟକ୍ତିର ମୃତ୍ୟୁ ପରେ ମଧ୍ୟ ଧର୍ମର ବିଲୋପ ଘଟି ନ ଥାଏ। ତେଣୁ ବ୍ୟକ୍ତିଙ୍କୁ ସତ୍ୟନିଷ୍ଠ ରହିବା, ଧର୍ମପଥରେ ଚାଲିବା ଲାଗି ଏଠାରେ ସୁପରାମର୍ଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ







ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସରକାରୀ ସ୍କୁଲରେ ପଢ଼ି ମଧ୍ୟ ଶୀର୍ଷକୁ ଯାଇ ହେବ: ପାଣ୍ଡିଆନ

**ଭୁବନେଶ୍ୱର(ଅନିଲ ଦାସ)/ବଲାଙ୍ଗୀର (ବୀରେନ୍ଦ୍ର କୁମାର ଝାଙ୍କର),୧୧।୧**

ସରକାରୀ ସ୍କୁଲରେ ପାଠପଢ଼ି ମଧ୍ୟ ଭଲ କ୍ୟାରିୟର କରିହେବ ଏବଂ ଶୀର୍ଷକୁ ଯାଇ ହେବ। ଏହି ବାର୍ତ୍ତା ଦେଇଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଗୁରୁବାର ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଛାତ୍ରୀଛାତ୍ରଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇଛନ୍ତି। କଠିନ ପରିଶ୍ରମ ହିଁ ସଫଳତାର ସୂତ୍ର। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ସରକାରୀ ସ୍କୁଲରେ ପଢ଼ି ଆଜି ସଫଳତାର ଶୀର୍ଷରେ ଥିବା କେତେକ ବ୍ୟକ୍ତିଙ୍କ ଉଦାହରଣ ପାଣ୍ଡିଆନ ଦେଇଥିଲେ।

ପାଣ୍ଡିଆନ କହିଥିଲେ ସେ ନିଜେ ମଧ୍ୟ ସରକାରୀ ସ୍କୁଲରେ ପାଠପଢ଼ି ଆଇଏଏସ୍ ଅଫିସର ହୋଇପାରିଥିଲେ। ଦିନକୁ ୨୦ କି.ମି. ସାଇକେଲ ଚଳାଇ ସ୍କୁଲକୁ ଯା’ଆସ କରୁଥିଲେ। ସରକାରୀ ସ୍କୁଲରେ ପାଠପଢ଼ି କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ଏ ସମସ୍ତେ ଆଜି ସଫଳତା ହାସଲ କରି ସଫଳ ବ୍ୟକ୍ତିତ୍ୱର ପରିଚୟ ପାଇଛନ୍ତି। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶର ଉନ୍ନତି ଲାଗି ଏହି ନୂଆ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ କରିଛନ୍ତି। ୫ବର୍ଷରେ ଯାହା କରିବେ ତା’ ଉପରେ ନିର୍ଭର କରିବ ଆଗାମୀ ୫୦ ବର୍ଷ। ସଫଳତା ଲାଗି ପାଠ ପଢ଼ିବା ଜରୁରୀ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ। କୋ-କରିକୁଲାର କାର୍ଯ୍ୟକ୍ରମରେ ଭାଗନେଲେ ସେମାନଙ୍କର ବ୍ୟକ୍ତିତ୍ୱର ସାମଗ୍ରିକ ଉନ୍ନତି ହେବ। ସଫଳ ହେବାକୁ ହେଲେ ବ୍ୟକ୍ତିତ୍ୱ ବିକାଶ କରିବାକୁ ପଡ଼ିବ। ସେଥିଲାଗି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଛାତ୍ରୀଛାତ୍ରଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଏହି ଚିନ୍ତାଧାରାକୁ ନେଇ ମୁଖ୍ୟମନ୍ତ୍ରୀ ଏହି ନୂଆ-ଓ ପ୍ଲାଟଫର୍ମ ଦେଇଛନ୍ତି। ସୁସ୍ଥ ରହିବାକୁ

**ବଲାଙ୍ଗୀର ଜିଲାସ୍ତରୀୟ ନୂଆ-ଓ ଉତ୍ସବ**



ବଲାଙ୍ଗୀର ଜିଲାସ୍ତରୀୟ ନୂଆ-ଓ ଉତ୍ସବରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବକ୍ତବ୍ୟ ରଖୁଛନ୍ତି।

ଅତିକମ୍‌ରେ ୩୦ମିନିଟ ଶାରୀରିକ ବ୍ୟାୟାମ ସହ ମସ୍ତିଷ୍କର ବିକାଶ ଲାଗି ୧୫ ମିନିଟ ଧ୍ୟାନ କରନ୍ତୁ ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଏ ଫିଟ୍ ବଡି ଗିଭ୍ ଫିଟ୍ ମାଇଣ୍ଡ୍। ସୁସ୍ଥ ରହିଲେ ମନ ସୁସ୍ଥ ରହିବ ଏବଂ ପରିଶ୍ରମ କରିପାରିବେ। ଭବିଷ୍ୟତ ଉଜ୍ଜ୍ୱଳ କରିବାକୁ ହେଲେ ଦିନରାତି ଏକ କରି ପଢ଼ିବାକୁ ପଡ଼ିବ। କଠିନ ପରିଶ୍ରମ କରିବା ସହ ମା’ ବାପା ଓ ଗୁରୁଜନଙ୍କ କଥା ମାନିବାକୁ ଛାତ୍ରୀଛାତ୍ରଙ୍କୁ ପାଣ୍ଡିଆନ କହିଛନ୍ତି।

ଏହି ଅବସରରେ ପାଣ୍ଡିଆନ ସଫଳ ଉଦ୍ୟୋଗୀ ସୁବ୍ରୋତ ବାଗ୍‌ଚୀଙ୍କ ଉଦାହରଣ ଦେଇଥିଲେ। ପାଟଣାଗଡ଼ରେ ସରକାରୀ ସ୍କୁଲରେ ପାଠପଢ଼ି ଓଡ଼ିଶା ସେକ୍ରେଟାରିଏଟ୍‌ରେ ଜଣେ କିରାଣି ଭାବେ ସୁବ୍ରୋତ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ଆଇଟି କ୍ଷେତ୍ରରେ ଯୋଗଦେଇ ସେ ଆଜି ଜଣେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ମାଇଣ୍ଡ ଟ୍ରି ଭଳି ଆଇଟି କମ୍ପାନୀ କରି ୨୦ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୧ ଲକ୍ଷ କୋଟିରୁ ଅଧିକ। ସେହିପରି ଆଉ ଜଣେ ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ସୁବର୍ଣ୍ଣପୁର ଜିଲାର ସିନେ ନିର୍ଦ୍ଦେଶକ ନୀଳମାଧବ ପଣ୍ଡା। ସେ ଯୁକ୍ତ ୨ ଫେଲ୍ ହୋଇଯିବା ପରେ ଦିଲ୍ଲୀ ଯାଇ ସେନେମାଟୋଗ୍ରାଫି ଶିକ୍ଷା ନେଇଥିଲେ। କଠିନ ପରିଶ୍ରମ ବଳରେ ସେ ଆଜି ଭାରତୀୟ ସିନେମା ଜଗତର ଜଣେ ଆଗ ଧାଡ଼ିର ନିର୍ଦ୍ଦେଶକ। ସିନେମା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଆଉ ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ଜଷ୍ଟିସ ସଂଜୟ ମିଶ୍ର। ବଲାଙ୍ଗୀର ପୃଥ୍ୱୀରାଜ ସରକାରୀ ହାଇସ୍କୁଲରୁ ପାଠ ପଢ଼ି ସେ ଝାଡ଼ଖଣ୍ଡ ହାଇକୋର୍ଟରେ ମୁଖ୍ୟ ବିଚାରପତି ହୋଇପାରିଥିଲେ। ବଲାଙ୍ଗୀରର ସେଇ ପୃଥ୍ୱୀରାଜ ହାଇସ୍କୁଲରୁ ପାଠ ପଢ଼ିଥିବା ଅରୁଣ ଷଡ଼ଙ୍ଗୀ ଆଜି ଓଡ଼ିଶାର ପୋଲିସ ଡିଜି ପାହ୍ୟାକୁ ଯାଇପାରିଛନ୍ତି। ଆଉ ଜଣେ ଆତ୍ମବିଶ୍ୱାସର ଭରପୂର ଥିବା ବ୍ୟକ୍ତିତ୍ୱ ପାୟଲଙ୍କ ଉଦାହରଣ ଦେଇଥିଲେ ପାଣ୍ଡିଆନ। ଦୁର୍ଘଟଣାରେ ତାଙ୍କର ଦୁଇହାତ ଓ ଗୋଡ଼ ସେ ହରାଇଛନ୍ତି। ତେବେ ପାୟଲଙ୍କ ଭିତରେ ଥିବା ଗଭୀର ଆତ୍ମବିଶ୍ୱାସ ତାଙ୍କୁ ବଡ଼ ଲକ୍ଷ୍ୟ ହାସଲ କରିବାକୁ ଶକ୍ତି ଦେଇଛି। ପାରା ଆଥ୍‌ଲେଟିକ ପାଇଁ ଅଭ୍ୟାସ କରୁଛନ୍ତି ବଲାଙ୍ଗୀର ଝିଅ ପାୟଲ। ନିକଟରେ ସେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ପାଇଛନ୍ତି ବୋଲି ପିଲାମାନଙ୍କୁ କହିଥିଲେ।

# ହାଇଟେକ୍ ହସ୍ପିଟାଲରେ ଶ୍ରମ ବିଭାଗର ତଦନ୍ତ

**ଭୁବନେଶ୍ୱର, ୧୧।୧(ସୁନିତ୍ ମିଶ୍ର)**

ହାଇଟେକ୍ ମେଡିକାଲ କଲେଜରେ ବିସ୍ଫୋରଣ ଯୋଗୁ ୩ ଜଣଙ୍କ ଜୀବନ ଯିବା ସହିତ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ତଦନ୍ତ କରିବାକୁ ଶ୍ରମ କମିଶନରଙ୍କୁ ରାଜ୍ୟ ସରକାର ଚିଠି ଲେଖିବା ପରେ ରାଜ୍ୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାର ଏକ ପ୍ରତିନିଧି ଦଳ ହାଇଟେକ୍ ହସ୍ପିଟାଲ ଯାଇ ସରଜମିନ ତଦନ୍ତ କରିଥିବା ଜଣାପଡ଼ିଛି। ଗୁରୁବାର ଏହି ଟିମ୍ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଭେଟି ତୁରନ୍ତ ଦୁର୍ଘଟଣାରେ ଶିକାର ହୋଇଥିବା କର୍ମଚାରୀଙ୍କୁ ଅନୁକମ୍ପା ରାଶି ପ୍ରଦାନ ଲାଗି କହିବା ସହିତ ଏକ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏହି ରିପୋର୍ଟ ରାଜ୍ୟ ଶ୍ରମ କମିଶନରଙ୍କୁ ମଧ୍ୟ ସେମାନେ ପ୍ରଦାନ କରିସାରିଥିବା ଜଣାପଡିଛି।

ଶ୍ରମ କମିଶନର ଅନୁପମ ଶାହା କହିଛନ୍ତି, ଶ୍ରମିକମାନେ କିପରି ଅନୁକମ୍ପା ରାଶି ପାଇବେ ସେନେଇ ଖୋର୍ଦ୍ଧାର ଏକ ଟିମ୍ ହାଇଟେକ୍ ହସ୍ପିଟାଲ ଯାଇଥିଲେ। ସେମାନେ ତଦନ୍ତ କରି ରିପୋର୍ଟ ମଧ୍ୟ ପ୍ରଦାନ କରିସାରିଛନ୍ତି। ଦୁର୍ଘଟଣା କିପରି ହେଲା କ’ଣ ଏନେଇ ପୋଲିସ କେସ୍ ହୋଇଛି। ଯେଉଁ କର୍ମଚାରୀ ଦୁର୍ଘଟଣାରେ ମୃତାହତ ହୋଇଛନ୍ତି ସେମାନେ କିପରି ସାହାଯ୍ୟ ପାଇବେ ସେନେଇ ଶ୍ରମ ବିଭାଗ ତଦନ୍ତ କରିଛି ବୋଲି ଶାହା କହିଛନ୍ତି। ସୂଚନାଯୋଗ୍ୟ, ବୈଷୟିକ ଓ ବୃତ୍ତିଗତ ଛାତ୍ର ସଂଘ ଆବାହକ ବିପ୍ଳବ ପ୍ରକାଶ ମହାନ୍ତି ଗତ ୮ ତାରିଖରେ ୫-ଟି ଅଧ୍ୟକ୍ଷ ଏବଂ ଶ୍ରମ ସଚିବଙ୍କୁ ଅଭିଯୋଗକରି କହିଥିଲେ, ହାଇଟେକ୍ ହସ୍ପିଟାଲ ଦୁର୍ଘଟଣା ଘଟଣାରେ କର୍ତ୍ତୃପକ୍ଷ ବେପରୁଆ ମନ୍ତବ୍ୟ ଦେବା ସାଙ୍ଗକୁ ନିଜ ଦୋଷ ଲୁଚାଇବାର ଅପଚେଷ୍ଟା କରୁଛନ୍ତି। ଇସି ଆକ୍ଟ ୪(କ) ଓ ଶ୍ରମ ଆଇନ ଅନୁସାରେ ଜରିମାନା ଓ ଆପରାଧିକ ମାମଲା ରୁଜୁ କରିବା ସହ ଧାରା ୧୨ ଅନୁଯାୟୀ ସମସ୍ତ ମୃତ ଏବଂ ଆହତ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ। ହସ୍ପିଟାଲ କର୍ତ୍ତୃପକ୍ଷ ଶ୍ରମିକମାନଙ୍କ ସୁରକ୍ଷା ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ବିପ୍ଳବଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଶ୍ରମ କମିଶନରଙ୍କୁ ଗୁରୁବାର ଘଟଣାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଚିଠି ଲେଖିଥିଲେ।

# ଜଙ୍ଗଲ ମ୍ୟାପିଂରେ ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୧୧।୧(ଅନିଲ ଦାସ)**

ବନୀକରଣ ପୂର୍ବରୁ,ବନୀକରଣ ସମୟରେ ଓ ପରେ ଜଙ୍ଗଲ ଆଚ୍ଛାଦନ ମ୍ୟାପିଂ ଅଧ୍ୟୟନ ପାଇଁ ଡ୍ରୋନ୍ ଟେକ୍ନୋଲୋଜି ବ୍ୟବହାର କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ବର୍ଷ ପରେ ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହି ବ୍ୟବସ୍ଥା କରାଗଲେ କେତେ ପରିମାଣରେ ଜଙ୍ଗଲ ସୃଷ୍ଟି ହୋଇଛି, ତାହାର ଠିକ୍ ଆକଳନ କରାଯାଇପାରିବ ବୋଲି ସେ କହିଛନ୍ତି। ଗୁରୁବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କ୍ଷତିପୂରଣ ବନୀକରଣ ପାଣ୍ଠି ପରିଚାଳନା ଓ ଯୋଜନା ପ୍ରାଧିକରଣ (କାମ୍ପା), ଓଡ଼ିଶାର ରାଜ୍ୟ ସ୍ତରୀୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପିସିସିଏଫ୍ ଓ ଏଚ୍ ଓଏଫ୍ ଦେବୀଦତ୍ତ ବିଶ୍ୱାଳ ବୈଠକରେ ୨୦୨୩-୨୪ ବର୍ଷ ପାଇଁ ବାର୍ଷିକ ପରିଚାଳନା ଯୋଜନା(ଏପିଓ) ଖର୍ଚ୍ଚ, ରାଜ୍ୟ କର୍ତ୍ତୃପକ୍ଷ କାମ୍ପାର ପାଣ୍ଠି ସ୍ଥିତି, ଏପିଓ ୨୦୨୪-୨୫ ପ୍ରଣୟନ, ଏପିଓର କାର୍ଯ୍ୟ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ଏପିଓ ୨୦୨୪-୨୫ କାର୍ଯ୍ୟକାରିତା ପାଇଁ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ବାର୍ଷିକ ପରିଚାଳନା ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ରେ ମୋଟ ବ୍ୟୟ ଅଟକଳ ୩୨୩୦.୩୨ କୋଟି ଥିବାବେଳେ ସେଥିମଧ୍ୟରୁ ୩୦୪୧.୧୭ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ଜାତୀୟ କର୍ତ୍ତୃପକ୍ଷ (କାମ୍ପା) ଦ୍ୱାରା ଅନୁମୋଦନ କରାଯାଇଥିଲା। ସେଥିରୁ ୩୦।୧୧।୨୦୨୩ ସୁଦ୍ଧା ୨୩୯୭.୯୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବାର୍ଷିକ ପରିଚାଳନା ଯୋଜନା ୨୦୨୩-୨୪ରେ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ୬୪୪.୫୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ବୈଠକରେ ବାର୍ଷିକ ପରିଚାଳନା ଯୋଜନା (ଏପିଓ) ୨୦୨୪-୨୫ ଅନୁମୋଦନ ପାଇଁ ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ବୃକ୍ଷରୋପଣ, ରକ୍ଷଣାବେକ୍ଷଣ, କ୍ଷତିପୂରଣ, ବନ୍ୟପ୍ରାଣୀ ପରିଚାଳନା ଯୋଜନାକୁ କାର୍ଯ୍ୟକାରୀ କରିବା, ସ୍ଥାନ ନିର୍ଦ୍ଦିଷ୍ଟ ଭିତ୍ତିରେ ବନ୍ୟପ୍ରାଣୀ ପ୍ରକଳ୍ପ, ନଷ୍ଟହୋଇଥିବା ବାଉଁଶ ଜଙ୍ଗଲ ପୁନରୁଦ୍ଧାର ଓ ଦକ୍ଷତା ବୃଦ୍ଧି ପାଇଁ ୧୦୪୪.୪୭ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି।



ନୂଆଦିଲ୍ଲୀଠାରେ ଅତିଥିଙ୍କଠାରୁ ବିଏମ୍‌ସି ମେୟର ସୁଲୋଚନା ଦାସ ଏବଂ କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ପୁରସ୍କାର ଗ୍ରହଣ କରୁଛନ୍ତି।

## ଓଡ଼ିଶା ୪ର୍ଥ ...

ମିଳିବା ସହ ରାଜ୍ୟରେ ପ୍ରଥମ ସହର ଭାବେ ସ୍ଥାନ ଅଧିକାର କରିଛି। ଏଥିପାଇଁ ଭୁବନେଶ୍ୱରକୁ ‘କ୍ଲିନ୍ ସିଟି ଇନ୍ ଓଡ଼ିଶା’ ପୁରସ୍କାର ମିଳିଛି। ୨୦୨୨ରେ ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେରେ ମୋଟ୍ ୭୫୦୦ ନମ୍ବର ରଖାଯାଇଥିବାବେଳେ ୨୦୨୩ରେ ଏହାକୁ ବୃଦ୍ଧି କରି ମୋଟ୍ ୯୫୦୦ ନମ୍ବର ରଖାଯାଇଥିଲା। ସେଥିରୁ ୫୧% ଅର୍ଥାତ୍ ୪୮୩୦ ମାର୍କ ସର୍ଭିସ ଲେଭଲ ପ୍ରୋଗ୍ରେସ୍ ବାବଦରେ ଥିବାବେଳେ ୨୬% ଅର୍ଥାତ୍ ୨୫୦୦ ମାର୍କ ସାର୍ଟିଫିକେଶନ୍ ଏବଂ ୨୩% ଅର୍ଥାତ୍ ୨୧୭୦ ମାର୍କ ସିଟିଜେନ୍ ଭଏସ୍ ବାବଦରେ ରହିଥିଲା। ଏହି ସବୁକୁ ମିଶାଇ ଭୁବନେଶ୍ୱରକୁ ସର୍ବେକ୍ଷଣରେ ମୋଟ୍ ୯୫୦୦ରୁ ୭୩୧୪.୯୦ ନମ୍ବର ମିଳିଛି। ଗୁରୁବାର ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ଅନ୍ୟ ଅଧିକାରୀମାନେ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆବର୍ଜନା ପରିଚାଳନା, ପ୍ଲାଷ୍ଟିକ୍ ଆବର୍ଜନାର ପରିଚାଳନା, ରିସାଇକେଲ, ରିୟୁଜ୍ ନୀତିର ପ୍ରୟୋଗ ଏବଂ ସଫେଇ କର୍ମଚାରୀଙ୍କ ସୁରକ୍ଷା ଆଦି ବିଭିନ୍ନ ଆଧାରରେ ର୍ୟାଙ୍କିଙ୍ଗ୍ କରାଯାଇଥାଏ। ୨୦୧୬ରୁ କେନ୍ଦ୍ର ସରକାର ଦେଶରେ ସ୍ୱଚ୍ଛ ସର୍ବେକ୍ଷଣ କରୁଛନ୍ତି। ଚଳିତ ବର୍ଷ ୪ ହଜାର ୪୭୭ଟି ସହରକୁ ସର୍ଭେରେ ସାମିଲ କରାଯାଇଥିଲା।

**ଟପ୍ ଟେନ୍ ତାଲିକାରେ ନାହିଁ ଓଡ଼ିଶାର କୌଣସି ସହର**

ଏଥର ମଧ୍ୟ ଓଡ଼ିଶାର କୌଣସି ସହର ଟପ୍ ଟେନ୍ ତାଲିକାରେ ସ୍ଥାନ ପାଇନାହିଁ। ଭୁବନେଶ୍ୱର ୩୪ତମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ୬୭୩୬.୭୦ ନମ୍ବରରେ ୬୨ତମ ସ୍ଥାନରେ ପୁରୀ ସହର ରହିଛି। ସେହିପରି ୯୯ତମ ସ୍ଥାନରେ ବାଲେଶ୍ୱର (୬୦୩୦.୧୦ ନମ୍ବର), ୧୧୧ତମ ସ୍ଥାନରେ ବ୍ରହ୍ମପୁର (୫୮୧୨.୨୦ ନମ୍ବର), ୧୧୯ତମ ସ୍ଥାନରେ ରାଉରକେଲା (୫୬୮୯.୮୦ ନମ୍ବର), ୧୬୩ତମ ସ୍ଥାନରେ ସମ୍ବଲପୁର (୪୭୬୧.୫୦ ନମ୍ବର), ୧୭୨ତମ ସ୍ଥାନରେ କଟକ (୪୬୮୧.୪୦ ନମ୍ବର) ଏବଂ ୨୨୯ତମ ସ୍ଥାନରେ ଭଦ୍ରକ ରହିଛି। ସର୍ଭେରେ ରାଜ୍ୟର ମୋଟ୍ ୧୧୪ଟି ପୌରପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ମହାନଗର ନିଗମ ଅଂଶଗ୍ରହଣ କରିଥିବାବେଳେ ମୋଟ୍ ୨ଟି ପୁରସ୍କାର ମିଳିଛି। ସେହିପରି ୬୨ଟି ଓଡିଏଫ୍, ୧୮ଟି ଓଡିଏଫ୍‌ପ୍ଲସ୍, ୩୩ଟି ଓଡିଏଫ୍ ପ୍ଲସ୍‌ପ୍ଲସ୍, ଗୋଟିଏ ୱାଟର ପ୍ଲସ୍, ୧୪ଟି ୱାନ୍‌ଷ୍ଟାର, ୨ଟି ଥ୍ରୀ ଷ୍ଟାର ମିଳିଛି।

## ଅଯୋଧ୍ୟା ଯିବେନାହିଁ ...

ରାମମନ୍ଦିର ଥିଲା। ତେଣୁ ଏହାର ନିର୍ମାଣ ଧର୍ମ ପାଇଁ ଏକ ଉପହାର କିମ୍ବା ବିଜୟୋଲ୍ଲାସ ନୁହେଁ। ଯିବାରେ କୌଣସି ପ୍ରତିବନ୍ଧକ ନ ଥିବା ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି। ଦେଶରୁ ଯେଉଁଦିନ ଗୋହତ୍ୟା ବନ୍ଦ ହେବ, ସେଦିନ ସେ ଅଯୋଧ୍ୟା ରାମମନ୍ଦିର ଯାଇ ଉତ୍ସାହର ସହ ପୂଜାର୍ଚ୍ଚନା କରିବେ। ଅଦାଲତଙ୍କ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଜମି ହିନ୍ଦୁଙ୍କର। ତାହାର ସେମାନେ ସଦୁପଯୋଗ କରିବେ କି ଦୁରୁପଯୋଗ, ତାହା ସେମାନଙ୍କର ବିବେକ ଉପରେ ନିର୍ଭର କରେ ବୋଲି ଅଭିମୁକ୍ତେଶ୍ୱରାନନ୍ଦ କହିଛନ୍ତି। ଶ୍ରୀଙ୍ଗେରୀ ଶାରଦାପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀଭାରତୀ ତୀର୍ଥଜୀ ମଧ୍ୟ ନିମନ୍ତ୍ରଣକୁ ଗ୍ରହଣ କରିନାହାନ୍ତି। ତାଙ୍କ ମତରେ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇନାହିଁ। ଅସମ୍ପୂର୍ଣ୍ଣ ମନ୍ଦିରରେ ଭଗବାନଙ୍କ ପ୍ରାଣପ୍ରତିଷ୍ଠା କରିବା ଠିକ୍ ନୁହେଁ। ଏଭଳି କାର୍ଯ୍ୟର ଧାର୍ମିକତାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅଯୋଧ୍ୟାରେ ଏସିଆର ସର୍ବବୃହତ୍ ମସ୍‌ଜିଦ ନିର୍ମାଣ ହେବାକୁ ଥିବାରୁ ଏହାକୁ ଶ୍ରୀଙ୍ଗେରୀ ଶଙ୍କରାଚାର୍ଯ୍ୟ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ରାମମନ୍ଦିର ନିର୍ମାଣରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଶଙ୍କରାଚାର୍ଯ୍ୟ କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କଠାରୁ ପରାମର୍ଶ ନେଇ ନ ଥିବାରୁ ଏହା ଆଧ୍ୟାତ୍ମିକ ନେତାମାନଙ୍କୁ ବାଦ୍ ଦେଇ ନିର୍ମାଣ ହୋଇଥିବା ଶ୍ରୀଭାରତୀ ତୀର୍ଥଜୀ କହିଛନ୍ତି। ଦ୍ୱାରକାପୀଠ ଶଙ୍କରାଚାର୍ଯ୍ୟ ଶ୍ରୀ ସ୍ୱାମୀ ସଦାନନ୍ଦ ସରସ୍ୱତୀ ମନ୍ଦିର ପ୍ରାଣପ୍ରତିଷ୍ଠା ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୁ ଶାସ୍ତ୍ର ମତରେ ପୌଷ ହେଉଛି ଏକ ଅପବିତ୍ର ମାସ। ତେଣୁ ଏହି ମାସରେ ଭଗବାନଙ୍କ ମୂର୍ତ୍ତିର ପ୍ରାଣପ୍ରତିଷ୍ଠା କରାଯିବା ଠିକ୍ ନୁହେଁ। ଭଗବାନ ରାମଙ୍କ ପବିତ୍ର ଜନ୍ମଦିନ ରାମନବମୀରେ ପ୍ରାଣପ୍ରତିଷ୍ଠା ଉତ୍ସବ ଅଧିକ ଉପଯୁକ୍ତ ହୋଇଥାନ୍ତା ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ଜାନୁଆରୀ ୨୨କୁ ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ବାଛିବା ପଛର ପ୍ରଥମ କାରଣ ରାଜନୀତି ବୋଲି ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି। ରାମନବମୀ ବେଳକୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିବ। ଫଳରେ ପ୍ରାଣପ୍ରତିଷ୍ଠା ଉତ୍ସବ ଭାଜପା ନେତାମାନଙ୍କୁ ବିଶେଷ ରାଜନୈତିକ ଫାଇଦା ଦେବନାହିଁ। ରାଜନୈତିକ ଦିଗକୁ ଲକ୍ଷ୍ୟ ରଖି ପ୍ରାଣପ୍ରତିଷ୍ଠା ନିଷ୍ପତ୍ତି ନିଆଯାଇଛି। ମନ୍ଦିର ସମ୍ପୂର୍ଣ୍ଣ ହେବା ପୂର୍ବରୁ ପ୍ରାଣପ୍ରତିଷ୍ଠା ଉପରେ ମଧ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି। ସୂଚନାଯୋଗ୍ୟ, ମନ୍ଦିର ପ୍ରାଣପ୍ରତିଷ୍ଠାର ସପ୍ତାହେ ପୂର୍ବରୁ ଅର୍ଥାତ୍ ୧୬ ତାରିଖରୁ ବୈଦିକ ରୀତିନୀତି ଅନୁଷ୍ଠିତ ହେବ। ବାରାଣସୀର ପୂଜକ ଲକ୍ଷ୍ମୀକାନ୍ତ ଦୀକ୍ଷିତ ୨୨ ତାରିଖର ପ୍ରାଣପ୍ରତିଷ୍ଠା ଉତ୍ସବର ମୁଖ୍ୟ ରୀତିନୀତି ସମ୍ପନ୍ନ କରିବେ। ସେଦିନ ମନ୍ଦିରରେ ମୂର୍ତ୍ତି ସ୍ଥାପନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିବେ।

ପ୍ରଥମ ପୃଷ୍ଠାରୁ...

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବ। ଫଳରେ ମାନସିକ ଅସ୍ଥିରତା ଭିତରେ ଚଳିବାକୁ ବାଧ୍ୟ ହେବେ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସୂଚନା ରହିଛି। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ସନ୍ଧ୍ୟାରେ ତାହା ପାଇବେ।

**ବୃଷ** – ରୋହିଣୀ ନକ୍ଷତ୍ର ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ ଯୋଜନା ସକାଶେ ମନ ବଳାଇବେ। ପିଲାଙ୍କ ସମସ୍ୟାକୁ ନେଇ ମନରେ ସରସତା ରହିବ ନାହିଁ। ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି କୌଣସି ଘରୋଇ କଥା ଭିତରେ ନିଜର ଅସୁବିଧା ଜଣାଇ ସାହାଯ୍ୟ ଭିକ୍ଷା କରିବେ।

**ମିଥୁନ** – ବାରମ୍ବାର ପ୍ରତିରୋଧ ବଢ଼ିବା ଦ୍ୱାରା ଅଟକି ରହିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେବେ। ଭୁଲ୍ ବୁଝାମଣା କିମ୍ବା ସନ୍ଦେହଜନିତ ପାରିବାରିକ ଦିଗଟି ବିଶେଷ ଭଲ ରହିବ ନାହିଁ।

**କର୍କଟ** – ଭାଇଙ୍କ ଅଭାବ ଅସୁବିଧା ସାଙ୍ଗକୁ କିମ୍ବା ସ୍ୱାସ୍ଥ୍ୟହାନି କାରଣକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି କାମ ହାସଲ ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିବାକୁ ଚେଷ୍ଟା କରିବେ। କ୍ରୀଡ଼ା ଓ ମନୋରଞ୍ଜନ ପ୍ରଭୃତିରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ପୁନର୍ବସୁ ନକ୍ଷତ୍ର ନୂତନ କାମ ସକାଶେ ମନ ବଳାଇ ପାରନ୍ତି।

**ସିଂହ** – ଅଫିସରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ, ଫଳରେ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ସମସ୍ୟା ସୃଷ୍ଟି କରିପାରନ୍ତି। କାରବାର, ପରିବହନ, ଷ୍ଟେଶନେରି ଦୋକାନୀ ଲାଭବାନ ହେବେ। ପାରିବାରିକ ସ୍ଥିତି ଭଲ ରହିବା କାରଣରୁ ମାନସିକ ସ୍ଥିତି ଭଲ ରହିବ।

**କନ୍ୟା** – ଆଜି ସହଜ ଓ ସୁବିଧାରେ କାମ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବେ। ସାଙ୍ଗସାଥୀଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ କିନ୍ତୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। କଳହରୁ ଦୂରେଇ ନ ରହିଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ତୁଳା** – ବନ୍ଧୁଙ୍କ ମନ ବୁଝିଲାଭଳି କଥା କହି ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ, ଏଣୁ ସତର୍କତାର ସହ କିଛି କହିବା ଭଲ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ଆଲୋଚନା କ୍ଷେତ୍ରରେ ଭୁଲ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ବିଛା** – ଆଜି ପୂର୍ବ ପରିକଳ୍ପିତ ଲକ୍ଷ୍ୟ ହାସଲରେ କୌଣସି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କୌଣସି ମହିଳାଙ୍କ ତରଫରୁ ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି ଯୋଜନା କରିବେ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିପାରନ୍ତି।

**ଧନୁ** – ଆର୍ଥିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ହାତରେ ଥିବା କାମକୁ ସମ୍ପନ୍ନ କରିପାରିବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି। ଫେରନ୍ତା ବାଟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନିର୍ମାଣାଧୀନ କାର୍ଯ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଭଲ।

**ମକର** – ଖଳଲୋକଙ୍କ କାନକୁହା କଥାରେ ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଭଲ ସମ୍ପର୍କ ନ ଥିବା, ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚେଷ୍ଟା କରି ମଧ୍ୟ କିଛି କ୍ଷତି କରିପାରିବେ ନାହିଁ।

**କୁମ୍ଭ** – ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ମାତ୍ର ଡରିବାର କିଛି କାରଣ ନାହିଁ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ପରିବହନ, ଯାନ୍ତ୍ରିକ ଶିଳ୍ପ, ଅଳଙ୍କାର ଦୋକାନୀ ବିଶେଷ ଭାବରେ ଉପକୃତ ହେବେ।

**ମୀନ** – ବିଭିନ୍ନ ପ୍ରକାର ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରୟନ୍ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଆଜି ଅର୍ଥ ପାଇବା ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବେ।

ଆଜି ଜାନୁଆରୀ ୧୨ ତାରିଖ, ପୌଷ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୨୭ ମି. ଗତେ, ଘ. ୦୭।୧୧ ମଧ୍ୟେ, ଘ.୦୭।୫୪ ଗତେ, ଘ୦୯।୧୧ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୨ ମି. ଗତେ, ଘ.୧୧।୫୪ ମଧ୍ୟେ ରାହୁକାଳ।

**ବାଇକ୍ ଦୁର୍ଘଟଣାରେ ୨ ମୃତ**

କାମାକ୍ଷାନଗର,୧୧।୧(ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମହୁଲି ଓଟିପିସିଏଲ୍ କଲୋନି ନିକଟରେ ଗୁରୁବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ମହୁଲି ଗ୍ରାମର ସାଗର ସାହୁ(୨୫) ଓ ଅଘିରାଗୋଡ଼ା ଗ୍ରାମର ଶିବରାମ ବେହେରା (୩୨)। ଏ ସଂକ୍ରାନ୍ତରେ ଥାନାରେ ନଂ. ୭/୨୪ରେ ଏକ ମାମଲା ରୁଜୁ ହୋଇଛି।

# ମନ୍ଦିର ବାରଣ୍ଡାରେ ଶିଶୁକୁ ପଥରରେ ଛେଚି ହତ୍ୟା

## ମୃତକଙ୍କ ହାତ, ଗୋଡ଼ କାଟି ସାଙ୍ଗରେ ନେଇଗଲେ ଅଭିଯୁକ୍ତ

ଡାବୁଗାଁ, ୧୧।୧(ପ୍ରଜ୍ଞାରଞ୍ଜନ ପରିଡ଼ା)

ମନ୍ଦିର ବାରଣ୍ଡାରେ ପୂଜାରୀଙ୍କ ଶିଶୁପୁତ୍ରଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହା ଦେଖି ପୂଜାରୀ ସଂଜ୍ଞାହୀନ ହୋଇପଡ଼ିବା ପରେ ଅଭିଯୁକ୍ତ ମୃତକଙ୍କ ହାତ ଗୋଡ଼ କାଟି ରକ୍ତ ପିଇବା ପରେ ତାହାକୁ ନେଇ ଘରକୁ ପଳାଇଛନ୍ତି। ଏଭଳି ଲୋମଟାଙ୍କୁରା ବୀଭତ୍ସ ଦୃଶ୍ୟ ଗୁରୁବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବୋରିଗାଁ ପଞ୍ଚାୟତ ମେଣ୍ଡ୍ରା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ମେଣ୍ଡ୍ରା ଗ୍ରାମ ନିକଟ ସରଗୁଲି ପାହାଡ଼ ଉପରେ ଥିବା ଶିବ ମନ୍ଦିରର ପୂଜକ ସନାଧର ପୂଜାରୀଙ୍କ ପୁଅ ଚନ୍ଦନ (୫)। ଅଭିଯୁକ୍ତ ଜଳେନ୍ଦ୍ର ସାନ୍ତା (୨୫)ଙ୍କୁ ପୋଲିସ ଗିରଫ କରିଛି।

ଗୁରୁବାର ସକାଳୁ ସନାଧର ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ପରେ ଚନ୍ଦନ ଜିଦ୍ କରି ଅଜାଙ୍କ ସହ ମନ୍ଦିରକୁ ଯାଇଥିଲେ। ମନ୍ଦିର ବାହାରେ ସେ ଖେଳୁଥିବାବେଳେ ପୂର୍ବାହ୍ନ ପ୍ରାୟ ୧୦.୩୦ ସମୟରେ ଗ୍ରାମର ଜଳେନ୍ଦ୍ର ସେଠାରେ ପହଞ୍ଚି ଥିଲେ। ସନାଧରଙ୍କ ସହ କୌଣସି କାରଣରୁ ତାଙ୍କର



ପୋଲିସ ଘଟଣାସ୍ଥଳରେ ତଦନ୍ତ କରୁଛି।

ପାଟିତୁଣ୍ଡ ହୋଇଥିଲା। ସେ ଏଥିରେ ଉତ୍କ୍ଷିପ୍ତ ହୋଇ ବାହାରେ ଖେଳୁଥିବା ଚନ୍ଦନଙ୍କୁ ମନ୍ଦିର ବାରଣ୍ଡାକୁ ଆଣି ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଘଟଣାସ୍ଥଳରେ ଚନ୍ଦନଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାଦେଖି ସନାଧର ଘଟଣାସ୍ଥଳରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଜଳେନ୍ଦ୍ର ମୃତ ଚନ୍ଦନଙ୍କ ଡାହାଣ ହାତ ଓ ବାମ ଗୋଡ଼ କାଟି ଦେଇ ମୃତଦେହରୁ ବାହାରୁଥିବା ରକ୍ତ ପିଇଥିଲେ। ଚେତା ଫେରିବା ପରେ ସନାଧର ପାଟି କରିଥିଲେ। ହତ୍ୟା ଖବରପାଇ ଲୋକମାନେ ପହଞ୍ଚିବାରୁ ଅଭିଯୁକ୍ତ ଜଳେନ୍ଦ୍ର କଟା ହାତ ଗୋଡ ଧରି ଗ୍ରାମକୁ ଦୌଡି ପଳାଇ ଆସିଥିଲେ। ଘର ବାରିପଟେ ଜାଳେଣି ପାଇଁ ଥିବା ଶୁଖିଲା ମକା ଗଛ ଗଦାତଳେ କଟା ହାତଗୋଡ଼କୁ ଲୁଚାଇ ଦେଇଥିଲେ। ପଛରେ ଆସୁଥିବା ଲୋକେ ଜଳେନ୍ଦ୍ରଙ୍କୁ କାବୁକରି ଏକ ଗଛରେ ବାନ୍ଧି ଡାବୁଗାଁ ପୋଲିସକୁ ଖବର ଦେଇଥିଲେ। ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଜଳେନ୍ଦ୍ରଙ୍କୁ ଗିରଫକରି ଥାନାକୁ ପଠାଇଥିଲେ। ପରେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହାପରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଧୁସ୍ମିତା ମିଶ୍ର ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଡାକ୍ତରଖାନାକୁ ପଠାଯାଇଥିଲା। ସନାଧର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି କେସ୍ ନଂ. ୯/୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ଜଳେନ୍ଦ୍ର ସାନ୍ତାଙ୍କୁ ଥାନାରେ ଅଟକ ରଖାଯାଇଛି।

# ଦକ୍ଷ ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଭାରତ ସବୁ ସମସ୍ୟାର ସମାଧାନ କରିବ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୧।୧(ସୁନିତ୍ ମିଶ୍ର)

ଦକ୍ଷ ଯୁବଶକ୍ତି ଏବଂ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଭାରତ ସମସ୍ତ ସମସ୍ୟାର ସମାଧାନ ପ୍ରଦାନ ପାଇଁ ପ୍ରସ୍ତୁତ ବୋଲି ଗୁରୁବାର ଗୁଜରାଟର ଗାନ୍ଧୀନଗର ଠାରେ ଆୟୋଜିତ ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍-୨୦୨୪ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍‌ର ୨ଟି ଅଧିବେଶନ ଯଥା ଭବିଷ୍ୟତ ପାଇଁ ଶ୍ରମଶକ୍ତି ନିର୍ମାଣ: ଶିଳ୍ପବିପ୍ଳବ ୪.୦ ପାଇଁ ଦକ୍ଷତା ବିକାଶ ଶୀର୍ଷକ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇଛନ୍ତି। ଏହାବ୍ୟତୀତ ଦକ୍ଷତା ବିକାଶ ପାଇଁ ଗ୍ଲୋବାଲ ନେଟ୍‌ୱର୍କକୁ ବିକଶିତ କରିବା ନେଇ ଆୟୋଜିତ ୨ୟ ଅଧିବେଶନରେ ଯୋଗଦେଇ ନିଜ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଭାରତରେ ଡେମୋଗ୍ରାଫିକ ଡିଭିଡେଣ୍ଡ ଓ ଗୁଣାତ୍ମକ ଶିକ୍ଷାନୁଷ୍ଠାନମାନ ଅଛି। ଏହା ମାଧ୍ୟମରେ ଭାରତ ସବୁ ପ୍ରକାର ସମାଧାନ ପ୍ରଦାନ ପାଇଁ ପ୍ରସ୍ତୁତ ଅଛି। ଦକ୍ଷତା ଏବଂ ଧନ୍ଦାମୂଳକ ଶିକ୍ଷା ବର୍ତ୍ତମାନ ଆନୁଷ୍ଠାନିକ ଭାବେ ଆମ ଶିକ୍ଷା ପରିସଂସ୍ଥାନର ଏକ ଅଂଶବିଶେଷ ହେବ, ଯେଉଁ ବିଷୟକୁ ପୂର୍ବରୁ ଏତେ ଗୁରୁତ୍ୱ ଦିଆଯାଉ ନ ଥିଲା। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଭାରତର ଷ୍ଟାର୍ଟଅପ୍ ଓ ଇନୋଭେସନ ଦେଶକୁ ଜ୍ଞାନ ଏବଂ ଦକ୍ଷତା କେନ୍ଦ୍ରରେ ପରିଣତ କରିଛି। ଯେତେବେଳେ ବିଶ୍ୱର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି, ସେତେବେଳେ ଭାରତ ଏହାର ଯୁବବର୍ଗଙ୍କ ଦ୍ୱାରା ସଶକ୍ତ ହୋଇଛି। ଆଗାମୀ ୨୫ରୁ ୩୦ ବର୍ଷ ମଧ୍ୟରେ କର୍ମକ୍ଷେତ୍ରରେ ଜନସଂଖ୍ୟା ଦୃଷ୍ଟିରୁ ଭାରତ ଅଗ୍ରଣୀ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେଣୁ ୨୦୪୭ ସୁଦ୍ଧା 'ବିକଶିତ ଭାରତ'ର ଲକ୍ଷ୍ୟ ହାସଲ କରିବାକୁ ହେଲେ ସମସ୍ତଙ୍କୁ ବିଶେଷ କରି ଯୁବବର୍ଗଙ୍କୁ ଅଧିକ ଯୋଗଦାନ ଦେବାକୁ ପଡ଼ିବ। ଭାଇବ୍ରାଣ୍ଟ ଗୁଜରାଟ ଗ୍ଲୋବାଲ ସମ୍ମିଟ୍ ଜାତୀୟ ପ୍ରାଥମିକତା ଭିତ୍ତିରେ ଦେଶର ବିକାଶ ଯାତ୍ରାକୁ ପ୍ରତିଫଳିତ କରିବା ଦିଗରେ ଏକ ଉତ୍ତମ ମାଧ୍ୟମ। ଶିକ୍ଷା ଏବଂ ଦକ୍ଷତା ଇକୋସିଷ୍ଟମରେ ଜାତୀୟ ଶିକ୍ଷା ନୀତି ଦେଶର ଯୁବଶକ୍ତିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ନାମଟେକ୍ ଏବଂ ଆଇଟିଇ, ସିଙ୍ଗାପୁର ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।

## ବଚସାରୁ ସ୍ତ୍ରୀସ୍ୱାମୀଙ୍କ ଆତ୍ମହତ୍ୟା

ବୈପାରିଗୁଡ଼ା,୧୧।୧(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ମାଝିଗୁଡ଼ା ପଞ୍ଚାୟତର ଭାଲିଆପଦର ଗ୍ରାମରେ ବୁଧବାର ରାତିରେ ଘଟିଛି ଏକ ଦୁଃଖଦ ଘଟଣା। ସ୍ତ୍ରୀ ଓ ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ବଚସାକୁ କେନ୍ଦ୍ରକରି ପ୍ରଥମେ ସ୍ତ୍ରୀ ଆତ୍ମହତ୍ୟା କରିଦେଇଥିଲେ। ଏହି ଦୁଃଖ ସହି ନ ପାରି ପରେ ସ୍ୱାମୀ ଆତ୍ମହତ୍ୟା କରି ଦେଇଥିବା ଜଣାପଡ଼ିଛି। ବୁଧବାର ରାତିରେ ଦିନୁ ପରଜା (୪୫) ଓ ସ୍ତ୍ରୀ ରୁକ୍ମିଣୀଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଦିନୁ ବାହାରକୁ ଚାଲିଯାଇଥିଲେ। ଏହି ସମୟରେ ରୁକ୍ମିଣୀ ଘର ଭିତରେ ଦଉଡି ଲଗାଇ ଆତ୍ମହତ୍ୟା କରି ଦେଇଥିଲେ। ଘର ଭିତରୁ କିଛି ଶବ୍ଦ ଶୁଣି ପଡ଼ୋଶୀ ଲୋକେ ଓ ସ୍ୱାମୀ ଦିନୁ ଘର ଭିତରକୁ ଆସି ଦେଖିବା ବେଳକୁ ରୁକ୍ମିଣୀଙ୍କ ମୃତଦେହ ଝୁଲୁଥିଲା। ଦିନୁ ମର୍ମାହତ ହୋଇ ସେହି ରାତିରେ ଘରଠାରୁ କିଛି ଦୂରରେ ଥିବା ଏକ କାଜୁବାଡ଼ରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ସରକାରୀ କ୍ୱାର୍ଟର୍ସରେ ବିଡିଓଙ୍କ ଝୁଲନ୍ତା ମୃତଦେହ

## ଛୁଟି ମିଳୁ ନ ଥିବାରୁ ମାନସିକ ଚାପରେ ଥିଲେ: ପରିବାର

ସିମୁଳିଆ(ସନ୍ତୋଷ ନାୟକ)/ ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ), ୧୧।୧

ବାଲେଶ୍ୱର ଜିଲା ସିମୁଳିଆ ବିଡିଓ ବିଶ୍ୱରଞ୍ଜନ ମହାନ୍ତି(୫୮)ଙ୍କ ଝୁଲନ୍ତା ମୃତଦେହ ଗୁରୁବାର ସନ୍ଧ୍ୟାରେ ସରକାରୀ କ୍ୱାର୍ଟର୍ସରୁ ଜବତ କରାଯାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଡିଓଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦାରେ ବୋଲି ସୂଚନା ମିଳିଛି। ବିଡିଓଙ୍କ ଏଭଳି ମୃତ୍ୟୁକୁ ତାଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ଅତ୍ୟଧିକ କାମ ଚାପ ଯୋଗୁ ସେ ମାନସିକ ଅବସାଦରେ ଥିଲେ। ସେ କାର୍ଯ୍ୟରେ ଯୋଗ ଦେବା ଦିନଠାରୁ ତାଙ୍କୁ ଛୁଟିମିଳିନ ଥିବା ତାଙ୍କ ବାପା ନରେନ୍ଦ୍ର ପ୍ରସାଦ ମହାନ୍ତି ଗଣମାଧ୍ୟମ ଆଗରେ କହିଛନ୍ତି।

ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଡିଓ ମହାନ୍ତି ବ୍ଲକ କାର୍ଯ୍ୟାଳୟକୁ ଯାଇ



ବିଡିଓ ବିଶ୍ୱରଞ୍ଜନ ମହାନ୍ତି

ଅଧଘଣ୍ଟା କାର୍ଯ୍ୟ କରିଥିଲେ। ଏହାପରେ ଅସୁସ୍ଥତା ଅନୁଭବ କରିବାରୁ ନିଜ କ୍ୱାର୍ଟର୍ସକୁ ଫେରିଆସିଥିଲେ। ଅପରାହ୍ନ ୪ଟାରେ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂରେ ବୈଠକ ଥିବାରୁ ବିଡିଓଙ୍କୁ ଖୋଜାପଡିବା ସହିତ ବାରମ୍ବାର ତାଙ୍କ ମୋବାଇଲକୁ ଫୋନ କରାଯାଇଥିଲା। ବିଡିଓ ଫୋନ ନ ଉଠାଇବାରୁ ଜଣେ ପିଅନଙ୍କୁ ତାଙ୍କ କ୍ୱାର୍ଟର୍ସକୁ ପଠାଯାଇଥିଲା। ତେବେ ଭିତରପଟୁ କବାଟ ବନ୍ଦ ଥିବା ପିଅନ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକଙ୍କୁ ଜଣାଇଥିଲେ। ବ୍ଲକ ଅଧ୍ୟକ୍ଷ ମଲ୍ଲିକ ପୋଲିସ ଓ ତହସିଲଦାରଙ୍କୁ ଖବର ଦେଇଥିଲେ। କବାଟ ଖୋଲାଯିବା ପରେ ଫ୍ୟାନରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ ଯେ, ବିଡିଓ ୨୦୨୩ ଅକ୍ଟୋବର ୨୫ତାରିଖରେ ସିମୁଳିଆରେ ଯୋଗ ଦେଇଥିଲେ। ସେ କ୍ୱାର୍ଟର୍ସରେ ଏକାକୀ ରହୁଥିଲେ। ୨ବର୍ଷ ପରେ ସେ ଅବସର ନେଇଥାନ୍ତେ। ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଏଭଳି ସନ୍ଦେହଜନକ ମୃତ୍ୟୁକୁ ନେଇ ନାନା ଆଲୋଚନା ହେଉଛି। ଏହି ଘଟଣା ସମ୍ପର୍କରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ୍ ଯୋଗେ ଚେଷ୍ଟା କରାଯାଇଥିଲେ ହେଁ, କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଭିମ୍‌ସାରରୁ ଡିସ୍‌ଚାର୍ଜ ହେଲେ ବିଜୟିନୀ

■ ପରିତ୍ୟକ୍ତ ବୋର୍‌ୱେଲ ମଧ୍ୟରୁ ଉଦ୍ଧାର ହୋଇଥିଲେ

ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳର ଏକ ପରିତ୍ୟକ୍ତ ବୋର୍‌ୱେଲରୁ ଉଦ୍ଧାର ହୋଇ ଦୀର୍ଘ ଏକମାସ ଧରି ଭିମ୍‌ସାର ଶିଶୁ ବିଭାଗରେ ଚିକିତ୍ସାଧୀନ ଥିବା ଶିଶୁକନ୍ୟା ବିଜୟିନୀ ସୁସ୍ଥ ହୋଇ ଗୁରୁବାର ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଶିଶୁ ସୁରକ୍ଷା ସମିତି ଅନୁମତି ପ୍ରଦାନ କରିବା ପରେ ବିଜୟିନୀଙ୍କୁ ଜିଲା ଶିଶୁ କଲ୍ୟାଣ କମିଟି ଜରିଆରେ ଛଞ୍ଚାନପାଲିସ୍ଥିତ ରୁକ୍ମିଣୀଲାଠ ବାଲ ନିକେତନ ପରିସରରେ ଥିବା ଆଡପ୍‌ଶନ ଏଜେନ୍ସିକୁ ସ୍ଥାନାନ୍ତର କରାଯାଇଛି। ଭିମ୍‌ସାର ଏସ୍‌ଏନ୍‌ସିୟୁରେ ଏହି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଭିମ୍‌ସାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡା. ବିମଳ ପଣ୍ଡା, ଅଧୀକ୍ଷକ ଡା. ଲାଲମୋହନ ନାୟକ, ଏସ୍‌ଏନ୍‌ସିୟୁ ମୁଖ୍ୟ ଶିଶୁରୋଗ ବିଶେଷଜ୍ଞ ଡା. ସଂଯୁକ୍ତା ପଣ୍ଡା, ଡା. ଶଙ୍କର ରାମଚନ୍ଦାନୀ ପ୍ରମୁଖଙ୍କ ଉପସ୍ଥିତିରେ ଶିଶୁକନ୍ୟାକୁ ଜିଲା ଶିଶୁ କଲ୍ୟାଣ କମିଟିର



ଶିଶୁ ସ୍ଥାନାନ୍ତର ସମୟରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ବବିତା କର ଓ ଆଡପ୍‌ଶନ ଏଜେନ୍ସିର ଦୁଇଜଣ ସେବିକାଙ୍କୁ ହସ୍ତାନ୍ତର କରିଛନ୍ତି। ଡିସେମ୍ବର ୧୨ରେ ରେଙ୍ଗାଲି ବ୍ଲକ ଲାରିପାଲି ପଞ୍ଚାୟତ ଜଙ୍ଗଲ ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବୋର୍‌ୱେଲ ମଧ୍ୟରୁ ଉକ୍ତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିଲା। ପରେ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ଶିଶୁକୁ ତୁରନ୍ତ ଭିମ୍‌ସାର ଏସ୍‌ଏନ୍‌ସିୟୁ ବିଭାଗରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା।

## ମିଶନ ଛାତ୍ରାବାସରେ ଯୌନ ନିର୍ଯାତନା: ଫାଦର ଗିରଫ

କୁତ୍ରା,୧୧।୧(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ଗମାରଡିହିସ୍ଥିତ ଏକ ମିଶନ ବିଦ୍ୟାଳୟ ଛାତ୍ରାବାସରେ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ନୂଆଗାଁ ଅଞ୍ଚଳରୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୀରମିତ୍ରପୁର ଥାନା ପାତଲକାଣ୍ଡ ଗ୍ରାମର ଫାଦର ରୋଶନ ପ୍ରଦୀପ ଖେସ୍। ଡାକ୍ତରୀମାଇନା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଉଚ୍ଛେଦ ବେଳେ ବିଷ ପିଇଲେ ମହିଳା

## ସରକାରୀ ଜମିରେ ଆବାସ ଘର

ହାଟଡିହୀ,୧୧।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ ଅଧୀନ ଗେଡ଼ମା ପଞ୍ଚାୟତ ଜଳସରପୁର ଗ୍ରାମରେ ଏକ ସରକାରୀ ଜମିରେ ହୋଇଥିବା ଆବାସ ଘର ଉଚ୍ଛେଦ ବେଳେ ଅଭାବନୀୟ ଘଟଣା ଘଟିଛି। ଉଚ୍ଛେଦକୁ ବିରୋଧ କରି ଜଣେ ମହିଳା(ଘର ମାଲିକ) ବିଷ ପିଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗ୍ରାମର ପ୍ରେମଲତା ନାୟକଙ୍କ ଜମି ସମ୍ମୁଖରେ ଥିବା ସରକାରୀ ଜାଗା (ଖାତା ନଂ. ୪୧୫ ଏବଂ ପ୍ଲଟ ନଂ. ୧୧୭୧)କୁ ଗ୍ରାମର ରଞ୍ଜନ ଧଳ ଜବରଦଖଲ କରିଥିଲେ। ଫଳରେ ପ୍ରେମଲତା ନିଜ ଜମିକୁ ଯିବା ଆସିବା କରିବାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ଏ ବାବଦରେ ପ୍ରେମଲତା ୨୦୨୩ରେ ଥାନା ଓ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କୌଣସି ପଦକ୍ଷେପ ନିଆ ନ ଯିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେସ ନଂ. ଡବ୍ଲ୍ୟୁ.ପି. (ସି)୧୯୬୬୯/୨୦୨୩ର ଶୁଣାଣି କରି ଏକ ଫାଇନାଲ ଅର୍ଡର ପାସ କରିବା ପାଇଁ ହାଇକୋର୍ଟ ହାଟଡ଼ିହୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଗୁରୁବାର ତହସିଲ କର୍ମଚାରୀ ଏବଂ ନନ୍ଦିପଦା ପୋଲିସ ଉପସ୍ଥିତିରେ ରଞ୍ଜନଙ୍କ ଗୃହ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ରଞ୍ଜନଙ୍କ ସ୍ତ୍ରୀ କନକଲତା ବିଷ ପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଶାଳନିଆ ସିଏଚ୍‌ସି ଏବଂ ପରେ ଭଦ୍ରକ ମେଡିକାଲ ନିଆଯାଇଛି। ସୂଚନା ଯୋଗ୍ୟ କନକଲତା ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ନିର୍ମାଣ କରି ଦୀର୍ଘ ବର୍ଷ ହେବ ପରିବାର ସହ ବସବାସ କରୁଥିଲେ। ଏନେଇ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ର କହିଛନ୍ତି, ହାଇକୋର୍ଟଙ୍କ ଅର୍ଡର ଅନୁଯାୟୀ ଗୃହ ଉଚ୍ଛେଦ କରାଯାଇଥିଲା। ସେହି ସମୟରେ ମହିଳା ଜଣଙ୍କ ବିଷ ପିଇଦେଇଥିଲେ। ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରାଯାଇଥିଲା।

# ଜାତୀୟ ପ୍ରାଣିଧନ ମିଶନ ଆନୁକୂଲ୍ୟରେ ଉଦ୍ୟମିତା ବିକାଶ କର୍ମଶାଳା

ଭୁବନେଶ୍ୱର, ୧୧।୧(ସୁନିତ୍ ମିଶ୍ର)

ଜାତୀୟ ପ୍ରାଣିଧନ ମିଶନ ଅଧୀନରେ ଉଦ୍ୟୋଗ ବିକାଶ ଉପରେ ଏକ କର୍ମଶାଳା ଗୁରୁବାର ଭୁବନେଶ୍ୱରର ଭବନ କନ୍‌ଭେନସନ୍ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପ୍ରାଣୀ ପାଳନ ଓ ଦୁଗ୍ଧ ଉତ୍ପାଦନ ବିଭାଗର ମିଳିତ ସହଯୋଗରେ ଆୟୋଜିତ କର୍ମଶାଳାର ଉଦ୍ଦେଶ୍ୟ ଥିଲା ବ୍ୟାଙ୍କଗୁଡିକ ଦ୍ୱାରା କ୍ରେଡିଟ୍ ଲିଙ୍କ୍ ମାଧ୍ୟମରେ ପ୍ରାଣୀ ପାଳନ ୟୁନିଟ୍ ପ୍ରତିଷ୍ଠା ଓ ରାଜ୍ୟର ଉଦ୍ୟୋଗୀଙ୍କୁ ସଚେତନ କରିବା। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି, ପ୍ରାଣୀ ପାଳନ କ୍ଷେତ୍ରରେ ନିରନ୍ତର ଅଭିବୃଦ୍ଧି ପାଇଁ ୨୦୧୪-୧୫ରେ ଜାତୀୟ ପ୍ରାଣିଧନ ମିଶନ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ କୁକୁଡ଼ା, ମେଣ୍ଢା, ଛେଳି, ଏବଂ ଘୁଷୁରି ଫାର୍ମ ପ୍ରତିଷ୍ଠା, ଫିଡ୍ ଏବଂ ଫଡର ବିକାଶ ସହ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରି ଜୀବିକା ସୁଯୋଗକୁ ବୃଦ୍ଧି କରିବା ପାଇଁ ଏହା ପରିକଳ୍ପନା କରାଯାଇଛି। ଜାତୀୟ ପ୍ରାଣିଧନ ମିଶନ ଅଧୀନରେ ବିଭିନ୍ନ ପ୍ରାଣୀ ପାଳନ ସମ୍ବନ୍ଧୀୟ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୫୦% ସବ୍‌ସିଡି ଯୋଗାଇ ଦିଆଯାଉଛି।

## ଚିତାବାଘ ଛାଲ ଜବତ: ୨ ଗିରଫ

ଘଣ୍ଟାପଡ଼ା,୧୧।୧(ପ୍ରଭାତ କୁମାର ସାହୁ)

ବୁଧବାର ରାତିରେ ବଲାଙ୍ଗୀର ବନ ବିଭାଗ ପକ୍ଷରୁ ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଅଧୀନ ଘଣ୍ଟାପଡ଼ା ସେକ୍ସନର ଫଟାମୁଣ୍ଡା ଗ୍ରାମରେ ଚଢ଼ାଉ ପରେ ଗୋଟିଏ ଚିତାବାଘ ଛାଲ ଜବତ କରାଯାଇଛି । ୨ ଅଭିଯୁକ୍ତ ଫଟାମୁଣ୍ଡା ଗ୍ରାମର ଦିବ୍ୟଶଙ୍କର ବଗର୍ତ୍ତୀ ଓ ମୁକେଶ ମନହୀରାଙ୍କୁ ଗିରଫ କରାଯାଇ ଗୁରୁବାର ବଲାଙ୍ଗୀର କୋର୍ଟକୁ ଚାଲାଣ କରାଯାଇଛି।

## ଗ୍ୟାସ୍‌ରୁ ନିଆଁ ଲାଗି ବୃଦ୍ଧା ମୃତ

ହାଟଡ଼ିହୀ,୧୧।୧(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ରମ୍ଭାସ ଗ୍ରାମରେ ଗ୍ୟାସ୍‌ରେ ରୋଷେଇ କରୁଥିବା ବେଳେ ନିଆଁ ଲାଗି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୀତାମ୍ବର ମଲିକଙ୍କ ପତ୍ନୀ ପାର୍ବତୀ ମଲିକ। ସେ ଗୁରୁବାର ଗ୍ୟାସରେ ରୋଷେଇ କରୁଥିବାବେଳେ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ପାର୍ବତୀଙ୍କ ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ପାର୍ବତୀଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ସମୂହ ଇସ୍ତଫା ଦେଲେ ୨୨ ସରପଞ୍ଚ

## ଅର୍ପଣ ରଥ ପରିକ୍ରମାରେ ଅଣଦେଖା ଅଭିଯୋଗ

କେନ୍ଦୁଝର,୧୧।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ୨୨ ପଞ୍ଚାୟତର ସରପଞ୍ଚ ଗୁରୁବାର ନାଟକୀୟ ଢଙ୍ଗରେ ସମୂହ ଇସ୍ତଫା ଦେଇଛନ୍ତି। ଶ୍ରୀଜଗନ୍ନାଥ ପରିକ୍ରମା ଅର୍ପଣ ରଥ କାର୍ଯ୍ୟକ୍ରମ ପରିଚାଳନାରେ ବ୍ୟତିକ୍ରମ ଓ ସେମାନଙ୍କୁ ଅଣଦେଖା ଅଭିଯୋଗ କରି ବ୍ଲକ୍ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଇସ୍ତଫାପତ୍ର ପ୍ରଦାନ କରାଯାଇଛି। ଏଥିସହ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ଇସ୍ତଫାପତ୍ର ଦେବାକୁ ଆସିଥିବା ବେଳେ ଦେଖା ହୋଇପାରି ନ ଥିବା ସଲେଇକେନା ସରପଞ୍ଚ ପାଙ୍ଗେଲା ମୁଣ୍ଡା ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ, ବ୍ଲକ୍ ପ୍ରଶାସନର ଅଣଦେଖା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ବାବଦରେ ଘୋଷଣା ଅର୍ଥ ରାଶିର ମନମାନି ଖର୍ଚ୍ଚ ହେଉଛି। ଫଳରେ ଏହାକୁ ନେଇ ସେମାନେ ଲୋକଙ୍କ ପ୍ରଶ୍ନର କୌଣସି ଉତ୍ତର ଦେଇପାରୁ ନ ଥିବା କହିଛନ୍ତି। ଏହାଦ୍ୱାରା ସେମାନଙ୍କ ଗଣତାନ୍ତ୍ରିକ କ୍ଷମତା କ୍ଷୁଣ୍ଣ ହେଉଥିବା ବେଳେ ସେମାନଙ୍କ ସ୍ୱାଧୀନତା ଓ ମୌଳିକ ଅଧିକାରକୁ ଜୋରଜବରଦସ୍ତ ବନ୍ଦ



ତେଲକୋଇ ବ୍ଲକ୍‌ର ୨୨ ସରପଞ୍ଚ।

କରିଦିଆଯାଉଥିବା ଅଭିଯୋଗ କରି ଏଭଳି ସମୂହ ଇସ୍ତଫା ଦେଇଥିବା ଜଗମୋହନପୁର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପ୍ରଦାନ, ରାଇସୁଆଁ ସରପଞ୍ଚ ବାଗେନ ଚମ୍ପିଆ, ତେଲକୋଇର ରଶ୍ମିତା ନାୟକ, ଦେଉଳଡ଼ିଆର ପ୍ରିୟଙ୍କା ଦଳବେହେରା, ଛାମୁଣ୍ଡାର ସୁଷମା ନାୟକ, ପଡ଼ାଙ୍ଗର ଦିଲେଶ୍ୱର ନାୟକ, ସିଗିଳାର ମୋହନ କୁମାର ନାୟକ, ବିମଳାର ପ୍ରସନ୍ନ ନାୟକ, ଝିଙ୍କବାହାଲର ସୌମେନ୍ଦ୍ର କୁମାର ନାୟକ, କରଦାଙ୍ଗି ସରପଞ୍ଚ କବିତା ମୁଣ୍ଡା ପ୍ରମୁଖ କହିଛନ୍ତି। ଏ ନେଇ ତେଲକୋଇ ବିଡିଓ ଗୀତା ମୁର୍ମୁ କହିଛନ୍ତି, ସେ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ କାମ କରୁଛନ୍ତି। ପ୍ରଥମେ ସରପଞ୍ଚମାନଙ୍କୁ ଖର୍ଚ୍ଚ କରିବାକୁ କୁହାଗଲା। କିନ୍ତୁ ସରପଞ୍ଚ ସଂଘ ପକ୍ଷରୁ ସମସ୍ତ ଅର୍ଥ ଦେବାକୁ ଦାବି କରାଯାଉଛି। ତେବେ ସେମାନେ ନେଇଥିବା ଅର୍ଥର ଖର୍ଚ୍ଚ ହିସାବ ଦେବାକୁ କୁହାଯାଇଛି। ଆସିଥିବା ଅର୍ଥରୁ କିଛି ସ୍ଥାନୀୟ ଅଞ୍ଚଳରେ ଥିବା ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିରର ସମ୍ପୂର୍ଣ୍ଣ ପାଇଁ ଦେବାକୁ କୁହାଯାଇଥିଲା ଏବଂ ପରେ ଏକ ଲକ୍ଷ ଟଙ୍କାରେ ଏହି କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାକୁ କୁହାଗଲା। ଏହାକୁ ନେଇ ସେମାନେ ଭିନ୍ନ ମତବ୍ୟକ୍ତ କରିଛନ୍ତି। ଏ ନେଇ ସେମାନଙ୍କୁ ବୁଝାଇଥିଲେ ହେଁ ନ ଶୁଣିବାରୁ ଉଚ୍ଚ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ଏଣୁ ଉପଜିଲାପାଳ ଓ ଜିଲାପାଳଙ୍କ ପାଖକୁ ଯାଇଛନ୍ତି।

ପ୍ରକାଶଯୋଗ୍ୟ, ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଅର୍ପଣ ରଥ ବିଭିନ୍ନ ବ୍ଲକ୍‌ରେ ଗାଁ ଗାଁ ବୁଲି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତକୁ ୨ ଲକ୍ଷ ଟଙ୍କା ସରକାର ଘୋଷଣା କରିଛନ୍ତି। ତେବେ ଏହି ଖର୍ଚ୍ଚ କିଭଳି ହେବ ସେନେଇ ଗାଇଡ୍‌ଲାଇନ ପ୍ରସ୍ତୁତ ହୋଇଛି। ତଦନୁଯାୟୀ ଏହାର ଖର୍ଚ୍ଚ ହିସାବ ମଧ୍ୟ ଦେବାକୁ ପଡ଼ିବ।

# ଗାଁକୁ ଆସିଲେ ଗ୍ରାମବାସୀ, ପରିବାରଙ୍କୁ ଦିଆଯାଏ ନିର୍ଯାତନା

## ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ବିସ୍ଫୋରକ ବୟାନ

ମାଲକାନଗିରି,୧୧।୧ (ଦୁର୍ଯ୍ୟୋଧନ ପାତ୍ର)

୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଉଙ୍ଗି ମାଡବୀ ମାଲକାନଗିରି ଏସ୍‌ପିଙ୍କ ନିକଟରେ ବୁଧବାର ଆତ୍ମସମର୍ପଣ କରିଥିଲେ। ଗୁରୁବାର ଏସ୍‌ପି ନୀତେଶ ବାଧ୍ୱାନୀ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀ ଉଙ୍ଗିଙ୍କ ଏକ ବିସ୍ଫୋରକ ବୟାନର ଅଡିଓ ଗଣମାଧ୍ୟମକୁ ଦେଇଛନ୍ତି। ସେଥିରେ ଉଙ୍ଗି କହିଛନ୍ତି, ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଥିବା ସମୟରେ ନିଜ ଗ୍ରାମକୁ ଆସିବାବେଳେ ମାଓବାଦୀମାନେ ଆମ ଗ୍ରାମକୁ ଆସି ଗ୍ରାମବାସୀଙ୍କୁ ମାରପିଟ କରିବା ସହ ନିର୍ଯାତନା ଦେଉଛନ୍ତି। ତେଣୁ ଏପରି ନିର୍ଯାତନାକୁ ସହି ନ ପାରି ଅନେକ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଯଦି କୌଣସି କାରଣରୁ ଗ୍ରାମବାସୀ କିମ୍ବା ପରିବାର ବର୍ଗଙ୍କୁ ଦେଖିବାକୁ ଆସିଲେ ଗ୍ରାମବାସୀ ଓ ପରିବାରବର୍ଗ ନିର୍ଯାତିତ ହୁଅନ୍ତି। ସେପରି ସଂଗଠନରେ ରହିବା ଉଚିତ ମନେ ନ କରି ଆତ୍ମସମର୍ପଣ କରି



ଉଙ୍ଗି ମାଡବୀ

ଆଗାମୀ ଦିନରେ ପରିବାର ଓ ଗ୍ରାମ ଲୋକଙ୍କ ସହ ସୁଖରେ ଜୀବନ କାଟିବେ ବୋଲି ସେ କହିଛନ୍ତି। ତାଙ୍କ ପରି ଅନେକ ମାଓବାଦୀଙ୍କ ପରିବାର ଓ ଗ୍ରାମବାସୀଙ୍କୁ ରାତିରେ ଆସି ନିର୍ଯାତନା ଦିଆଯାଉଥିବା ସେ ପ୍ରକାଶ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି।



## ଗରିବ ତୀର୍ଥଯାତ୍ରୀଙ୍କ ପାଇଁ ଧର୍ମଶାଳା

ବଡ଼ଦାଣ୍ଡରେ ଶୀତ କାକରରେ ଖୋଲା ଆକାଶ ତଳେ କେହି ରାତି କାଟିବେ ନାହିଁ। ଏପରି କି ହୋଟେଲ ଓ ଲଜ୍‌ରେ ରହଣି ପାଇଁ ଚଢ଼ା ଦରର ଶିକାର ହେବାକୁ ପଡ଼ିବ ନାହିଁ। ଗରିବ ଭକ୍ତଙ୍କ ରହଣି ପାଇଁ ଶ୍ରୀକ୍ଷେତ୍ରରେ ଉପଲବ୍ଧ ହେବ ଶସ୍ତାରେ ଧର୍ମଶାଳା। ରାଜ୍ୟ ସରକାର ଗରିବ ତୀର୍ଥଯାତ୍ରୀଙ୍କୁ ଆତିଥେୟତା ଦେବା ପାଇଁ ନିର୍ମାଣ କରୁଛନ୍ତି ଶସ୍ତା ଧର୍ମଶାଳା। ମାତ୍ର ୨ଶହରୁ ୪ଶହ ଟଙ୍କା ଦେଇ ଭକ୍ତମାନେ ଶ୍ରୀକ୍ଷେତ୍ରରେ ଛାତ ତଳେ ରାତି ବିତାଇପାରିବେ। ବାସେଳି ସାହି ଥାନା ପଛପାର୍ଶ୍ୱରେ ୧୦ ଏକର ଜମିରେ ନିର୍ମିତ ହେଉଛି ଧର୍ମଶାଳା। ଏହା ମଧ୍ୟରେ ପ୍ରାୟ ୩ ହଜାର ତୀର୍ଥଯାତ୍ରୀ ତଥା ଭକ୍ତ ଏକକାଳୀନ ରହିବାର ସୁବିଧା ପାଇପାରିବେ। ଭକ୍ତଙ୍କୁ ଖାଦ୍ୟ ଯୋଗାଇଦେବା ପାଇଁ କ୍ୟାଣ୍ଟିନ୍‌ର ମଧ୍ୟ ବ୍ୟବସ୍ଥା ରହିବା ନେଇ ପରିକଳ୍ପନା କରାଯାଇଛି। ୧୩୫.୬ କୋଟି ଟଙ୍କାରେ ନିର୍ମିତ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୪ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଶେଷକରି ଗରିବ ଓ ବରିଷ୍ଠ ନାଗରିକମାନେ ଯେପରି ପୁରୀରେ ରହିବାକୁ ଅର୍ଥର ବୋଝ ନ ମୁଣ୍ଡାନ୍ତି, ସେଥିପାଇଁ ସରକାର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପର ପରିକଳ୍ପନା କରିଛନ୍ତି।



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଉତ୍ସବମୁଖର ହୋଇଉଠୁଛି ସାରା ରାଜ୍ୟ। ରାଜ୍ୟବାସୀଙ୍କୁ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଜୟଜଗନ୍ନାଥ ଅର୍ପଣ ରଥ ବୁଲୁଛି। ଏହି କ୍ରମରେ ଗୁରୁବାର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଉଛି। ରଥ ବୁଲିବା ସମୟରେ ଲୋକମାନେ ଚାଉଳ ଓ ଗୁଆ ଦାନ କରି ପୂଜାର୍ଚ୍ଚନା କରୁଛନ୍ତି।



ବାଲେଶ୍ୱର

## ଭକ୍ତ ଦେଖିବେ ମହାପ୍ରଭୁଙ୍କ ପ୍ରତୀକ ବେଶ

ମହାପ୍ରଭୁଙ୍କ ୧୨ ମାସରେ ତେର ଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ଦୈନନ୍ଦିନ ତଥା ବର୍ଷର ବିଭିନ୍ନ ଦିବସରେ ଶ୍ରୀବିଗ୍ରହମାନେ ଅନେକ ବେଶରେ ଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ତେବେ ମହାପ୍ରଭୁଙ୍କ ସମସ୍ତ ବେଶକୁ ଦର୍ଶନ କରିବା ସମସ୍ତ ଭକ୍ତମାନଙ୍କ ନିମନ୍ତେ ସମ୍ଭବ ପର ହୋଇ ନ ଥାଏ। ତେଣୁ ଗୋଟିଏ ସ୍ଥାନରେ ମହାପ୍ରଭୁଙ୍କ ବିଭିନ୍ନ ବେଶର ପ୍ରତୀକାତ୍ମକ ବେଶର ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଭକ୍ତମାନେ ମହାପ୍ରଭୁଙ୍କ ପ୍ରାୟ ୨୫ପ୍ରକାରର ବେଶ ଦର୍ଶନ କରିପାରିବେ। ଏଥିରେ ମହାପ୍ରଭୁଙ୍କ ଅବକାଶ ବେଶଠାରୁ ଆରମ୍ଭ କରି ଦୁର୍ଲଭ ରଘୁନାଥ ବେଶ ରହିବ। ମହାପ୍ରଭୁଙ୍କ ଉକ୍ତ ବେଶଗୁଡ଼ିକ ଗଙ୍ଗାମଠ ପରିସରରେ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ବେଶ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏଥିପାଇଁ ଶ୍ରୀବିଗ୍ରହମାନଙ୍କ ଛୋଟ ଛୋଟ ମୂର୍ତ୍ତି ନିର୍ମାଣ କରାଯାଇଛି। ଶ୍ରୀବିଗ୍ରହମାନଙ୍କ ଉଚ୍ଚତା ୩ ଫୁଟ ରଖାଯାଇଛି। ବୈଶାଖ ମାସଠାରୁ ଆରମ୍ଭ କରି ଚୈତ୍ରମାସ ପର୍ଯ୍ୟନ୍ତ ଶ୍ରୀବିଗ୍ରହଙ୍କ ବର୍ଷଯାକର ସମସ୍ତ ବେଶ ପ୍ରଦର୍ଶନ କରାଯିବ। ବେଶ ପ୍ରସ୍ତୁତ ପାଇଁ ପ୍ରାୟ ୨ମାସ ତଳୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବେଶ ପ୍ରସ୍ତୁତିରେ ୨୫ରୁ ଊର୍ଦ୍ଧ୍ୱ କାରିଗରଙ୍କ ସହ ପରିବାର ଲୋକ ମଧ୍ୟ ସାମିଲ ରହିଛନ୍ତି। ବେଶଗୁଡିକ ସୋଲ, ଜରି, ଜାମୁରା, ମାଳି, ଅଠା, ପ୍ଲାଇ ଓ ବିଭିନ୍ନ ପ୍ରକାର ଲେସ୍ ଆଦିର ବ୍ୟବହାର କରାଯାଇ ନିର୍ମାଣ କରାଯାଇଛି। ବେଶ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ଦ୍ଧାରିତ ସମୟରେ ବେଶ ଶେଷ ହେବ। ଭକ୍ତମାନେ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ସାମିଲ ହେବା ସହ ମହାପ୍ରଭୁଙ୍କ ଏହି ବେଶ ଦର୍ଶନ କରିପାରିବେ।



କଟକ









ଜାଗା ଆଖଡ଼ା

# ବଦଳିଲା ଜାଗା ଆଖଡ଼ାର ରୂପ

ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରା ସହ ଓତଃପ୍ରୋତ ଭାବେ ଶ୍ରୀକ୍ଷେତ୍ରରେ ଥିବା ଜାଗା ଆଖଡ଼ା ଜଡ଼ିତ ରହିଛି। ତେବେ ଆର୍ଥିକ ସମସ୍ୟା ପାଇଁ ଏହି ଜାଗା ଆଖଡ଼ାଗୁଡ଼ିକ ଅବହେଳିତ ଏବଂ ଜରାଜୀର୍ଣ୍ଣ ଅବସ୍ଥାରେ ଅନେକ ଦିନ ହେବ ପଡ଼ି ରହିଥିଲା। ଶ୍ରୀକ୍ଷେତ୍ରବାସୀଙ୍କ ବହୁ ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଜାଗା ଆଖଡ଼ାଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ମୁକ୍ତା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ସହରରେ ଥିବା ୪୧ଟି ଜାଗା ଆଖଡ଼ା ଘରର ପୁନରୁଦ୍ଧାର ପାଇଁ କାର୍ଯ୍ୟ ହୋଇଛି। ଜାଗା ଆଖଡ଼ା ଘରର ଉନ୍ନତୀକରଣ ସହ ସୁନ୍ଦର ଉଦ୍ୟାନ, ଚିଲ୍‌ଡ୍ରେନ୍ ପାର୍କ, ପୋଖରୀ ପୁନରୁଦ୍ଧାର ଓ ପାର୍କିଂ ବ୍ୟବସ୍ଥା ଆଦି କାର୍ଯ୍ୟ ବିଭିନ୍ନ ଜାଗା ଆଖଡ଼ାରେ ନିର୍ମାଣ କରାଯାଇଛି। ସେବାୟତ ପରିବାର ଯୁବକମାନେ ଏହି ଜାଗା ଆଖଡ଼ାରେ ବିଭିନ୍ନ ପ୍ରକାର ବ୍ୟାୟାମ, କସରତ ଓ ଶରୀରର ଚର୍ଚ୍ଚା କରିବା ସହ ବିଭିନ୍ନ ପାରମ୍ପରିକ ଯୁଦ୍ଧ କଳାକୌଶଳ ଶିକ୍ଷା ମଧ୍ୟ ଗ୍ରହଣ କରିଥାନ୍ତି । ରାଜାରାଜୁଡ଼ା ସମୟରେ ଏହି ଜାଗା ଆଖଡ଼ା ଘରର ଅନେକ ଗୌରବ ଗାଥା ଥିବାବେଳେ ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ଏହି ଜାଗା ଆଖଡ଼ା ସଂସ୍କୃତି ବିଲୀନ ହେବାକୁ ବସିଥିଲା। ତେବେ ପୁରୀର ଜାଗା ଆଖଡ଼ା ଭଳି ସମୃଦ୍ଧ ପରମ୍ପରାକୁ ପୁନରୁଦ୍ଧାର ସହ ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଦେଇଥିଲେ। ଉନ୍ନତୀକରଣ କାର୍ଯ୍ୟ ଜାରି ରହିଥିବାରୁ ପୁରୀବାସୀ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।



## ମେଘନାଦ ପାଚେରି ସୌନ୍ଦର୍ଯ୍ୟ ବଢ଼ିଲା

ଶ୍ରୀମନ୍ଦିର ପରିସରରେ ଅନେକ ବୈଶିଷ୍ଟ୍ୟ ବିମଣ୍ଡିତ ତଥ୍ୟ ରହିଛି। ସେଥିମଧ୍ୟରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଅବସ୍ଥିତ ମେଘନାଦ ପାଚେରି ଅନ୍ୟତମ। ଏହା ଶ୍ରୀମନ୍ଦିରର ଅଭେଦ୍ୟ ସୁରକ୍ଷା ବଳୟ ରୂପେ କାର୍ଯ୍ୟ କରିଥାଏ। ଶ୍ରୀମନ୍ଦିର ସଂସ୍କୃତି ସହ ଏହାର ସମ୍ପର୍କ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ବିଶ୍ୱାସ ରହିଛି ଯେ ମହୋଦଧି ନିକଟବର୍ତ୍ତୀ ହୋଇଥିବା ସତ୍ତ୍ୱେ ମେଘନାଦକୁ ସମୁଦ୍ରର ଗର୍ଜନ ଶୁଭେନାହିଁ। ମେଘନାଦ ପାଚେରୀ ହେଉଛି ଶ୍ରୀମନ୍ଦିରର ବାହାର ବେଢା ପାଚେରି। ଶାଣ ପଥରରେ ନିର୍ମିତ ଏହି ପାଚେରିରେ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ଚାରୋଟି ଦ୍ୱାର ରହିଛି। ଏହି ଚାରି ଦ୍ୱାରକୁ ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗର ଅବସ୍ଥିତି ଅନୁଯାୟୀ ଯଥାକ୍ରମେ – ସିଂହ ଦ୍ୱାର, ବ୍ୟାଘ୍ର ଦ୍ୱାର, ହସ୍ତୀ ଦ୍ୱାର ଓ ଅଶ୍ୱ ଦ୍ୱାର ନାମରେ ନାମିତ କରାଯାଇଛି।

ମାଦଳା ପାଞ୍ଜି ଅନୁଯାୟୀ ଏହି ପାଚେରି ୧୪୪୮ ଖ୍ରୀଷ୍ଟାବ୍ଦରେ ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ନିର୍ମିତ ହୋଇଥିଲା। ବର୍ଷ ବର୍ଷ ଧରି ମେଘନାଦ ପାଚେରି ପାର୍ଶ୍ୱରେ ଅଣଓସାରିଆ ରାସ୍ତା ଗଢ଼ି ଉଠିଥିଲା ଓ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକ ସେମାନଙ୍କ କାର୍ଯ୍ୟକଳାପ ଜାରି ରଖିଥିଲେ। ଲୋକଗହଳି ଓ ଅବାଧ ଯାତାୟାତ କାରଣରୁ ଏହି ପାଚେରି ଦୃଷ୍ଟିଗୋଚର ହୋଇପାରୁ ନ ଥିଲା। ବ୍ୟବସାୟିକ ଅନୁଷ୍ଠାନର ବର୍ଜ୍ୟବସ୍ତୁ ଓ ଜଳ ଏଠାରେ ଜମି ରହିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ଫଳରେ ମେଘନାଦ ପାଚେରି ତାର ଆକର୍ଷଣ ହରାଇବା ସହ ଶ୍ରୀମନ୍ଦିରର ସୁରକ୍ଷା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା। ଏହିସବୁ ସମସ୍ୟାକୁ ହୃଦବୋଧ କରି ପ୍ରାୟ ୫୦୦ ବର୍ଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ଅନୁଯାୟୀ ପ୍ରଥମଥର ପାଇଁ ଶ୍ରୀମନ୍ଦିର ଇତିହାସରେ ଏପରି ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାଧ୍ୟମରେ ମେଘନାଦ ପାଚେରୀର ହୃତଗୌରବ ଫେରିପାଇଛି। ମେଘନାଦ ପାଚେରୀକୁ ସଂଲଗ୍ନ ଥିବା ଅନେକାନେକ ନିର୍ମାଣ ଢାଞ୍ଚାକୁ ସ୍ଥାନାନ୍ତରିତ କରାଯାଇଛି। ପରିକ୍ରମା ମାର୍ଗ ନିର୍ମାଣ ହେତୁ ଭକ୍ତମାନେ ଏବେ ସମ୍ପୂର୍ଣ୍ଣ ମେଘନାଦ ପାଚେରିର ଚତୁଃପାର୍ଶ୍ୱ ନିର୍ବିଘ୍ନରେ ପ୍ରଦକ୍ଷିଣ କରିପାରିବେ। ପରିକ୍ରମା ବଳୟରେ ମୋଟ ତିନୋଟି ଚଲାପଥ ଏବଂ ପାଚେରି ରହିଛି। ପରିକ୍ରମା ପଥରେ ଥରେ ବୁଲି ଆସିଲେ ଜଗନ୍ନାଥପ୍ରେମୀ ସମ୍ପୂର୍ଣ୍ଣ ମେଘନାଦ ପାଚେରି ସହ ଶ୍ରୀମନ୍ଦିରର ଆଧ୍ୟାତ୍ମିକ ସଂପୂର୍ଣ୍ଣତାର ଅନୁଭବ ପାଇ ପାରିବେ। ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ଏହି ପରିକ୍ରମା ପ୍ରକଳ୍ପ ଦ୍ୱାରା ମେଘନାଦ ପାଚେରିର ଆଧ୍ୟାତ୍ମିକ ପରିଚୟ ଓ ଐତିହ୍ୟ ସଂରକ୍ଷିତ ଓ ବିକଶିତ ହୋଇପାରିଛି। ଏ ହ । ର ସୁରକ୍ଷା ଓ ସୌନ୍ଦର୍ଯ୍ୟ ମଧ୍ୟ ପୁନଃସ୍ଥାପିତ ହୋଇଛି।

## ମୁକ୍ତାକାଶ ମଞ୍ଚରୁ ପତିତପାବନ ବାନା



ଶ୍ରୀଜଗନ୍ନାଥ ମନ୍ଦିର ଚୂଡ଼ାର ଦଧିନଉତି ଉପରେ ସ୍ଥାପିତ ଅଷ୍ଟଧାତୁରେ ନିର୍ମିତ ନୀଳଚକ୍ର କେବଳ ଏକ ଭାସ୍କର୍ଯ୍ୟ ନୁହେଁ ବରଂ ଗର୍ଭଗୃହରେ ବିରାଜିତ ଶ୍ରୀଜଗନ୍ନାଥଙ୍କ ପ୍ରିୟ ପତିତପାବନ ନେତକୁ ଧାରଣ କରିଥିବା ଗୌରବମୟ ପ୍ରତୀକ। ଶ୍ରୀମନ୍ଦିର ଶିଖରରେ ବିଦ୍ୟମାନ ଏହି ନୀଳଚକ୍ର ୧୭୧୩ ମସିହାରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ରାଜତ୍ୱ କାଳରେ ସ୍ଥାପିତ ହୋଇଥିଲା। ପ୍ରାତଃକାଳରେ ଶ୍ୱେତ ଦିଶୁଥିବା ଏହି ନୀଳଚକ୍ର ଦିନ ବିତିବା ସଙ୍ଗେସଙ୍ଗେ କ୍ରମବର୍ଦ୍ଧମାନ ସୂର୍ଯ୍ୟତାପ ସହ ତାଳ ଦେଇ ନୀଳରୁ ନୀଳତର ହୋଇଥାଏ। ନୀଳଚକ୍ର ହେଉଛି ଚକ୍ରାୟୁଧ ସୁଦର୍ଶନଙ୍କ ପ୍ରତୀକ। ଭକ୍ତମାନଙ୍କ ପାଇଁ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଯେତିକି ପ୍ରିୟ, ନୀଳଚକ୍ର ଓ ପତିତପାବନ ନେତ ମଧ୍ୟ ଅନୁରୂପ ଭାବରେ ପବିତ୍ର। ଶ୍ରୀମନ୍ଦିର ନୀତି ସହ ନୀଳଚକ୍ର ଓ ପତିତପାବନ ନେତର ସମ୍ପର୍କ ଅଭିନ୍ନ। ନୀଳଚକ୍ରରେ ନେତ ନ ଥିଲେ ଶ୍ରୀଜୀଉମାନଙ୍କ ନୀତି ସମ୍ପନ୍ନ ହୋଇପାରେ ନାହିଁ। ପ୍ରତ୍ୟହ ପତିତପାବନ ନେତକୁ ପରିବର୍ତ୍ତନ କରାଯାଏ ଓ ସେତେବେଳେ ଭକ୍ତ ସେହି ଅପୂର୍ବ ଦୃଶ୍ୟ ଦେଖି ନିଜକୁ ଭାଗ୍ୟବାନ ମନେକରିଥାଏ। ପୂର୍ବରୁ ମନ୍ଦିରର ଅନ୍ତର୍ବଳୟ ମଧ୍ୟରେ ରହି କମ୍ ସଂଖ୍ୟକ ଭକ୍ତ, ପୁଣି ବହୁ କଷ୍ଟରେ ନେତ ପରିବର୍ତ୍ତନ ନୀତିକୁ ଦେଖି ପାରୁଥିଲେ। ଏବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ବହୁ ସଂଖ୍ୟକ ଭକ୍ତ ଏହି ଦିବ୍ୟ ଦୃଶ୍ୟର ପ୍ରତ୍ୟକ୍ଷ ଦର୍ଶନ କରିପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭକ୍ତଙ୍କ ସୁବିଧା ନିମନ୍ତେ ପରିକ୍ରମା ପ୍ରକଳ୍ପ ମଧ୍ୟରେ ଏକ ମୁକ୍ତାକାଶ ମଞ୍ଚ ନିର୍ମାଣ କରାଯାଇଛି। ଏଠାରେ ବସି ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ପତିତପାବନ ନେତ ପରିବର୍ତ୍ତନ ଓ ମହାଦୀପ ଉଠାଣ ଭଳି ଗୁରୁତ୍ୱପୂର୍ଣ୍ଣ ନୀତି ଗୁଡିକ ପ୍ରତ୍ୟକ୍ଷ କରିପାରିବେ।

## ସଫେଇ ହେଉଛି ପ୍ରକଳ୍ପ ଓ ଚତୁଃପାର୍ଶ୍ୱ



ପରିକ୍ରମା ପ୍ରକଳ୍ପର ଲୋକାପର୍ଣ ଉତ୍ସବ ଯେତିକି ପାଖେଇ ଆସୁଛି ସେହି ଅନୁଯାୟୀ ପ୍ରଶାସନ ତତ୍ପର ହୋଇଉଠୁଛି। ଅପରପକ୍ଷରେ ଉତ୍ସବକୁ ନେଇ ଭକ୍ତ ମହଲରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଆସନ୍ତା ୧୭ ତାରିଖରେ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୧୨ତାରିଖରୁ ଯଜ୍ଞର ଆଦ୍ୟ ପର୍ବ ଆରମ୍ଭ ହେବ। ତେଣୁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଧାରିତ ସମୟ ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟକୁ କାରିଗରମାନେ ଶେଷ କରିଛନ୍ତି। କାର୍ଯ୍ୟ ଶେଷ ହେବାପରେ ଶ୍ରୀମନ୍ଦିର ଚାରିପାଖ ପରିକ୍ରମା ପ୍ରକଳ୍ପର ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ଅଗ୍ନିଶମ କର୍ମଚାରୀମାନେ ପାଣି ସାହାଯ୍ୟରେ ପ୍ରକଳ୍ପ ପରିସରକୁ ସଫା କରିଛନ୍ତି। ସଫା କାର୍ଯ୍ୟ ଶେଷହେବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବେ।

## ଶ୍ରୀକ୍ଷେତ୍ର ଅନୁଭୂତି

### କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଆହୁରି ଭଲ ଲାଗିବ



"ପରିବାର ସହ ପୁରୀ ଆସିଥିଲି। ମହାପ୍ରଭୁଙ୍କୁ ଦର୍ଶନ କରି ବେଶ୍ ଖୁସି ଓ ଆନନ୍ଦ ଲାଗିଲା। ପ୍ରଶାସନ ପକ୍ଷରୁ କରାଯାଇଥିବା ଦର୍ଶନ ବ୍ୟବସ୍ଥା ବହୁତ ଭଲ ରହିଛି। ବୟସ୍କ ଲୋକଙ୍କ ପାଇଁ ମଧ ଯେଉଁ ବ୍ୟବସ୍ଥା କରାଯାଇଛି, ତାହା ସ୍ୱାଗତଯୋଗ୍ୟ ପଦକ୍ଷପ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଭକ୍ତମାନଙ୍କୁ ଆହୁରି ଭଲ ସୁବିଧା ମିଳିବ। ଭିତରେ ମଧ ମହାପ୍ରସାଦ ସେବନ ପାଇଁ ଉତ୍ତମ ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ ମଧରେ ବସିବା ପାଇଁ ଯେଉଁ ବ୍ୟବସ୍ଥା ରହିଛି, ତା'ଦ୍ୱାରା ବୟସ୍କ ଓ ଛୋଟ ପିଲାମାନେ ବହୁମାତ୍ରାରେ ଉପକୃତ ହେବେ।

– ଅଚ୍ୟୁତାନନ୍ଦ ଦାଶ, ଭୁବନେଶ୍ୱର।

### ପ୍ରତି ମାସରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଇଚ୍ଛା



"ପୂର୍ବରୁ ଅନେକ ଥର ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସିଛି, ମାତ୍ର ଚଳିତ ଥର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିବା ଏକ ନିଆରା ଅନୁଭୂତି ଆଣିଲା। ବ୍ୟାରିକେଡ୍‌ରେ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଗଲି। ବ୍ୟାରିକେଡ ଭିତରେ ଏସି ରହିଛି, ଫ୍ୟାନ ରହିଛି। ଗୋଡ଼ କ'ଣ ହେଲେ ବସିବା ପାଇଁ ବ୍ୟବସ୍ଥା କରାଯାଇଛି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଯେଉଁଭଳି ଦର୍ଶନ ବ୍ୟବସ୍ଥା କରାଯାଇଛି ପ୍ରତି ମାସରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଇଚ୍ଛା ହେଉଛି। ଆଗକୁ ମଧ୍ୟ ଆହୁରି ଭଲ ବ୍ୟବସ୍ଥା ହେବ ବୋଲି ଆଶା। ମହାପ୍ରଭୁଙ୍କ ଇଚ୍ଛାରେ ସମସ୍ତ କାର୍ଯ୍ୟ ହେଉଛି।

– ମୀନତି ଦାଶ, ଭୁବନେଶ୍ୱର ।

### ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଭଲ ଲାଗୁଛି



"ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାପର୍ଣ ଉତ୍ସବ ପାଇଁ ନିର୍ମାଣ କରାଯାଇଥିବା ଯଜ୍ଞ ବେଦୀ ଆଦି ଚିତ୍ର କରିବାର ସୁଯୋଗ ପାଇଛି। ଏହାଛଡା ରଥ ଚକ, ପ୍ରଭା ଆଦିର ରଙ୍ଗ କରିବାର ଦାୟିତ୍ୱ ଦିଆଯାଇଛି। ଯଜ୍ଞବେଦୀ ନିକଟରେ ଝୋଟି କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ କାର୍ଯ୍ୟ କରି ବହୁତ ଭଲ ଲାଗୁଛି। ଯଜ୍ଞବେଦୀ ସହ ଶ୍ରୀମନ୍ଦିର ଚାରିଦ୍ୱାର ନିକଟରେ ହେଉଥିବା ବେଦ ପାରାୟଣ ମଣ୍ଡପକୁ ମଧ ଚିତ୍ର କରାଯିବ। ଏହାଛଡ଼ା ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖରେ ଫୁଲ ଚିତ୍ର ଅଙ୍କନ କରାଯିବ। ବହୁ ଆଗ୍ରହର ସହ କାର୍ଯ୍ୟ କରାଯାଉଛି। ମହାପ୍ରଭୁଙ୍କ କାର୍ଯ୍ୟ ଠିକ୍ ସମୟରେ ସରିବ ବୋଲି ଆଶା ରହିଛି।

– ଦେବଦତ୍ତ ମହାରାଣା, ଚିତ୍ରକର ସେବାୟତ

### ଅନନ୍ୟ, ଆଧ୍ୟାତ୍ମିକ ଚେତନାର ପ୍ରତିଫଳନ



"ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ଏକ ଅନନ୍ୟ ଓ ଆଧ୍ୟାତ୍ମିକ ଚେତନାର ପ୍ରତିଫଳନ। ଏହା ସମଗ୍ର ବିଶ୍ୱବାସୀଙ୍କୁ ଭକ୍ତି ଓ ଭାବରେ ଉଦ୍‌ଭାସିତ କରି ଜଗନ୍ନାଥ ଧାମ ତଥା ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ସୁନ୍ଦର ଉପବନ ମଧ୍ୟରେ ଭକ୍ତମାନେ ଭକ୍ତି ଭାବରେ ନିମଗ୍ନ ରହି ପ୍ରଭୁଙ୍କୁ ଦର୍ଶନ କରି କୃତ୍ୟକୃତ୍ୟ ହେବେ । ଜନସାଧାରଣ ଖୁସିରେ ଯାତାୟାତ କରି ପାରିବେ । ପୁରୀ ଏକ ଆଧ୍ୟାତ୍ମିକ କ୍ଷେତ୍ର ସହ ପର୍ଯ୍ୟଟନ କ୍ଷେତ୍ରର ସ୍ୱତନ୍ତ୍ର ମାନ୍ୟତା ଲାଭ କରିବ।

– ବଳରାମ ଦାଶ, ସଂସ୍କୃତି ଗବେଷକ।

### ବିକାଶ ଜନମାନସକୁ ଆକୃଷ୍ଟ କରିଛି



"ସାମ୍ପ୍ରତିକ ସ୍ଥିତିରେ ପୁରୀରେ ଏକ ବୃହତ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ମାର୍ଗ ସହିତ ପୁରୀସହରର ସାମଗ୍ରିକ ବିକାଶ, ସୌନ୍ଦର୍ଯ୍ୟକରଣ, ଯାତ୍ରୀ ସୁରକ୍ଷା ଓ ପରିଚର୍ଯ୍ୟା, ଗମନାଗମନର ପରିପୁଷ୍ଟତା ଏବେ ଜନମାନସକୁ ଆକୃଷ୍ଟ କରିଛି। ଶ୍ରୀସେତୁ, ଶ୍ରୀଦାଣ୍ଡ ସହିତ ଶୀତତାପ ନିୟନ୍ତ୍ରଣ ଟନେଲ ବ୍ୟବସ୍ଥା ପାଇଁ ପୁରୀକୁ ଆସୁଥିବା ଯାତ୍ରୀ ବେଶ୍ ଖୁସି ଅଛନ୍ତି। କୁମ୍ଭକାର ନିଯୋଗ ପକ୍ଷରୁ ଜଣେ କୁମ୍ଭକାର ସେବକ ଭାବେ ସରକାରଙ୍କ ଏଭଳି କାର୍ଯ୍ୟକୁ ମୁଁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ପୁରୀବାସୀ ସ୍ୱପ୍ନରେ ଯାହା ଭାବି ନ ଥିଲେ, ରାଜ୍ୟ ସରକାର ତାହାକୁ ବାସ୍ତବରେ କରି ଦେଖାଇଲେ।

– ମହେନ୍ଦ୍ର ବିଶୋଇ, ସମ୍ପାଦକ କୁମ୍ଭକାର ନିଯୋଗ, ପୁରୀ



## ହୋର୍ଡିଂରେ ପରିକ୍ରମା ପ୍ରକଳ୍ପର ଗାଥା

ଆ । ସ ନ୍ତା । ୧୭ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଭକ୍ତଙ୍କ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପକୁ ଲୋକାର୍ପଣ କରିବେ। ତେବେ ଉଦ୍‌ଘାଟନ ଉତ୍ସବକୁ ଆଉ ଦିନ କେଇଟା ଥିବାବେଳେ ପୁରୀରେ ଆସ୍ତେ ଆସ୍ତେ ଭକ୍ତମାନଙ୍କ ଗହଳି ପରିଲକ୍ଷିତ ହେବାକୁ ଲାଗିଲାଣି। ଅପରପକ୍ଷରେ ସମସ୍ତ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ବର୍ତ୍ତମାନ ପୁରୀର ବିଭିନ୍ନ ସ୍ଥାନରେ ପରିକ୍ରମା ପ୍ରକଳ୍ପର ବଡ଼ ବଡ଼ ହୋର୍ଡିଂ ଦେଖିବାକୁ ମିଳିଲାଣି। ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂ ପରିସରରେ ନିର୍ମିତ ହୋଇଥିବା ଶ୍ରୀଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ୍ ସେଣ୍ଟର କାର୍ଯ୍ୟ ଶେଷ ହୋଇଥିବାବେଳେ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ତେବେ ଉଦ୍‌ଘାଟନ ପୂର୍ବରୁ ସେଣ୍ଟର ଚାରି ପାର୍ଶ୍ୱରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଗାଥା ହୋର୍ଡିଂ ମାଧ୍ୟମରେ ଦେଖିବାକୁ ମିଳୁଛି, ଯାହା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ କରୁଥିବା ଭଳି ପ୍ରତୀୟମାନ ହେଉଛି।

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ । ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ । ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ । -ଶ୍ରୀମା

-ଚନ୍ଦ୍ରଦର୍ଶନ ପୂଜା ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ



# ପାଗଳାମିର ପରିଭାଷା



ଅରବିନ୍ଦ ସୁବ୍ରମଣ୍ୟମ
ସିନିୟର ଫେଲୋ, ଇନ୍‌ଷ୍ଟିଚ୍ୟୁଟ ଫର୍ ଇଣ୍ଟରନ୍ୟାଶନାଲ ଇକୋନୋମିକ୍ସ



ନବନିରଜ ଶର୍ମା
ଏନର୍ଜି ଇକୋନୋମିଷ୍ଟ

ଦୁବାଇରେ ଅନୁଷ୍ଠିତ ୨୦୨୩ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍‌୨୮) ଜୀବାଶ୍ମ ଇନ୍ଧନରୁ ପର୍ଯ୍ୟାୟକ୍ରମେ ଦୂରେଇଯିବାକୁ ଆହ୍ୱାନ ଦେଇଥିଲା। ଏ ସମ୍ପର୍କିତ ଘୋଷଣାନାମାରେ ସମ୍ମିଳନୀ ବି ଶେଷ ହୋଇଥିଲା। ଅନ୍ତର୍ଜାତୀୟ ସମୁଦାୟ ୨୦୧୫ ପ୍ୟାରିସ୍ ଜଳବାୟୁ ଚୁକ୍ତି ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ନିଶ୍ଚିତ ପୂରଣ କରିପାରବ ବୋଲି ଏହି ଘୋଷଣାନାମା ଏକ ଆଶା ସଞ୍ଚାର କରିଛି। କିନ୍ତୁ ବିଶ୍ୱର ତୃତୀୟ ବୃହତ୍ତମ ଗ୍ରୀନ୍ ହାଉସ ଗ୍ୟାସ୍ (ଜିଏଚ୍‌ଜି) ବା ସବୁଜଗୃହ ବାଷ୍ପ ନିର୍ଗମନକାରୀ ଦେଶ ଭାରତ ତ୍ୱରିତ ଓ ନିର୍ଣ୍ଣାୟକ ପଦକ୍ଷେପ ନ ନେଲେ ଲକ୍ଷ୍ୟ ହାସଲ କଷ୍ଟକର ହୋଇଯିବ। ୨୦୨୨ରେ ବୈଶ୍ୱିକ ସବୁଜଗୃହ ବାଷ୍ପର ୩୦.୭% ଚାଇନା ଏବଂ ୧୩.୬% ଆମେରିକା ନିର୍ଗମନ କରିଥିବାବେଳେ ଭାରତର ଏହା ଥିଲା ୭.୬%। ତଥାପି ଭାରତ ଆବଶ୍ୟକ ଅକ୍ଷୟ ଶକ୍ତି ହାସଲ କରିବାକୁ ଲକ୍ଷ୍ୟ ଜାରି ରଖିଛି ଓ ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ଆଲୋଚନାରେ ପ୍ରମୁଖ ଭୂମିକା ନେଇଛି। ଏହି ପଦକ୍ଷେପରୁ ବୁଝାପଡୁଛି ଯେ, ବାସ୍ତବରେ ଭାରତ ଜୀବାଶ୍ମ ଇନ୍ଧନରୁ ଦୂରେଇଯିବା ଲାଗି ପ୍ରତିବଦ୍ଧ । ତେବେ ଏହି ଦେଶ ଅନେକ ରାଜନୈତିକ ବାଧାବିଘ୍ନକୁ ସାମ୍ନା କରୁଛି, ଯାହା ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଲକ୍ଷ୍ୟଗୁଡ଼ିକୁ ହାସଲ କରିବାରେ ଭାରତର ଦକ୍ଷତାକୁ ଗମ୍ଭୀର ଭାବେ ବାଧାଦେବା ସମ୍ଭାବନା ସୃଷ୍ଟି ହୋଇଛି।

ପେଟ୍ରୋଲିୟମ ସମ୍ବନ୍ଧୀୟ ଉତ୍ପାଦ ଉପରେ ଟିକସ ଦେବା, ବିଶ୍ୱ ସ୍ତରରେ ଦର ବୃଦ୍ଧି ହେଲେ ଟିକସ ହ୍ରାସ କରିବା ଏବଂ ମୂଲ୍ୟ ହ୍ରାସ ହେଲେ ଟିକସ ବଢ଼ାଇବାରେ ଭାରତ ଏକ ପ୍ରତିକୂଳ ଆଭିମୁଖ୍ୟ ଗ୍ରହଣ କରିଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ୟୁରୋପୀୟ ସରକାରଗୁଡ଼ିକ ଏକ ଚରମ ରଣନୀତି ଅନୁସରଣ କରିଥିଲେ ଏବଂ ଗ୍ରାହକଙ୍କୁ ଶକ୍ତି ଖର୍ଚ୍ଚରୁ ରକ୍ଷା କରିବା ପାଇଁ ସେପ୍ଟେମ୍ବର୨୦୨୧ରୁ ଜାନୁଆରୀ ୨୦୨୩ ମଧ୍ୟରେ ୬୫୦ ବିଲିୟନ ୟୁରୋ(୭୧୨ ବିଲିୟନ ଡଲାର)ରୁ ଅଧିକ ସବ୍‌ସିଡି ପ୍ରଦାନ କରିଥିଲେ। ଭାରତରେ ମଧ୍ୟ ବିଦ୍ୟୁତ୍ ଉପରେ ଅତ୍ୟଧିକ ରିହାତି ପ୍ରଦାନ କରାଯାଉଛି। ଏହା ସହ ବହୁ ପରିବାର ଓ କୃଷକ ମାଗଣା ଶକ୍ତିରୁ ଲାଭ ଉଠାଉଛନ୍ତି କିମ୍ବା ବିଦ୍ୟୁତ୍‌ର ବାସ୍ତବ ମୂଲ୍ୟଠାରୁ ବହୁତ କମ୍ ଦେଉଛନ୍ତି। ଏହାକୁ ଭରଣା କରିବା ପାଇଁ ଶିଳ୍ପ ଓ ବ୍ୟବସାୟିକ ସଂସ୍ଥା ଉପରେ ଅଧିକ ମୂଲ୍ୟ ଲଗାଯାଉଛି। ଏପରିକି ଏହି ବ୍ୟବସ୍ଥାରେ ସରକାର ବିଦ୍ୟୁତ୍ ଉତ୍ପାଦନ ମୂଲ୍ୟର ୨୦ ପ୍ରତିଶତ ସବ୍‌ସିଡି ଦେଉଛନ୍ତି।

ଭାରତରେ ନିର୍ଗମନ ହେଉଥିବା ମୋଟ ଜିଏଚ୍‌ଜିର ୩୪% ବିଦ୍ୟୁତ୍ କ୍ଷେତ୍ରରୁ ହେଉଥିବାବେଳେ ଏହାକୁ ହ୍ରାସ କରିବା ଲାଗି ବିଦ୍ୟୁତ୍ ପ୍ରାଇସିଂ( ବିଭିନ୍ନ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍‌ର ମୂଲ୍ୟ) ପୁନର୍ଗଠନ କରିବା ଅତି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହା ସହଜ ହେବ ନାହିଁ। କାରଣ ଏହା ଗୋଟିଏ କେନ୍ଦ୍ରୀୟ ପ୍ରାଧିକରଣ ଦ୍ୱାରା ହୁଏ ନାହିଁ। ଏହା ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରାଧିକରଣ ଦ୍ୱାରା କରାଯାଇଥାଏ। ଏହି ୩୬ଟି ପ୍ରାଧିକରଣରେ ପ୍ରତ୍ୟେକଙ୍କର ନିଜସ୍ୱ ନୀତି ଏବଂ ସ୍ୱାର୍ଥ ରହିଛି। ଏହା ଏକ ଜଟିଳ ସମସ୍ୟା, ଯାହା କାର୍ବନ ସବ୍‌ସିଡି (କାର୍ବନ ନିର୍ଗମନ ହ୍ରାସ ଲାଗି ଦିଆଯାଉଥିବା ସବ୍‌ସିଡି) ଦୂର କରିବା ଲାଗି ନିଆଯାଉଥିବା ପଦକ୍ଷେପକୁ ଜଟିଳ କରୁଛି। ଭାରତର ସ୍ୱାଧୀନୋତ୍ତର ଇତିହାସରେ ପ୍ରତ୍ୟେକ ରାଜ୍ୟ ବିଦ୍ୟୁତ୍ ସବ୍‌ସିଡି ଦେଇଆସିଛନ୍ତି। ଫଳସ୍ୱରୂପ,ଦେଶର ଗଣତାନ୍ତ୍ରିକ ରାଜନୀତିରେ ମାଗଣା କିମ୍ବା ଶସ୍ତା ବିଦ୍ୟୁତ୍ ଆଶା ଗଭୀର ଭାବରେ ଜଡ଼ିତ ରହିଛି। ଶକ୍ତି କ୍ଷେତ୍ରରେ ଅତ୍ୟଧିକ ସବ୍‌ସିଡି ପ୍ରଦାନ କରିବା ଦ୍ୱାରା ଶକ୍ତି ଉପଲବ୍ଧତା ଯଥେଷ୍ଟ ବଢ଼ିଛି ସତ, କିନ୍ତୁ ଏହା ସ୍ୱଚ୍ଛ ଶକ୍ତି ବିନିଯୋଗରେ ବାଧା ସୃଷ୍ଟି କରିବା ସହ ରାଜ୍ୟ ସରକାରଙ୍କ ଆର୍ଥିକ ସ୍ଥିତି ଉପରେ ଚାପ ପକାଇଛି। କୃଷି କ୍ଷେତ୍ରରେ ମାଗଣା ବିଦ୍ୟୁତ୍ ଯୋଗାଣ ଜଳ ସମ୍ପଦର ଅବନତି ଏବଂ ହ୍ରାସ କରୁଛି। ବିଦ୍ୟୁତ୍ ଉତ୍ପାଦନ ପାଇଁ କୋଇଲା ଉପରେ ନିର୍ଭରଶୀଳ ହେବା ଯୋଗୁ ପ୍ରଦୂଷଣ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି ଏବଂ କାର୍ବନ ନିର୍ଗମନ ବୃଦ୍ଧି ପାଉଛି।



ଉପଭୋକ୍ତାଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ମୂଲ୍ୟକୁ ସୁବ୍ୟବସ୍ଥିତ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଗୁଡ଼ିକୁ ଉତ୍ସାହିତ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଫଳାଫଳ କମ୍ ମିଳିଛି। ସେହିଭଳି ୟୁରୋପୀୟ ୟୁନିୟନ(ଇୟୁ)ର କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍ (ସିବିଏଏମ୍) କିମ୍ବା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନ ସମ୍ବନ୍ଧିତ ରିପୋର୍ଟିଂ ଭଳି ପଦକ୍ଷେପଗୁଡ଼ିକ ବିଶେଷ ପ୍ରଭାବ ପକାଇବା ସମ୍ଭାବନା ନାହିଁ । କିନ୍ତୁ ଏହିସବୁ ପଦକ୍ଷେପ ଉତ୍ପାଦନକାରୀଙ୍କୁ ଆର୍ଥିକ ସୁରକ୍ଷା ଦିଏ। ଏହା ମୁଖ୍ୟତଃ ବାଣିଜ୍ୟ ସାମଗ୍ରୀ ଓ ସେବା ଏବଂ ଭାରତରେ ଅଧିକ ସବ୍‌ସିଡି ଦିଆଯାଉ ନ ଥିବା ସେକ୍ଟରଗୁଡିକ ପାଇଁ ଉଦ୍ଦିଷ୍ଟ । ଏଥିପାଇଁ ସରକାର ନିର୍ଗମନ ସୀମିତ କରିବା ଲାଗି ଏକ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଯେ, ସିବିଏଏମ୍ ପରି ବ୍ୟବସ୍ଥା ଅଣଶିଳ୍ପ ବିଦ୍ୟୁତ୍ ଉପଯୋଗ ମୂଲ୍ୟ ଉପରେ ସର୍ବନିମ୍ନ ପ୍ରଭାବ ପକାଇବ। କିନ୍ତୁ ଭାରତର ବିଦ୍ୟୁତ୍ ସବ୍‌ସିଡି ଅଧିକ ଲୋକ ଚାହୁଁଛନ୍ତି । ଅନ୍ୟପକ୍ଷରେ ସଂସ୍କାର ପ୍ରତିରୋଧ ମଧ୍ୟ ଅଛି। ଏହାର ଅର୍ଥ ନୁହେଁ ଯେ ଉଭୟ ଭାରତ ତଥା ବିଶ୍ୱବ୍ୟାପୀ ନିର୍ଗମନ ହ୍ରାସ କରିବା ପ୍ରୟାସ ବିଫଳ ହେବ। ଭାରତରେ ବିଦ୍ୟୁତ୍ ଯୋଗାଣର ମୂଲ୍ୟ କିଭଳି ବଦଳାଯାଇପାରିବ ତାହାର କମ୍ ସୁଯୋଗ ଅଛି , କିନ୍ତୁ ଏହା କିଭଳି କମ୍ ମୂଲ୍ୟରେ ଉତ୍ପାଦିତ ହୋଇପାରିବ ତା' ପାଇଁ ପରିବର୍ତ୍ତନ ଅଣାଯାଇପାରିବ। ଜୀବାଶ୍ମ ଇନ୍ଧନ ଶକ୍ତିରୁ ଅକ୍ଷୟ ଶକ୍ତି ଆଡ଼କୁ ପରିବର୍ତ୍ତନ ହେଲେ କାର୍ବନ ନିର୍ଗମନ ହ୍ରାସକରି ଶସ୍ତା ବିଦ୍ୟୁତ୍ ଯୋଗାଣ କରାଯାଇପାରିବ। ଅର୍ଥନୈତିକ ଦୃଷ୍ଟିରୁ ଲାଭଜନକ ହେବା ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ ଏବଂ ସଂରକ୍ଷଣ ଶସ୍ତା ହେବା ଜରୁରୀ। ସେହି ଶକ୍ତିକୁ ଶସ୍ତାରେ ଯୋଗାଇଦେଲେ ମଧ୍ୟ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମୁଦ୍ରାସ୍ଫୀତି ହ୍ରାସ ଆଇନ ପରି ଶିଳ୍ପନୀତି ଭାରତ ଭଳି ବିକାଶଶୀଳ ଦେଶକୁ ଅଧିକ ଲାଭ ଦେଇପାରେ। ଏହିପରି ନୀତିଗୁଡ଼ିକ ସବୁଜ ଶକ୍ତି ଉତ୍ପାଦନ ଏବଂ ସଂରକ୍ଷଣର ଖର୍ଚ୍ଚ ହ୍ରାସ କରି ସବ୍‌ସିଡିଯୁକ୍ତ ବିଦ୍ୟୁତ୍ ନିର୍ଗମନ ଦୃଷ୍ଟିକୋଣରୁ କମ୍ ସମସ୍ୟା ସୃଷ୍ଟି କରିପାରେ।

ଭାରତର ଅଭିଜ୍ଞତା ନୀତି ନିର୍ଦ୍ଧାରଣକାରୀ ଏବଂ ଅର୍ଥନୀତିଜ୍ଞଙ୍କ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ବାଟ ଦେଖାଏ। କାର୍ବନ ଟ୍ୟାକ୍ସ (ଉତ୍ପାଦନରେ ନିର୍ଗମନ ହେଉଥିବା କାର୍ବନ ନିମନ୍ତେ ଲାଗୁ ଟିକସ) ପାଇଁ ସର୍ବସମ୍ମତ ତଥା ଜୋର୍‌ଦାର ଦାବି ଭୁଲ୍ ମାର୍ଗରେ ଯାଇପାରେ। କାରଣ ଏହା ଦେଶର ବାସ୍ତବତାକୁ ଅଣଦେଖା କରିଥାଏ । ଭାରତର ୩୬ଟି ପ୍ରାଧିକରଣ ବିଦ୍ୟୁତ୍ ଉତ୍ପାଦନରେ ପରୋକ୍ଷ କାର୍ବନ ସବ୍‌ସିଡି ହଟାଇବା ସମ୍ଭବ ନୁହେଁ । ତେଣୁ ଲାଭଦାୟକ ସମାଧାନର ପଥଗୁଡିକ ଚିହ୍ନଟ କରିବା ଉପରେ ଧ୍ୟାନଦେବା ଗୁରୁତ୍ୱପୂର୍ଣ୍ଣ, ଯାହାକୁ ରାଜନୈତିକ ପ୍ରତିବନ୍ଧକ ମଧ୍ୟରେ ବିକଶିତ ଏବଂ କାର୍ଯ୍ୟକାରୀ କରାଯାଇପାରିବ। ଉଦାହରଣ ସ୍ୱରୂପ,ଅନ୍ତର୍ଜାତୀୟ ଆର୍ଥିକ ସହାୟତା ବିକାଶଶୀଳ ଦେଶଗୁଡ଼ିକରେ ଅକ୍ଷୟ ଶକ୍ତି ଏବଂ ସଂରକ୍ଷଣ ପ୍ରକଳ୍ପ ସହ ଜଡ଼ିତ ବିପଦକୁ ଯଥେଷ୍ଟ ପରିମାଣରେ ହ୍ରାସ କରିବା ସହ ଘରୋଇ ନିବେଶ ପାଇଁ ସେମାନଙ୍କୁ ଅଧିକ ଆକର୍ଷିତ କରିପାରେ। ଏଥିରୁ ସ୍ପଷ୍ଟ ଯେ, କେବଳ ପୋଥିଗତ ସମାଧାନ ଆମକୁ କୌଣସି ଲକ୍ଷ୍ୟରେ ପହଞ୍ଚାଇପାରିବ ନାହିଁ। ଯଦି ପାଗଳାମିର ପରିଭାଷା ବାରମ୍ବାର ପ୍ରକାଶ ପାଏ କିମ୍ବା ଏ ସମ୍ପର୍କରେ କେବଳ ସୁସମାଚାର ପ୍ରଚାରକରି ଏକ ଭିନ୍ନ ଫଳାଫଳ ଆଶା କରାଯାଏ, ତେବେ ଏହି ନିର୍ଦ୍ଦିଷ୍ଟ ପାଗଳାମି ଆମ ସମସ୍ତଙ୍କୁ ବିପଦରେ ପକାଇବ।

# ବିକାଶ ହଜିଛି



ଡ. ଚିନ୍ତାମଣି ପଣ୍ଡା

ସେଦିନ ବିକାଶ ହଠାତ୍ ସ୍କୁଲଯିବା ବାହାନାରେ ଘରୁ ଲୁଚି କେଉଁଆଡ଼େ ପଳେଇଗଲା। ଗାଁ ସାରା ଏକଥା ହୁରି ପଡିଗଲା। ବିକାଶର ମା' ମୁଣ୍ଡକୋଡି ବାହୁନା ପକାଇଥାଏ। ସବୁଆଡେ ଖୋଜାଖୋଜି କଲା ପରେ ନ ମିଳିବାରୁ ତା'ର ବାପା ଗାଁ ଲୋକମାନଙ୍କୁ ଧରି ବିଦ୍ୟାଳୟ ପାଖରେ ପହଞ୍ଚିଲେ। ପ୍ରଧାନଶିକ୍ଷକଙ୍କୁ ବିକାଶ ବିଷୟରେ ପଚାରନ୍ତେ ସେ ବିକାଶ ଅଛି କହିକି ସମସ୍ତଙ୍କୁ ରୂପାନ୍ତରିତ ତଥା ନୂତନ ରଙ୍ଗରେ ରଙ୍ଗାୟିତ ସ୍କୁଲ ଘରଆଡକୁ ନେଇ ବୁଲାଇଲେ ଏବଂ କହିଲେ ଆଜ୍ଞା ଏଇ ହେଉଛି ବିକାଶ। ବିକାଶର ବାପା କହିଲେ, ଆପଣମାନେ ଥାଉ ଥାଉ ମୋ ପୁଅ ବିକାଶ କେମିତ ଅନ୍ତର୍ଦ୍ଧାନ ହୋଇଗଲା ? ତହୁଁ ଶିକ୍ଷକ କହିଲେ, ଦୁଇଜଣ କର୍ମଚାରୀଙ୍କୁ ନେଇ ଏତେବଡ ବିଦ୍ୟାଳୟ କଥା ବୁଝି ହେଉନାହିଁ ଆଜ୍ଞା । ତେଣେ ପାଠପଢା ସାଙ୍ଗକୁ ମଧ୍ୟାହ୍ନଭୋଜନ। ସବୁ ପିଲାଙ୍କ ଖବର କାହୁଁ ବା ରଖିପାରିବୁ। ସେ ତ ଆଜି ସ୍କୁଲ ଆସିନି ଅନ୍ୟ କେଉଁଠି ଥିବ ଦେଖନ୍ତୁ। ତହୁଁ ବିକାଶକୁ ଖୋଜିବାକୁ ସମସ୍ତେ ଗ୍ରାମ୍ୟ କୃଷି କର୍ମଚାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଲେ । ସେ ପ୍ରାଞ୍ଜଳ ଭାବରେ ବୁଝାଇ ନେଲେ ଯେ ଆପଣମାନେ କାଳିଆ, ବଳରାମ ଯୋଜନା, ମୋ ପୋଖରୀ ଯୋଜନା ଇତ୍ୟାଦିରେ ଅନେକ ସହାୟତା ପାଇ ଚାଲିଛନ୍ତି, ପୁଣି ବିକାଶ ଖୋଜୁଛନ୍ତି କିପରି ? ତହୁଁ ବିକାଶକୁ ନ ପାଇ ନିରାଶ ହୋଇ ସମସ୍ତେ ପଞ୍ଚାୟତ ଅଫିସକୁ ଚାଲିଲେ।

ପଞ୍ଚାୟତ ସେକ୍ରେଟାରିଙ୍କୁ ବିକାଶ ହଜିବା କଥା ପଚାରନ୍ତେ ସେ କହିଲେ, ଆପଣମାନେ ବିଜୁ ପକ୍କାଘର ଯୋଜନାରେ ଘର ପାଉଛନ୍ତି, ବସୁଧା ଯୋଜନାରେ ଜଳ ପାଉଛନ୍ତି, ଗାଁରେ ମାଗଣା ବିଜୁଳିବତି ଜଳୁଛି, ଗାଁକୁ ଲକ୍ଷ୍ମୀବସ୍ ଆସୁଛି, ହରିଶ୍ଚନ୍ଦ୍ର ଯୋଜନାରେ ମଲେ ମଧ୍ୟ ପରିଜନମାନେ ସହାୟତା ପାଉଛନ୍ତି। ଏହା କ'ଣ ବିକାଶ ନୁହେଁ ? ସେଠାରୁ ପୁଣି ଗାଁଲୋକେ ଡାକ୍ତରଖାନାରେ ଯାଇ ବିକାଶକୁ ଖୋଜିଲେ। ଡାକ୍ତର ଦାୟିତ୍ୱରେ ଥିବା ଫାର୍ମାସିଷ୍ଟ ବାବୁ କହିଚାଲିଲେ, ଆଜ୍ଞା ମମତା ଯୋଜନାରେ ପିଲାଟିଏ ଗର୍ଭରେ ସଞ୍ଚରିବା ବେଳଠୁ ମା'ମାନଙ୍କୁ ପଇସା ମିଳୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପରିବାର ପିଛା ୫ରୁ ୧୦ ଲକ୍ଷ ଯାଏ ଚିକିତ୍ସା ଖର୍ଚ୍ଚ ପାଉଛନ୍ତି। ଏହାଛଡା ସହାୟ, ନିଦାନ, ଅନ୍‌ମୋଲ ତଥା ଆମ କ୍ଲିନିକ ଯୋଜନାରେ ଘର ପାଖରେ ସବୁ ପରୀକ୍ଷାନିରୀକ୍ଷା ସୁବିଧା ମାଗଣାରେ ପାଉଛନ୍ତି, ନିରାମୟ ଯୋଜନାରେ ମାଗଣା ଔଷଧ ପାଇବା ପରେ ଆପଣମାନେ ପୁଣି ବିକାଶକୁ ଖୋଜୁଛନ୍ତି? ଡାକ୍ତରଖାନାରୁ ବାହାରି ଥାନାକୁ ଯିବା ବାଟରେ ଡାକଘରଟି ପଡିଲା। ସେଠାରେ ବିକାଶକୁ ଖୋଜନ୍ତେ, ଡାକପାଳ ବୁଝାଇଦେଲେ ଯେ କେନ୍ଦ୍ର ସରକାଙ୍କ ତରଫରୁ ସମ୍ପୂର୍ଣ୍ଣ ମାଗଣାରେ ଚାଉଳ, ଚିନି, କିରୋସିନ ରାଶନ କାର୍ଡରେ ଆପଣମାନଙ୍କୁ ମିଳୁନାହିଁ କିଁ? ଏହାବ୍ୟତୀତ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଆର୍ଥିକ ସହାୟତା, ଆବାସ ଯୋଜନାରେ ଘର ଇତ୍ୟାଦି ହାତେଇ ନେଇସାରିବା ପରେ ବିକାଶକୁ ଖୋଜିବାକୁ ଆସୁଛନ୍ତି ? ଯଦି ଚାହୁଁଛନ୍ତି ସୁକନ୍ୟା ସମୃଦ୍ଧି ଯୋଜନା ତଥା କିଷାନ ବିକାଶ ପତ୍ର, ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ମାଧ୍ୟମରେ ଡାକଘରେ ସଞ୍ଚୟ ଖାତାଟିଏ ଖୋଲନ୍ତୁ, ସବୁଠାରୁ ଅଧିକ ସୁଧ ପାଇବେ। ଏକଥା ଶୁଣି ଗ୍ରାମବାସୀ ଥାନାରେ ଯାଇ ବିକାଶ ନିରୁଦ୍ଦିଷ୍ଟ ବୋଲି ଅର୍ଜିଟିଏ ଦେବାକୁ ପହଞ୍ଚନ୍ତେ ଦେଖିଲେ ସର୍ବସାଧାରଣଙ୍କ ପାଇଁ ଅଭ୍ୟର୍ଥନା ଗୃହଟିଏ ଅଛି। ଆଦର୍ଶ ଥାନା ବୋଲି ଲେଖାହୋଇ କାନ୍ଥବାଡକୁ ରଙ୍ଗିନଚିତ୍ରରେ ସଜାଯାଇଛି। ଆପତ୍ତି ଅଭିଯୋଗ ଶୁଣିବାକୁ ସମସ୍ତ ପ୍ରାବଧାନ ଖଞ୍ଜାଯାଇଛି ସତ କିନ୍ତୁ କର୍ମଚାରୀଙ୍କ ସଂଖ୍ୟା ସମାନୁପାତିକ ନାହିଁ। ତେଣୁ ବିକାଶ ନିରୁଦ୍ଦିଷ୍ଟ ହେବାର ଅଭିଯୋଗପତ୍ରଟି ସେଠାରେ ଦାଖଲ କଲାବେଳକୁ ଥାନାବାବୁ କହିଲେ, ଧୈର୍ଯ୍ୟର ସହିତ ଅପେକ୍ଷାକର । ଯଦି କୁଆଡେ ଯାଇଥିବ ୨୦୨୪ ନିର୍ବାଚନ ବେଳକୁ ଆସି ପହଞ୍ଚିବ, ଆପଣମାନେ ଗାଁକୁ ଫେରିଯାନ୍ତୁ, ଆମେ ମଧ୍ୟ ବିକାଶକୁ ଧରିଆଣି ଆପଣମାନଙ୍କ ପାଖରେ ପହଞ୍ଚାଇବାର ସମସ୍ତ ବ୍ୟବସ୍ଥା କରୁଛୁ। ଏହା ଶୁଣି ବିକାଶର ବାପାଙ୍କ ସହିତ ଗ୍ରାମବାସୀ କାନମୁଣ୍ଡା ଆଉଁସି ଗାଁକୁ ଫେରିଆସି ଦେଖନ୍ତି ଯେ ବିକାଶର ଘରେ ପ୍ରବଳ ଗହଳି। ତା'ର ମା' ବିକାଶକୁ ଗୋଡରେ ବସେଇ ଖୋଇଦେବା ବେଳେ କହୁଥାଏ ମୋ ଧନରେ, ସୁନାରେ, ତତେ କାହାର ନଜର ନ ଲାଗୁ। ମୋ ବିରୋଧୀଏ ଅନ୍ଧହୋଇ ଯାନ୍ତୁ ତୋତେ ଦେଖି ନ ପାରନ୍ତୁ । ତୁ ସୁରକ୍ଷିତ ଥା।

ମୋ: ୮୧୪୪୦୬୬୦୧୬

## ଏଇ ଭାରତରେ

ଅନେକ ସାମାଜିକକର୍ମୀ, ବେସରକାରୀ ସଂସ୍ଥା କିମ୍ବା ଡାକ୍ତର ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇଦେବା ବିଷୟ ସାମ୍ନାକୁ ଆସିଥାଏ। କିନ୍ତୁ ବେଙ୍ଗାଲୁରୁର ଅଜୟନ ନାମ୍ବିନିପୁରଥ୍ରୁ ରୋଗୀମାନଙ୍କୁ ହ୍ୱିଲ ଚେୟାର, ନେବୁଲାଇଜର, ୱାକିଂ ଷ୍ଟିକ୍ ଓ ବେଡ୍ ଆଦି ମେଡିକାଲ ଉପକରଣ ମାଗଣାରେ ଯୋଗାଇ ଦେଉଛନ୍ତି। ଯେଉଁମାନେ ଏସବୁ କିଣିବା ପାଇଁ ସକ୍ଷମ ନୁହନ୍ତି, ନିର୍ଦ୍ଦିଷ୍ଟ ଭାବେ ସେମାନଙ୍କୁ ସେ ଏସବୁ ଦେଉଛନ୍ତି। ବିଜୟନଙ୍କଠାରୁ ଏସବୁ ଉପକରଣ ସଂଗ୍ରହ କରୁଛନ୍ତି। ସେ ଏବେ ସୁଦ୍ଧା ୮୫ ଜଣଙ୍କୁ ମେଡିକାଲ ଉପକରଣ ଯୋଗାଇ ସାରିଲେଣି। 'ସନାଥ୍ୟ ଫାଉଣ୍ଡେଶନ' ନାମକ ଏକ ବେସରକାରୀ ସଂସ୍ଥା ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବିଜୟନଙ୍କ ଜନ୍ମ କେରଳରେ ଓ ସେଇଠି ବି ପଢ଼ିଛନ୍ତି। କିନ୍ତୁ ପଢ଼ିବା ଲାଗି ବେଙ୍ଗାଲୁରୁ ଆସିବା ପରେ ଏଭଳି ସେବା ଯୋଗାଇ ଦେବାର ଧାରଣା ପ୍ରଥମେ ତାଙ୍କ ମନକୁ ଆସିଥିଲା । ପରେ ୨୦୧୬ରେ ଏଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ ଓ ୨୦୧୭ରେ ସନାଥ୍ୟ ଫାଉଣ୍ଡେଶନ ଗଠନ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୨ ଜାନୁଆରୀ ୧୯୭୫**

- ସୋଭିଏତ୍ ରୁଷିଆ ପକ୍ଷରୁ ସୋୟୁଜ-୧୭ ଶୀର୍ଷକ ଏକ ସମାନବ ମହାକାଶ ପୋତ ପ୍ରେରଣ।
- ବମ୍ବେ ଉପକୂଳବର୍ତ୍ତୀ ଅଞ୍ଚଳରେ ତୈଳ ଅନୁସନ୍ଧାନ କାର୍ଯ୍ୟ ଚାଲିଥିବା ବେଳେ ତୃତୀୟ କୂଅରୁ ତୈଳର ସନ୍ଧାନ ମିଳିଥିବା ନେଇ ପେଟ୍ରୋଲିୟମ ଓ ରାସାୟନିକ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା।
- ହରିଆଣାର ଜିନ୍ଦଠାରେ ଦେଢ଼କୋଟି ଟଙ୍କା ବ୍ୟୟରେ ଏକ ସ୍ୱୟଂକ୍ରିୟ ଗୋଖାଦ୍ୟ କାରଖାନା ପ୍ରତିଷ୍ଠା।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 7 | | | | 4 |
| | | | 4 | | | | | 2 |
| | 8 | | | | | 6 | | |
| | 3 | 2 | | | 1 | | | |
| | 5 | 7 | | | | | | 3 |
| | 6 | | 8 | | | | | 1 |
| | | | 9 | 6 | | 7 | | |
| 2 | | | | 4 | | 3 | | 6 |
| | | 5 | | 8 | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 7 | 4 | 5 | 9 | 6 | 2 |
| 4 | 9 | 6 | 1 | 8 | 2 | 7 | 5 | 3 |
| 7 | 5 | 2 | 3 | 6 | 9 | 8 | 4 | 1 |
| 2 | 8 | 3 | 6 | 5 | 4 | 1 | 9 | 7 |
| 9 | 4 | 7 | 8 | 1 | 3 | 6 | 2 | 5 |
| 1 | 6 | 5 | 2 | 9 | 7 | 4 | 3 | 8 |
| 8 | 7 | 4 | 5 | 3 | 6 | 2 | 1 | 9 |
| 5 | 2 | 9 | 4 | 7 | 1 | 3 | 8 | 6 |
| 6 | 3 | 1 | 9 | 2 | 8 | 5 | 7 | 4 |

ଗତକାଲିର ଉତ୍ତର

# ସ୍ୱାମୀ ବିବେକାନନ୍ଦ ଓ ବିଶ୍ୱଦର୍ଶନ



ଜନାର୍ଦ୍ଦନ ପତି

ଆଧୁନିକ ଭାରତର ସର୍ବଶ୍ରେଷ୍ଠ ବୈଦିକ ଦର୍ଶନର ଦାର୍ଶନିକ ଓ ସମାଜ ସଂସ୍କାରକ ଭାବେ ସ୍ୱାମୀ ବିବେକାନନ୍ଦ କେବଳ ଭାରତରେ ନୁହେଁ, ୟୁରୋପ, ଆମେରିକା ଓ ଏସିଆର ବିଭିନ୍ନ ଦେଶରେ ଖ୍ୟାତିଅର୍ଜନ କରିଥିଲେ। ସେ ୧୨।୧।୧୮୬୩ରେ ଜନ୍ମଗ୍ରହଣ କରିଥିଲେ ଓ ୪।୭।୧୯୦୨ରେ ମୃତ୍ୟୁବରଣ କରିଥିଲେ। ଏହି ସ୍ୱଳ୍ପକାଳ ମଧ୍ୟରେ ସେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରିଥିଲେ। ୧୮୯୩ରେ ଆମେରିକାର ଚିକାଗୋ ସହରରେ ଅନୁଷ୍ଠିତ ବିଶ୍ୱ ଧର୍ମ ପାର୍ଲାମେଣ୍ଟରେ ତାଙ୍କର ଓଜସ୍ୱିନୀ ବକ୍ତବ୍ୟ ତାଙ୍କୁ ସମଗ୍ର ବିଶ୍ୱରେ ପରିଚିତ କରାଇଥିଲା। ସେ ହିନ୍ଦୁ ଧର୍ମର ଦର୍ଶନକୁ ବିଶ୍ୱ ଦରବାରରେ ଉପସ୍ଥାପନ କରି ଭାରତର ସମ୍ମାନ ବହୁଗୁଣ ବଢାଇ ପାରିଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଥିଲା ବିଶ୍ୱ ଦର୍ଶନ। ସ୍ୱାମୀ ବିବେକାନନ୍ଦ ଜନ୍ମଗ୍ରହଣ ପରେ ନରେନ୍ଦ୍ର ନାଥ ଦତ୍ତ ଭାବରେ ପରିଚୟ ଲାଭ କରିଥିଲେ। ପରେ ସେ ସ୍ୱାମୀ ବିବେକାନନ୍ଦ ନାମରେ ଖ୍ୟାତି ଅର୍ଜନ କରିଛନ୍ତି।

ବିବେକାନନ୍ଦ ପ୍ରାୟ ୪ ବର୍ଷ ଆମେରିକାରେ ରହି ଶତାଧିକ ଧର୍ମ ସଭାରେ ବକ୍ତବ୍ୟ ରଖିଥିଲେ। ତାଙ୍କ ମତରେ ଧର୍ମ କେବଳ ତତ୍ତ୍ୱ ନୁହେଁ ବରଂ ଜୀବନ ପ୍ରଣାଳୀ ପାଇଁ ଏକ ଦର୍ଶନ। ଏହା ମଣିଷକୁ ବର୍ବରତାରୁ ମନୁଷ୍ୟତାକୁ ନେଇଯାଇଥାଏ। ସେ ତାଙ୍କ ସମୟର ଧର୍ମୀୟ ରୂଢ଼ିବାଦୀ କାର୍ଯ୍ୟକ୍ରମକୁ ଘୃଣା କରୁଥିଲେ। ସେ କହିଛନ୍ତି- ବିଜ୍ଞାନ ଯେପରି ପରୀକ୍ଷାମୂଳକ ଭାବେ ନିଜକୁ ପ୍ରତିଷ୍ଠା କରିଛି, ଧର୍ମ ସେହିପରି କାରଣ ଦେଖାଇ ନିଜକୁ ପ୍ରତିଷ୍ଠା କରିବା ଆବଶ୍ୟକ। ଯଦି ଏକ ଧର୍ମ ଏହି ପରୀକ୍ଷାମୂଳକ ପ୍ରକ୍ରିୟାରେ ଧ୍ୱଂସ ହୋଇଯାଏ, ତେବେ ଏହା ମୂଲ୍ୟହୀନ ଅନ୍ଧବିଶ୍ୱାସ। ସ୍ୱାମୀ ବିବେକାନନ୍ଦ ଭାରତର ସମସ୍ତ ଧର୍ମକୁ ବିଶ୍ଳେଷଣ କରିଥିଲେ। ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମ ବୁଦ୍ଧଙ୍କ ସମ୍ପର୍କରେ ସେ କହିଛନ୍ତି- 'ସେ ସମସ୍ତ ପ୍ରକାର ଅସମାନତା ବିରୋଧରେ ପ୍ରତିବାଦ କରିଛନ୍ତି, ମଣିଷ-ମଣିଷ ଭିତରେ ଓ ମଣିଷ-ପଶୁ ମଧ୍ୟରେ। ତାଙ୍କ ମତରେ ସବୁ ଜୀବନ ସମାନ।

ହିନ୍ଦୁ ଦର୍ଶନର ଅନୁରାଗୀମାନଙ୍କୁ ସ୍ୱାମିଜୀ କହିଛନ୍ତି- ଏଠାରେ ଲୋକମାନେ ବେଦକୁ ତ୍ୟାଗ କରି ଦେଇଛନ୍ତି, ତୁମର ସମସ୍ତ ଦର୍ଶନ ଠୁଳ ହୋଇଛି ରୋଷେଇ ଘରେ। ଭାରତର ବର୍ତ୍ତମାନ ଧର୍ମର ଭିତ୍ତି ହେଉଛି- ଅସ୍ପୃଶ୍ୟତା। ଏହାକୁ ବ୍ରିଟିଶମାନେ କେବେହେଲେ ଗ୍ରହଣ କରିବେ ନାହିଁ। ବର୍ତ୍ତମାନର ହିନ୍ଦୁଧର୍ମର କ୍ଷୟ ଘଟିଛି। ଏତିକିବେଳେ ସ୍ୱାମୀ ବିବେକାନନ୍ଦଙ୍କୁ ପ୍ରଶ୍ନ କରାଯାଇଥିଲା। ଭାରତର ପୁନଃଜାଗରଣ ପାଇଁ କ'ଣ କରାଯିବା ଆବଶ୍ୟକ ?

ସ୍ୱାମିଜୀ କହିଥିଲେ- ସବୁଠାରୁ ବଡ଼ ଅପରାଧ ହୋଇଛି ସାଧାରଣ ମଣିଷଙ୍କୁ ଉପେକ୍ଷା କରାଯାଇଛି। ତାହା ହିଁ ଆମ ଅଧପତନର ମୂଳକାରଣ। ଯେ ପର୍ଯ୍ୟନ୍ତ ଭାରତର ସବୁ ଲୋକଙ୍କୁ ଶିକ୍ଷା, ଉପଯୁକ୍ତ ଖାଦ୍ୟ ଓ ସେମାନଙ୍କ ଯତ୍ନ ନିଆ ନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ଭାରତର ବିକାଶ ହେବ ନାହିଁ। ଆମର ଶିକ୍ଷା ପାଇଁ ସେମାନେ ଟିକସ ଦିଅନ୍ତି, ସେମାନେ ଆମ ପାଇଁ ମନ୍ଦିର ନିର୍ମାଣ କରନ୍ତି ଏବଂ ତାହାର ପ୍ରତିଦାନରେ ସେମାନେ ପଦାଘାତ ପାଆନ୍ତି। ବାସ୍ତବ କ୍ଷେତ୍ରରେ ସେମାନେ ଆମର କ୍ରୀତଦାସ। ସେମାନଙ୍କୁ ସେମାନଙ୍କର ଅଧିକାର ଦିଅ ଓ ସେମାନେ ତାଙ୍କ ଅଧିକାରକୁ ସାବ୍ୟସ୍ତ କରନ୍ତୁ।



ମହିଳାମାନଙ୍କ ପ୍ରସଙ୍ଗରେ ସ୍ୱାମୀ ବିବେକାନନ୍ଦ କହିଥିଲେ- ସେମିଟିକ୍ ଜାତିରେ ମହିଳାମାନଙ୍କ ଉପସ୍ଥିତି ପୂଜା ପାଇଁ ଗ୍ରହଣୀୟ ନୁହେଁ, ଏପରି କି କୌଣସି ଧର୍ମୀୟ କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ରହେ ନାହିଁ। ମାତ୍ର ଆର୍ଯ୍ୟ ଜାତିରେ ଧର୍ମୀୟ କାର୍ଯ୍ୟରେ ସ୍ତ୍ରୀ ନ ଥିଲେ ତାହା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ତେବେ ବର୍ତ୍ତମାନର ହିନ୍ଦୁଧର୍ମ କ'ଣ ଆର୍ଯ୍ୟ ଧାରା ପ୍ରତି ବିଶ୍ୱସ୍ତ ନୁହେଁ କି? ତାଙ୍କୁ ଏହି ପ୍ରଶ୍ନ କରାଯାଇଥିଲା। ତାହାର ଉତ୍ତରରେ ସେ କହିଥିଲେ- ଆଧୁନିକ ହିନ୍ଦୁଧର୍ମ ବିଶେଷ ଭାବେ ପୁରାଣ ଦ୍ୱାରା ଆଧାରିତ, ଅର୍ଥାତ୍ ବୌଦ୍ଧଧର୍ମର ପରବର୍ତ୍ତୀ କାଳରେ ଏହା ବିଭିନ୍ନ ପୁରାଣ ଦ୍ୱାରା ପ୍ରଭାବିତ ହୋଇଆସିଛି।

ମହିଳାମାନଙ୍କ ବ୍ରହ୍ମଚର୍ଯ୍ୟ ସମ୍ପର୍କରେ ସ୍ୱାମିଜୀ କହିଥିଲେ- ଯଦି ଧର୍ମଶାସ୍ତ୍ରରେ ମହିଳାମାନେ ବ୍ରହ୍ମଚର୍ଯ୍ୟ ପାଳନ କରାଯିବା କଥା କୁହାଯାଇଛି, ତେବେ ପୁରୁଷମାନଙ୍କ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ। ହିନ୍ଦୁ ଧର୍ମରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଭିନ୍ନ ଭିନ୍ନ କର୍ତ୍ତବ୍ୟ ନିରୂପଣ କରାଯାଇନାହିଁ।

ହିନ୍ଦୁ-ମୁସ୍‌ଲିମ ଏକତା ସମ୍ପର୍କରେ ୧୦।୬।୧୮୯୮ରେ ସ୍ୱାମୀ ବିବେକାନନ୍ଦ ତାଙ୍କ ବନ୍ଧୁ ମହମ୍ମଦ ସର୍ଫରାଜ ହୁସେନଙ୍କୁ ଏକ ପତ୍ରରେ ଲେଖିଥିଲେ, ବେଦାନ୍ତ ଦର୍ଶନ ମାନବ ଧର୍ମର ସର୍ବଶ୍ରେଷ୍ଠ ପର୍ଯ୍ୟାୟ। ମୋର ବିଶ୍ୱାସ ଏହା ଭବିଷ୍ୟତ ପାଇଁ ଆଲୋକ ବର୍ତ୍ତିକା। ଭାରତକୁ ହିନ୍ଦୁମାନେ ଅନ୍ୟମାନଙ୍କଠାରୁ ଆଗରୁ ଆସିଥିଲେ। ଅଦ୍ୱୈତ ବେଦାନ୍ତ ଯାହା ସବୁ ମଣିଷର ଆତ୍ମାକୁ ସମାନ ବୋଲି ବିଶ୍ୱାସ କରେ, ତାହା ହିନ୍ଦୁ ସମାଜରେ ଗ୍ରହଣୀୟ ହୋଇପାରିନାହିଁ। ମୋ ମତରେ ଯଦି କୌଣସି ଧର୍ମ ଏହି ସମତା ଚିନ୍ତାଧାରାକୁ ଠିକ୍ ଭାବରେ ଚଳାଇଛି, ତେବେ ତାହା ହେଉଛି ଏକମାତ୍ର ଇସ୍‌ଲାମ।

ଆମର ମାତୃଭୂମି ପାଇଁ ଦୁଇ ବିଶ୍ୱାସର ମିଳନ ଆବଶ୍ୟକ- ହିନ୍ଦୁଧର୍ମ ଓ ଇସ୍‌ଲାମ। ଆମ ଦେଶ ପାଇଁ ବେଦାନ୍ତ ମସ୍ତିଷ୍କ ଓ ଇସ୍‌ଲାମ ଶରୀର - ଏହା ହିଁ କେବଳ ଆଶା। ଖ୍ରୀଷ୍ଟଧର୍ମ ଓ ଅନ୍ୟାନ୍ୟ ଧର୍ମ ସମ୍ପର୍କରେ ସ୍ୱାମିଜୀ କହିଛନ୍ତି, ପ୍ରତ୍ୟେକ ଧର୍ମରେ କିଛି ଭଲଗୁଣ ଅଛି, ତା' ନ ହେଲେ କୋଟି କୋଟି ଲୋକ ତାହାକୁ କାହିଁକି ଗ୍ରହଣ କରୁଛନ୍ତି ? କୌଣସି ଧର୍ମ ଉଚ୍ଚ ନୁହେଁ କି କୌଣସି ଧର୍ମ ନୀଚ ନୁହେଁ। ଯେଉଁମାନେ ଗୋଟିଏ ଧର୍ମ ବା ଗୋଟିଏ ଧର୍ମର ପ୍ରତିଷ୍ଠାତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ବୋଲି କହୁଛନ୍ତି, ସେମାନେ ଭୁଲ କହୁଛନ୍ତି। ପାଶ୍ଚାତ୍ୟ ଦେଶର ଲୋକମାନେ ଯେଉଁ ଧର୍ମକୁ ବିଶ୍ୱାସ କରୁଛନ୍ତି, ସେଥିରେ ଥିବା ଭଲ ଗୁଣଗୁଡିକୁ ଆମେ ଗ୍ରହଣ କରିବା ଉଚିତ।

ସ୍ୱାମିଜୀ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଆଦି ସକଳ ଧର୍ମାବଲମ୍ବୀଙ୍କ ଘରେ ଖାଦ୍ୟ ଗ୍ରହଣ କରିଛନ୍ତି, ସେମାନଙ୍କ ଘରେ ରହିଛନ୍ତି ଓ ସବୁ ଧର୍ମ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଏକ ବିଶ୍ୱଦର୍ଶନର ବାଣୀ ସେ ମାନବ ସମାଜକୁ ଦେଇଛନ୍ତି। ସ୍ୱାମିଜୀ ଜଣେ ବିଖ୍ୟାତ ହିନ୍ଦୁ ସନ୍ନ୍ୟାସୀ ଥିଲେ, ମାତ୍ର ହିନ୍ଦୁତ୍ୱବାଦୀ ନ ଥିଲେ। ଭାରତୀୟ ସମାଜରେ ଦଳିତ, ଶୂଦ୍ର, ମହିଳା ଓ ଆଦିବାସୀମାନଙ୍କ ଶୋଚନୀୟ ଅବସ୍ଥା ଦେଖି ସେ ମ୍ରିୟମାଣ ହୋଇ ଉଠିଥିଲେ ଓ ହିନ୍ଦୁ ସମାଜର ସଂସ୍କାର ପାଇଁ ସେ ଅନ୍ୟ ଧର୍ମର ସୁଗୁଣଗୁଡିକୁ ଆହରଣ କରିବାକୁ ଉପଦେଶ ଦେଉଥିଲେ।

ଏକବିଂଶ ଶତାବ୍ଦୀରେ ଭାରତରେ ଧର୍ମୀୟ ବିଦ୍ୱେଷ ଓ ଉତ୍ପୀଡନ ବଢିବା କାଳରେ ବିବେକାନନ୍ଦଙ୍କ ଅମୂଲ୍ୟ ଦର୍ଶନ ଓ ତାଙ୍କର ମହାନ୍ ବାଣୀ ହିଁ ଭାରତୀୟ ସମାଜକୁ ଅଗ୍ରସର କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିବ, ଏଥିରେ ସନ୍ଦେହ ନାହିଁ। ଭାରତର ହିନ୍ଦୁସମାଜ ସ୍ୱାମୀ ବିବେକାନନ୍ଦଙ୍କ ଉତ୍ସର୍ଗୀକୃତ ଜୀବନଧାରାକୁ ଅଧ୍ୟୟନ କଲେ ଆମ ଦେଶରେ ସାମାଜିକ ବିଦ୍ୱେଷ, ଘୃଣା ଓ ଧର୍ମୀୟ ପାତରଅନ୍ତର ହ୍ରାସ ପାଇବ ଏବଂ ସମୃଦ୍ଧ ଭାରତ ପ୍ରତିଷ୍ଠା ହୋଇପାରିବ।

ମୋ-୯୪୩୭୦୦୭୭୭୦

## ପାଠକ ଶ୍ରେଷ୍ଠ ବିଚାରକ

### ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ

ମହାଶୟ,

ବର୍ତ୍ତମାନ ରାଜ୍ୟରେ ଶ୍ରୀଜଗନ୍ନାଥ ମନ୍ଦିରର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ପାଇଁ ଜୋରସୋର ପ୍ରଚାର ଚାଲିଛି ଯେଉଁଥିରେ ସେବକ ଶ୍ରେଣୀର ଦଇତାମାନେ ବେଶୀ ଉତ୍ସାହିତ। ସେମାନେ ସବୁ କାମରେ ଲାଗିପଡ଼ିଛନ୍ତି କ'ଣ ପାଇଁ ଓ କାହିଁକି ? ଅନ୍ୟ ଉପରସ୍ତରର ସେବକମାନେ ଗଲେ କୁଆଡ଼େ। ଆମ ସଂସ୍କୃତିରେ ପରିକ୍ରମା ଅଛିକି ? ଏହା ସହ ତାଳ ଦେଇ କେନ୍ଦ୍ର ସରକାର ମଧ ଭବ୍ୟ ଓ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ଜୋରସୋରରେ ପ୍ରଚାର ଚଳାଇଛନ୍ତି। କରୋନାର ପ୍ରକୋପ ପୁଣି ବଢ଼ି ଚାଲୁଥିବାବେଳେ ଉଭୟ ସରକାର କେବଳ ମନ୍ଦିର ପାଇଁ ଆଗ୍ରହୀ କ'ଣ ପାଇଁ। ଆମ ସମ୍ବିଧାନରେ କ'ଣ ଆଉ କିଛି ମୂଲ୍ୟ ନାହିଁ। ସାର୍ବଭୌମତ୍ୱ ଗଲା କୁଆଡ଼େ ? ମନ୍ଦିର ହେଲେ ଦେଶର କି ଉନ୍ନତି ହେବ ? ବେକାରୀ, ଦାରିଦ୍ର୍ୟରେ ଦେଶ ଜର୍ଜରିତ ହେଉଥିବା ସମୟରେ ଏ ସବୁ ଭୋଟ ବ୍ୟାଙ୍କ ପ୍ରଚାର ସର୍ବସ୍ୱ ପ୍ରବୃତ୍ତି ଦେଶକୁ ପୁଣି ଭାଗ ଭାଗ କରାଇବା ପାଇଁ ଷଡ଼ଯନ୍ତ୍ର ଭଳି ଲାଗିଲାଣି। ଏହାର ଉତ୍ତର ଆମ ସମସ୍ତଙ୍କ ପାଖରେ ଅଛି ମାତ୍ର ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ?

-ଡ.ରାଜୀବ ଷଡ଼ଙ୍ଗୀ, କୁଣ୍ଡି, କୁମୁଡ଼ା, ଜୟପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଲକ୍ଷ ଯୋଜନ-ବ୍ୟାପୀ
ଅଖଣ୍ଡ ଥାଟ ଚଳେ ଅବିଶ୍ରାମ
ଦିଗ୍‌ବଳୟକୁ ମାପି
ଉଠେ ସାମଗାନ ଗୁରୁଗମ୍ଭୀର
ତୁଟେ ମସ୍‌ଜିଦ, ତୁଟେ ମନ୍ଦିର।
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ସଂକ୍ଷେପରେ**

## ଦୁର୍ଘଟଣାରୁ ବର୍ତ୍ତିଲେ ମେହବୁବା



**ଶ୍ରୀନଗର,୧୧।୧:** ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅନନ୍ତନାଗ ଜିଲାର ସଙ୍ଗମଠାରେ ତାଙ୍କର କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ମେହବୁବା ଅଗ୍ନି ଦୁର୍ଘଟଣା ବିପନ୍ନଙ୍କୁ ଭେଟିବା ଲାଗି ଖାନାବଲ ଯାଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। କାର୍‌ରେ ଥିବା ବ୍ୟକ୍ତିଗତ ସୁରକ୍ଷା କର୍ମୀ ଓ ଡ୍ରାଇଭର ଆହତ ହୋଇଛନ୍ତି। ତେବେ ମେହବୁବାଙ୍କର କୌଣସି କ୍ଷତି ହୋଇ ନ ଥିବା ତାଙ୍କ ଝିଅ ଇଲ୍‌ତିଜା ଏକ୍ସ'ରେ ପୋଷ୍ଟ କରିଛନ୍ତି। ମେହବୁବା ମଧ୍ୟ ସୋସିଆଲ ମିଡିଆରେ ପୋଷ୍ଟ କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ସେ ଆହତ ଡ୍ରାଇଭର ଏବଂ ପିଏସ୍‌ଓଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବେ ଆଡଭାନୀ



**ନୂଆଦିଲ୍ଲୀ,୧୧।୧(ପି.ଟି.):** ଅଯୋଧ୍ୟା ରାମ ଜନ୍ମଭୂମି ଆନ୍ଦୋଳନର ନେତୃତ୍ୱ ନେଇଥିବା ବର୍ଷିୟାନ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଆସନ୍ତା ୨୨ ତାରିଖ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବେ। ବିଶ୍ୱହିନ୍ଦୁ ପରିଷଦ ଅଧ୍ୟକ୍ଷ ଆଲୋକ କୁମାର ଏହି ସୂଚନା ଦେଇଛନ୍ତି। ତେବେ ଅନ୍ୟତମ ବରିଷ୍ଠ ନେତା ମୁରଲୀ ମନୋହର ଜୋଶୀ ଉତ୍ସବରେ ଯୋଗଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ୯୬ ବର୍ଷୀୟ ଆଡଭାନୀ ଆସିବାକୁ ସହମତି ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କୁମାର କହିଛନ୍ତି। ଉଭୟ ଆଡଭାନୀ ଏବଂ ଜୋଶୀ ଭାଜପାର ପ୍ରତିଷ୍ଠାତା ସଦସ୍ୟ ଏବଂ ୮୦ ଓ ୯୦ ଦଶକରେ ରାମ ଜନ୍ମଭୂମି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସ୍ୱାସ୍ଥ୍ୟ ଓ ବୟସାଧିକ୍ୟ କାରଣରୁ ସେମାନେ ଉତ୍ସବରେ ଯୋଗଦେଇ ନ ପାରନ୍ତି ବୋଲି ଗତ ମାସରେ ରାମ ଜନ୍ମଭୂମି ଟ୍ରଷ୍ଟ ପକ୍ଷରୁ କୁହାଯାଇଥିଲା। ଏହାକୁ ନେଇ ବିବାଦ ଦେଖାଦେବା ପରେ କୁମାର ଉଭୟଙ୍କୁ ନିମନ୍ତ୍ରଣ କରିଥିଲେ।

# ମାଳଦ୍ୱୀପରେ ବାହ୍ୟ ହସ୍ତକ୍ଷେପକୁ ବିରୋଧ କରିବୁ: ଚାଇନା

ବେଜିଂ,୧୧।୧(ପି.ଟି.)

ମାଳଦ୍ୱୀପର ଆଭ୍ୟନ୍ତରୀଣ ବ୍ୟାପାରରେ ବାହ୍ୟ ହସ୍ତକ୍ଷେପକୁ ଦୃଢ଼ ବିରୋଧ କରାଯିବ ବୋଲି ଚାଇନା ଗୁରୁବାର କହିଛି। ଉକ୍ତ ଦ୍ୱୀପପୁଞ୍ଜ ଦେଶର ସାର୍ବଭୌମତ୍ୱ ଓ ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କୁ ଚାଇନା ଗସ୍ତର ଶେଷ ଦିନରେ ବେଜିଂ କହିଛି। ଉଭୟ ଦେଶ ସେମାନଙ୍କର ମୁଖ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ପରସ୍ପରକୁ ଦୃଢ଼ ସମର୍ଥନ ଜାରି ରଖିବେ ବୋଲି ସହମତ ହୋଇଥିବା ଚାଇନା ନେତୃବୃନ୍ଦଙ୍କ ସହ ମୁଇଜ୍ଜୁଙ୍କ ଆଲୋଚନା ପରେ ଏକ ମିଳିତ ବିବୃତିରେ କୁହାଯାଇଛି। ଭାରତ ସହ କୂଟନୈତିକ ବିବାଦ ସୃଷ୍ଟି କରିବା ପରେ ଚାଇନା ସପକ୍ଷବାଦୀ ଭାବେ ଜଣଶୁଣା ମୁଇଜ୍ଜୁ ବେଜିଂ ଗସ୍ତରେ ଯାଇ ଅଧିକ ପର୍ଯ୍ୟଟକ ଓ ସହାୟତା ଯୋଗାଇଦେବାକୁ ଚାଇନାର ସହଯୋଗ ଲୋଡ଼ିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ୩ ମାଳଦ୍ୱୀପ ମନ୍ତ୍ରୀଙ୍କ ଅପମାନଜନକ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା। ଫଳରେ ମାଳଦ୍ୱୀପକୁ ଭାରତୀୟ ପର୍ଯ୍ୟଟନ ବାତିଲ କରିବା ଲାଗି ଅଭିଯାନ ଜୋର୍ ଧରିଥିଲା।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ମାଳଦ୍ୱୀପ ପ୍ରତିପକ୍ଷ ମୋହମ୍ମଦ ମୋଇଜ୍ଜୁ।

ମୁଇଜ୍ଜୁଙ୍କ ଗସ୍ତ ଅବସରରେ ଦୁଇଦେଶ ମଧ୍ୟରେ ୨୦ ଚୁକ୍ତିନାମା ବୁଧବାର ସ୍ୱାକ୍ଷର ହୋଇଥିଲା। ମୁଇଜ୍ଜୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ, ପ୍ରଧାନମନ୍ତ୍ରୀ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ମାଳଦ୍ୱୀପରେ ଚାଇନା ପର୍ଯ୍ୟଟକ ସଂଖ୍ୟା ବଢ଼ାଇବାରେ ସହଯୋଗ କରିବା ଅନ୍ୟତମ। ମାଳଦ୍ୱୀପକୁ ସର୍ବାଧିକ ଭାରତୀୟ ପର୍ଯ୍ୟଟକ ଯାଉଥିବାବେଳେ ଦ୍ୱିତୀୟ ସ୍ଥାନରେ ରୁଷିଆ ଓ ତୃତୀୟରେ ଚାଇନା ରହିଛି। ସେହିପରି ଚାଇନା-ମାଳଦ୍ୱୀପ ବିସ୍ତୃତ ରଣନୀତିକ ସହଯୋଗ ସହଭାଗିତା କାର୍ଯ୍ୟଯୋଜନାରେ ଉଭୟ ପକ୍ଷ ସ୍ୱାକ୍ଷର କରିଛନ୍ତି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍, ଆର୍ଥନୈତିକ ଓ ବୈଷୟିକ ସହଯୋଗ, ଡିଜିଟାଲ ଅର୍ଥନୀତି, ଭିତ୍ତିଭୂମି ନିର୍ମାଣ ଆଦିରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଛି।

# ଆଫଗାନିସ୍ତାନ, ପାକିସ୍ତାନରେ ଭୂକମ୍ପ: ଦିଲ୍ଲୀରେ ଝଟକା

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୧୧।୧

ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଗୁରୁବାର ଅପରାହ୍ନ ୨ଟା ୫୦ ମିନିଟ୍ ସମୟରେ ୬.୧ ତୀବ୍ରତାର ଭୂକମ୍ପ ହୋଇଛି। ଏହାର ପ୍ରଭାବରେ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନସିଆର୍) ସମେତ ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଛି। ଆଫଗାନିସ୍ତାନ ରାଜଧାନୀ କାବୁଲଠାରୁ ୨୪୧ କିଲୋମିଟର ଉତ୍ତର-ଉତ୍ତରପୂର୍ବ ଦିଗରେ ଭୂକମ୍ପର କେନ୍ଦ୍ରସ୍ଥଳ। ପାକିସ୍ତାନରେ ମଧ୍ୟ ୬.୦ ତୀବ୍ରତାର ଭୂକମ୍ପ ହୋଇଛି। ତେବେ ଭୂକମ୍ପ ଜନିତ ଧନଜୀବନ ହାନି ସମ୍ପର୍କିତ କୌଣସି ଖବର ମିଳିନାହିଁ। ପାକିସ୍ତାନର ଇସ୍‌ଲାମାବାଦ, ଲାହୋର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ, ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ଏବଂ ପଞ୍ଜାବ ପ୍ରଦେଶର କେତେକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା। ପାକ୍ ଅଧିକୃତ କଶ୍ମୀରର ମୁଜାଫରବାଦରେ ମଧ୍ୟ ଭୂକମ୍ପ ହୋଇଛି। ଲୋକେ ଭୟରେ ଘରୁ ବାହାରି ଆସିଥିଲେ। ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳରେ କମ୍ପନ ଯୋଗୁ ଲୋକେ ଭୟଭୀତ ହୋଇଯାଇଥିଲେ। ଘରେ ଥିବା ଆସବାବପତ୍ରଗୁଡ଼ିକ ଦୋହଲିଥିଲା ବୋଲି ଲୋକେ କହିଛନ୍ତି।

# ସ୍ୱଚ୍ଛ ନିର୍ବାଚନ ପାଇଁ ସିଇସିଙ୍କ ପରାମର୍ଶ

ନୂଆଦିଲ୍ଲୀ,୧୧।୧(ପି.ଟି.)

ଲୋକ ସଭା ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ଗୁରୁବାର ରାଜ୍ୟର ମୁଖ୍ୟ ନିର୍ବାଚନ ଅଫିସର (ସିଇଓ)ମାନଙ୍କୁ କହିଛନ୍ତି। ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ପାଇଁ ଜବରଦସ୍ତ ପ୍ରସ୍ତୁତି ହେବା ଆବଶ୍ୟକ ବୋଲି ଲୋକ ସଭା ନିର୍ବାଚନ ପୂର୍ବରୁ ସିଇଓମାନଙ୍କ ସମ୍ମିଳନୀକୁ କୁମାର କହିଛନ୍ତି। ନିର୍ବାଚନ ହେଉଛି କର୍ତ୍ତବ୍ୟ ଏବଂ ସଂକଳ୍ପର ଏକ ଯାତ୍ରା। ସମସ୍ତ ଭାଗିଦାରଙ୍କୁ ଯଥାସମ୍ଭବ ଶ୍ରେଷ୍ଠ ନିର୍ବାଚନୀ ଅନୁଭୂତି ପ୍ରଦାନ କରିବାକୁ ହେବ। ସଦ୍ୟସମାପ୍ତ

**ସିଇଓମାନଙ୍କ ସମ୍ମିଳନୀ**

ବିଧାନସଭା ନିର୍ବାଚନର ଅଭିଜ୍ଞତା ଓ ଶିକ୍ଷାକୁ ଅନ୍ୟମାନଙ୍କ ମଧ୍ୟରେ ବାଣ୍ଟିବା ଉଦ୍ଦେଶ୍ୟରେ ଦୁଇଦିନିଆ ସିଇଓ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିସହିତ ନିର୍ବାଚନୀ ଯୋଜନା, ଖର୍ଚ୍ଚ ପର୍ଯ୍ୟବେକ୍ଷଣ, ଭୋଟର ତାଲିକା, ଆଇଟି ଆପ୍ଲିକେଶନ, ଡେଟା ପରିଚାଳନା ଏବଂ ଇଭିଏମ୍ ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଏବଂ ଅରୁଣ ଗୋଏଲ ଉପସ୍ଥିତ ଥିଲେ।



ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଲାଗିବା ପାଇଁ ଏକ ସୁସଜ୍ଜିତ ଟ୍ରକ୍‌ରେ ୧୦୮ ଫୁଟ୍ ଲମ୍ବର ଅଗରବତୀ ନିଆଯାଉଛି।

# ମଣିପୁରରେ ୩ ନିଖୋଜଙ୍କ ମୃତଦେହ ଠାବ

ଗୁଆହାଟୀ,୧୧।୧

ମଣିପୁରର ବିଷ୍ଣୁପୁର-ଚୁରାଚାନ୍ଦପୁର ଜିଲା ସୀମାରେ ଥିବା ଜଙ୍ଗଲକୁ ଜାଳେଣି ସଂଗ୍ରହ ପାଇଁ ଯାଇଥିବା ୪ ଜଣ ବୁଧବାର ନିଖୋଜ ହୋଇଯାଇଥିଲେ। ଗୁରୁବାର ସକାଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ମିଳିଛି। ସେମାନଙ୍କୁ ଉଗ୍ରପନ୍ଥୀମାନେ ଉଠାଇନେଇ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଇମ୍ଫାଲ ନିଆଯାଇଥିବାବେଳେ ଚତୁର୍ଥ ନିଖୋଜ ବ୍ୟକ୍ତିଙ୍କୁ ଖୋଜା ଚାଲିଛି। ୪ ଜଣଙ୍କ ଘର ବିଷ୍ଣୁପୁର ଜିଲା କୁମ୍ଭି ତେରାଖୋଙ୍ଗରେ ଓ ସେମାନେ ମେଇତି ସମ୍ପ୍ରଦାୟର।

# ଗଣିକା ବୃତ୍ତିରେ ବିଦେଶୀଙ୍କୁ ସାମିଲ ପାଇଁ ଆପ୍



ଗିରଫ ଦୁଇ ଅଭିଯୁକ୍ତ।

**୨ ଇଞ୍ଜିନିୟର ଗିରଫ**

ବେଙ୍ଗାଲୁରୁ,୧୧।୧

ଏକ ସ୍ୱତନ୍ତ୍ର ଆପ୍ଲିକେଶନ ଡିଜାଇନ୍ କରି ବିଦେଶୀମାନଙ୍କୁ ନେଇ ଗଣିକାବୃତ୍ତି ର୍‍ୟାକେଟ ଚଳାଉଥିବା ୨ ଜଣ ସଫ୍ଟୱେର ଇଞ୍ଜିନିୟରଙ୍କୁ କର୍ଣ୍ଣାଟକ ପୋଲିସ ଗିରଫ କରିଛି। ଏହି ବ୍ୟବସାୟ ସହ ଜଡ଼ିତ ଅନ୍ୟ ୮ ଜଣଙ୍କୁ ଗିରଫ କରାଯିବା ସହ ୭ ଜଣ ବିଦେଶୀ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦରାଜୁ ବୋଲି ଜଣାପଡ଼ିଛି। ପୋଲିସ କହିବା ଅନୁଯାୟୀ, ଅଭିଯୁକ୍ତମାନେ ଭଲ ଆୟ କରୁଥିଲେ ମଧ୍ୟ ଶେୟାର ବଜାରରେ ପ୍ରଚୁର କ୍ଷତି ସହିବାରୁ ଆର୍ଥିକ ସଙ୍କଟ ମଧ୍ୟରେ ରହିଥିଲେ। ସେମାନେ ବ୍ୟାଙ୍କ ଋଣ ପରିଶୋଧ କରିବା ପାଇଁ ବିଦେଶୀ ମହିଳାମାନଙ୍କୁ ନେଇ ଦେହବ୍ୟବସାୟ ର୍‍ୟାକେଟ ଚଳାଉଥିଲେ। ସେମାନେ ଏଥିପାଇଁ ଏକ ଆପ୍ ବିକଶିତ କରିଥିଲେ ଏବଂ ବେଙ୍ଗାଲୁରୁରେ ଜଣେ ତୁର୍କୀ ମହିଳାଙ୍କ ସମ୍ପର୍କରେ ଆସିଥିଲେ। ଉକ୍ତ ମହିଳା ପର୍ଯ୍ୟଟକ ଭିଜାରେ ଭାରତ ଆସି ଜଣେ ଭାରତୀୟଙ୍କୁ ବିବାହ କରିଥିବାବେଳେ ଦେହ ବ୍ୟବସାୟକୁ ପେସା କରିଥିଲେ।

# ହୋଟେଲରେ ପଶି ଭିନ୍ନ ଧର୍ମର ଯୋଡ଼ିଙ୍କୁ ଆକ୍ରମଣ

ବେଙ୍ଗାଲୁରୁ,୧୧।୧

କର୍ଣ୍ଣାଟକର ଏକ ହୋଟେଲ ପ୍ରକୋଷ୍ଠ ମଧ୍ୟରେ ୬ ଜଣ ଲୋକ ଜବରଦସ୍ତ ପ୍ରବେଶ କରି ଭିନ୍ନ ଧର୍ମର ଯୋଡ଼ିଙ୍କୁ ନିର୍ଘାତ ମାଡ଼ ମାରିଛନ୍ତି। ଉକ୍ତ ଯୋଡ଼ିଙ୍କ ଅପରାଧ ହେଲା ସେମାନେ ଭିନ୍ନ ଧର୍ମର ହୋଇଥିବା ସତ୍ତ୍ୱେ ଏକାଠି ହୋଇଥିଲେ। ଦୁଇଦିନ ପୂର୍ବରୁ ଭୁଲ୍‌ବଶତଃ ଭିନ୍ନ ଧର୍ମର ଦମ୍ପତି ଭାବି ସମ୍ପର୍କୀୟ ଭଉଣୀଭାଇଙ୍କୁ କେତେଜଣ ଲୋକ ମାଡ଼ ମାରିଥିଲାବେଳେ ହୋଟେଲରେ ଆକ୍ରମଣର ଏହି ଭିଡିଓ ସାମ୍ନାକୁ ଆସିଛି। ଆକ୍ରମଣକାରୀମାନେ ଭିଡିଓ ପ୍ରସ୍ତୁତ କରିଥିବାରୁ ସେମାନେ ଉକ୍ତ ଘଟଣାରେ ନାଁ କରିବାକୁ ଚାହୁଁଥିଲେ ବୋଲି ସୂଚନା ମିଳୁଛି। ସେମାନେ ହାଭେରି ଜିଲା ହାନଗାଲ ତାଲୁକରେ ଥିବା ଏକ ଲଜ୍ ରୁମ୍‌ରେ ପ୍ରବେଶ କରି ମହିଳା ଜଣଙ୍କ ମୁହଁକୁ ବୁର୍ଖାରେ ଘୋଡ଼ାଇବାକୁ ଉଦ୍ୟମ କରିଥିଲେ। ସେମାନେ ଖରାପ ଭାଷାରେ ଗାଳିଦେବା ସହ ମହିଳାଙ୍କୁ ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ପୁରୁଷ ଜଣକୁ ସେମାନେ ମାଡ଼ ମାରିବା ସହ ମାଡ଼ିବସି ଧରିଥିଲେ। ମହିଳା ଜଣକ ହିଜାବରେ ମୁହଁକୁ ଲୁଚାଇବାକୁ ଉଦ୍ୟମ କରୁଥିବାବେଳେ ଆକ୍ରମଣକାରୀ ତାଙ୍କ ମୁହଁକୁ ଖୋଲି ଫଟୋ ନେଉଥିଲେ। ଆକ୍ରମଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେମାନେ ଭିଡିଓ ପ୍ରସ୍ତୁତ କରିଥିଲେ। ଉକ୍ତ ଯୋଡ଼ି ହାନଗାଲ ଥାନାରେ ଏତଲା ଦେବା ପରେ ପୋଲିସ ସଂଖ୍ୟାଲଘୁ ସମ୍ପ୍ରଦାୟର ୨ ଜଣଙ୍କୁ ଗିରଫ କରିଛି। ଗତ ୭ ତାରିଖରେ ନାଲହାରା କ୍ରସ୍‌ଠାରେ ଏହି ଆକ୍ରମଣ ହୋଇଥିଲା। ଅଭିଯୁକ୍ତ ୬ ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର। ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ, ମହିଳାଙ୍କ ପ୍ରତି ଅଶାଳୀନ ବ୍ୟବହାର ଆଦି ଦଫାରେ ମାମଲା ରୁଜୁ ହୋଇଛି। ଗତ ମଙ୍ଗଳବାର ବେଲାଗାଭିଠାରେ ସମ୍ପର୍କୀୟ ଭଉଣୀଭାଇଙ୍କୁ ଭିନ୍ନ ଧର୍ମର ଯୋଡ଼ି ଭାବି ମାଡ଼ ମାରିବା ଘଟଣାରେ ୭ ଜଣ ଗିରଫ ହୋଇଛନ୍ତି।



**ଫୁର୍‌ସତ**

# ଯୁବବର୍ଗଙ୍କ ମନୋବଳ ଦୃଢ଼ହେବା ଜରୁରୀ

ଦେଶର ଯୁବବର୍ଗଙ୍କ ମନୋବଳ ବଢ଼ାଇବା ପାଇଁ ସ୍ୱାମୀ ବିବେକାନନ୍ଦ ନିରନ୍ତର ପ୍ରୟାସ କରୁଥିଲେ। ୧୮୬୩ ଜାନୁୟାରୀ ୧୨ରେ ସେ କୋଲକାତାଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମ ଦିବସକୁ ପ୍ରତିବର୍ଷ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। କୌଣସି ଦେଶର ବିକାଶରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ହୃଦୟଙ୍ଗମ କରିଥିଲେ। ସେ ଯୁବବର୍ଗଙ୍କୁ ସେମାନଙ୍କର ମନୋବଳକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଉଥିଲେ।

୧୯୮୪ରେ ଭାରତ ସରକାର ଏହି ଦିନକୁ ଜାତୀୟ ଯୁବ ଦିବସ ଭାବରେ ପାଳନ କରିବାକୁ ଘୋଷଣା କରିଥିଲେ। ୧୯୮୫ଠାରୁ ପ୍ରତିବର୍ଷ ଭାରତରେ ଏହି ଦିବସ ପାଳନ କରାଯାଉଛି। ବିବେକାନନ୍ଦଙ୍କ ଦର୍ଶନ ଏବଂ ଆଦର୍ଶକୁ ସ୍ମରଣ କରିବା ଲାଗି ଏହି ଦିନ ବହୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଉତ୍ସାହର ସହିତ ପାଳନ କରାଯାଇଥାଏ। ଏହି ଅବସରରେ ଶୋଭାଯାତ୍ରା, ବକ୍ତୃତା, ସଙ୍ଗୀତ, ଯୁବ ସମ୍ମିଳନୀ, ସେମିନାର, ଯୋଗାସନା, ଉପସ୍ଥାପନା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ସ୍ୱାମୀ ବିବେକାନନ୍ଦ ୧୯୦୨ ଜୁଲାଇ ୪ରେ ହାଓ୍ୱଡାର ବେଲୁର ମଠରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।




# 'ବିଟିଏସ୍' ଷ୍ଟାର୍‌ଙ୍କୁ ଭେଟିବାକୁ ଘରୁ ପଳାଇଲେ ୩ ନାବାଳିକା



**ଚେନ୍ନାଇ:** ସାଉଥ୍ କୋରିଆର ସଙ୍ଗୀତ ଏବଂ ସିନେମାର ଲୋକପ୍ରିୟତା ଭାରତରେ ବଢ଼ିବାରେ ଲାଗିଛି। ଝିଅଙ୍କ ମଧ୍ୟରେ ସାଉଥ୍ କୋରିଆର 'ବିଟିଏସ୍' ବ୍ରାଣ୍ଡ ପ୍ରତି ଅଧିକ ଲୋକପ୍ରିୟତା ଦେଖିବାକୁ ମିଳୁଛି। ଏପରି ଭଲପାଇବା ପାଇଁ କେବଳ ସାଉଥ୍ କୋରିଆ ଯିବା ହିଁ କେତେଜଣଙ୍କ ବଡ଼ ସ୍ୱପ୍ନ ପାଲଟିଯାଇଛି। ନିକଟରେ ତାମିଲନାଡୁରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଏଠାରେ ରହୁଥିବା ୩ ନାବାଳିକା 'ବିଟିଏସ୍'ର ବହୁତ ବଡ଼ ଫ୍ୟାନ୍। 'ବିଟିଏସ୍' ଷ୍ଟାରଙ୍କୁ ଭେଟିବାକୁ ୩ ଜଣ ୧୪ ହଜାର ଟଙ୍କା ନେଇ ଘରୁ ପଳାଇ ଚେନ୍ନାଇରେ ପହଞ୍ଚିଲେ। ୩ ଜଣଯାକ ସାଉଥ୍ କୋରିଆ ଯିବାକୁ ଚାହୁଁଥିଲେ। ବିନା ପାସ୍‌ପୋର୍ଟ ଏବଂ କମ୍ ଟଙ୍କାରେ ସେମାନେ ଗତ ୪ ତାରିଖରେ ସାଉଥ୍ କୋରିଆ ଯିବାକୁ ଯୋଜନା କରିଦେଲେ। ସେହିଦିନ ରାତିରେ ଏକ ହୋଟେଲରେ ରହି ପରଦିନ ଚେନ୍ନାଇରୁ ସେମାନେ ଏକ ଜାହାଜ ଜରିଆରେ ସିଓଲ ପର୍ଯ୍ୟନ୍ତ ପହଞ୍ଚିଗଲେ। ପରେ ସେମାନଙ୍କୁ ଲାଗିଲା କି ଏବେ ଘରକୁ ଫେରିଯିବା ଦରକାର। ସେମାନେ ଚେନ୍ନାଇରୁ ଘରକୁ ଯିବାକୁ ଟ୍ରେନ୍ ଧରିଲେ। ମଝିରେ କାଟପାଡ଼ି ଷ୍ଟେଶନରେ ଟ୍ରେନ୍ ଅଟକିବାରୁ ସେମାନେ ଖାଦ୍ୟ କିଣିବାକୁ ଗଲେ, ହେଲେ ସେତେବେଳେ ତାଙ୍କ ଟ୍ରେନ୍ ପଳାଇଲା। ସେଠାରୁ ତାଙ୍କୁ ଚାଇଲ୍ଡ ୱେଲ୍‌ଫେୟାର କମିଟି ସଦସ୍ୟ ଏବଂ ପୋଲିସ ଉଦ୍ଧାର କରି ଏକ ଆଶ୍ରୟସ୍ଥଳରେ ରଖାଇଥିଲା। ପରେ ଏମାନଙ୍କ ପରିବାର ଲୋକଙ୍କୁ ଡାକି ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ପୂର୍ବରୁ ଯେତେବେଳେ ଝିଅମାନେ ଘରକୁ ନ ଫେରିଲେ ସେବେ ତାଙ୍କ ଘରଲୋକ ପୋଲିସରେ ଖବର ଦେଇଥିଲେ।

# ଶାହରୁଖ୍‌ଙ୍କୁ 'ଇଣ୍ଡିଆନ ଅଫ୍ ଦି ଇୟର'



ମୁମ୍ବାଇ: ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନ୍ ଗତବର୍ଷ ଲଗାତର ୩ଟି ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇ ରେକର୍ଡ କରିଛନ୍ତି। ତେବେ ଗତବର୍ଷ ପାଇଁ ଶାହରୁଖ୍‌ଙ୍କୁ 'ସିଏନ୍‌ଏନ୍ ନ୍ୟୁଜ୍ ୧୮ ଇଣ୍ଡିଆନ ଅଫ୍ ଦି ଇୟର' ଆୱାର୍ଡରେ ସମ୍ମାନିତ କରାଯାଇଛି। ବୁଧବାର ନୂଆଦିଲ୍ଲୀର ତାଜ୍ ପ୍ୟାଲେସରେ ଏହି ଆୱାର୍ଡ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶାହରୁଖ୍‌ଙ୍କ ବ୍ୟତୀତ ମଣି ରତ୍ନମ୍, ଜାଭେଦ ଅଖତର, ନୀରଜ ଚୋପ୍ରା, ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆର ଉପସଭାପତି ଅଞ୍ଜୁ ବବି ଜର୍ଜ, ସଞ୍ଜୀବ ଗୋଏଙ୍କା, ଅଫରୋଜ ଶାହାଙ୍କ ସମେତ ଅନେକ ଷ୍ଟାର ଯୋଗଦେଇଥିଲେ। ଶାହରୁଖ୍‌ଙ୍କୁ ଏହି ଆୱାର୍ଡ ମିଳିବା ସମୟରେ କହିଛନ୍ତି, ''ସେ ସର୍ବଦା ଖୁସି ରହୁଥିବା ଚରିତ୍ରରେ ଅଭିନୟ କରିବାକୁ ପସନ୍ଦ କରନ୍ତି। ଏହା ପୂର୍ବରୁ ମଧ୍ୟ ମୋର କିଛି ଫିଲ୍ମ ଫ୍ଲପ୍ ହୋଇଛି। ସେଥିପାଇଁ ମତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ।'' ତାଙ୍କ ଅଭିନୀତ ଫିଲ୍ମ 'ପଠାନ' ଏବଂ 'ଜୱାନ' ବିଶ୍ୱ ଦରବାରରେ ହଜାରେ କୋଟି ପାର୍ କରିପାରିଛି। ୧୯୯୨ରେ ଶାହରୁଖ୍ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ଫିଲ୍ମ ଭେଟି ଦେଇ ଦର୍ଶକଙ୍କ ପ୍ରିୟ ହୋଇପାରିଛନ୍ତି।

# ପୁଣି ଚର୍ଚ୍ଚାରେ ବ୍ଲେଡ୍ ରନର




ରିଭା ଷ୍ଟିନ୍‌କାମ୍ପଙ୍କ ସହ ପିଷ୍ଟୋରିୟସ।

ଦକ୍ଷିଣ ଆଫ୍ରିକାର ବିଶ୍ୱବିଖ୍ୟାତ ପାରାଲିମ୍ପିକ୍ ଷ୍ଟାର୍ ଓସ୍କାର ପିଷ୍ଟୋରିୟସ ନିକଟରେ ପାରୋଲରେ ଆସିଛନ୍ତି। ପାରୋଲ ଅବଧି ୫ ବର୍ଷ ରହିଛି। ତେବେ ୨୦୨୯ ଡିସେମ୍ବର ପର୍ଯ୍ୟନ୍ତ ସେ ନଜରବନ୍ଦିରେ ରହିବେ। ପ୍ରିଟୋରିଆ ସହରସ୍ଥିତ ଏକ ଜେଲରେ ସେ ଗତ ୯ବର୍ଷ ହେଲା ବନ୍ଦୀ ଜୀବନ କଟାଉଥିଲେ। ଏହା ଭିତରେ ପାରୋଲ ସୁବିଧା ପାଇବାକୁ ସେ ଅନେକ ଥର ଉଦ୍ୟମ କରିଥିଲେ ବି ତାଙ୍କୁ ମିଳୁ ନ ଥିଲା। ୨୦୧୩, ଭାଲେଣ୍ଟାଇନ୍ ଡେ'ରେ ପ୍ରିଟୋରିଆ ବାସଭବନରେ ପିଷ୍ଟୋରିୟସଙ୍କ ଗୁଳିମାଡ଼ରେ ୨୯ବର୍ଷୀୟା ପ୍ରେମିକା ରିଭା ଷ୍ଟିନ୍‌କାମ୍ପ ପ୍ରାଣ ହରାଇଥିଲେ। ଭୁଲବଶତଃ ଗୁଳିକାଣ୍ଡ ହୋଇଗଲା ବୋଲି ତାଙ୍କ ଯୁକ୍ତିକୁ କୋର୍ଟ ଗ୍ରହଣ କରି ନ ଥିଲେ। ଏହି ମାମଲାରେ ସେ ଆଜୀବନ କାରାଦଣ୍ଡିତ ହୋଇଥିଲେ। ଓସ୍କାର ପିଷ୍ଟୋରିୟସଙ୍କ ଆଣ୍ଠୁ ତଳ ଗୋଡ଼ ନାହିଁ। କୃତ୍ରିମ ଗୋଡ଼ ଲଗାଇ ସେ ୨୦୧୨ଲଣ୍ଡନ ପାରାଲିମ୍ପିକ୍ ଦୌଡ଼ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଣ୍ଠୁ ତଳକୁ ଫାଇବର ପ୍ରସ୍ଥେଟିକ୍ ଗୋଡ଼ ଲଗାଇ ସେ ପାରାଲିମ୍ପିକ୍ ଦୌଡ଼ରେ ଭାଗ ନେଇଥିଲେ। ଏପରି ସଫଳତା ପାଇବାରେ ସେ ବିଶ୍ୱରେ ପ୍ରଥମ ଖେଳାଳି ବିବେଚିତ ହୋଇଥିଲେ। ବ୍ଲେଡ୍ ରନର ନାମରେ ସେ ଖ୍ୟାତି ଅର୍ଜନ କରିଥିଲେ। ତେବେ ଠିକ୍ ଭାଲେଣ୍ଟାଇନ୍ ଡେ'ରେ ନିଜ ପ୍ରେମିକାଙ୍କୁ ହତ୍ୟା କରିବା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପ୍ରେମିକା ରିଭା ଜଣେ ମଡେଲ ଥିଲାବେଳେ ଆଇନ ଶିକ୍ଷା କରୁଥିଲେ। ଭିନ୍ନକ୍ଷମ ପିଷ୍ଟୋରିୟସଙ୍କ ଅଲିମ୍ପିକ୍ ସଫଳତା ହାସଲ ତାଙ୍କ ପକ୍ଷେ ଉଭୟ ଭଲ ଓ ମନ୍ଦ ପ୍ରମାଣିତ ହୋଇଥିଲା। ଜେଲ ଯିବା ତ ମନ୍ଦ ଥିଲା, ହେଲେ ଏହା ତାଙ୍କୁ ବିଶ୍ୱରେ ଚର୍ଚ୍ଚିତ କରିଥିଲା। ପିଷ୍ଟୋରିୟସ ଜେଲ ଯିବା ପରେ ଦକ୍ଷିଣ ଆଫ୍ରିକାରେ ତାଙ୍କ କାହାଣୀକୁ ନେଇ ଦୁଇଟି ସିନେମା ପ୍ରସ୍ତୁତ ହୋଇଥିଲା। ଗୋଟିଏ ସିନେମାରେ ଜଣେ ଭିନ୍ନକ୍ଷମ ଯୁବକର ପ୍ରେରଣାଦାୟୀ କାହାଣୀ ଥିଲାବେଳେ ଅନ୍ୟଟିରେ ସେହି ଯୁବକ ହାତରେ ତା'ପ୍ରେମିକା ହତ୍ୟାକାଣ୍ଡ କାହାଣୀ ପ୍ରଦର୍ଶିତ ହୋଇଥିଲା।

–ସ୍ୱାଗତ ସମ୍ପଦ




# ବିଶ୍ୱ ବିଖ୍ୟାତ କିମ୍ବଦନ୍ତୀ ଫୁଟ୍‌ବଲର



ଅଶୋକ ମହାନ୍ତି

ଅଲିମ୍ପିକ୍ କ୍ରୀଡ଼ା ପରେ ବିଶ୍ୱର ସର୍ବବୃହତ୍ତମ ଓ ସର୍ବାଧିକ ଲୋକପ୍ରିୟ କ୍ରୀଡ଼ା ସମାରୋହ ହେଉଛି ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା। ୧୯୩୦ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍ ଫୁଟବଲର ୯୪ ବର୍ଷ ଇତିହାସରେ କେବଳ ମାତ୍ର ୩ ଜଣ ଉଭୟ ଖେଳାଳି ଓ କୋଚ୍/ମ୍ୟାନେଜର ଭାବେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ବିଶ୍ୱକପ୍ ଟ୍ରଫି ହାସଲ କରିବାର ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେମାନେ ହେଲେ ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ମାରିଓ ଜଗାଲୋ, ପଶ୍ଚିମ ଜର୍ମାନୀର ଫ୍ରାଞ୍ଜ ବେକେନବର ଓ ଫ୍ରାନ୍ସର ଡିଡିଅର ଡେସ୍‌ଚାମ୍ପ। ଏହି ୩ ଜଣ କ୍ରୀଡ଼ା(ଫୁଟ୍‌ବଲ) ବ୍ୟକ୍ତିତ୍ୱଙ୍କ ମଧ୍ୟରେ ମାରିଓ ଜଗାଲୋ ହେଉଛନ୍ତି ଏକମାତ୍ର ବ୍ୟକ୍ତି, ଯିଏକି ଉଭୟ ଖେଳାଳି ଓ କୋଚ୍ ଭାବେ ୪ଟି ବିଶ୍ୱକପ୍ ଟ୍ରଫି ଜିତିବାରେ ସଫଳ ହୋଇଥିଲେ। ପରିତାପର ବିଷୟ ଗତ ସପ୍ତାହରେ ମାତ୍ର ୨ ଦିନ ବ୍ୟବଧାନରେ ଜଗାଲୋ (୫ ଜାନୁଆରୀ) ଓ ବେକେନବର (୭ ଜାନୁଆରୀ) ପରଲୋକ ଗମନ କରିଛନ୍ତି। ଏହି ଦୁଇ କିମ୍ବଦନ୍ତୀ ଖେଳାଳିଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଅବସରରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

### ମାରିଓ ଜଗାଲୋ (୯ ଅଗଷ୍ଟ ୧୯୩୧–୫ ଜାନୁୟାରୀ ୨୦୨୪)

ମାରିଓ ଜର୍ଜ ଲୋବୋ ଜଗାଲୋ ବ୍ରାଜିଲର ଆଟାଲାଇଆଠାରେ ଜନ୍ମଗ୍ରହଣ କରି ରିଓ ଡି ଜେନିରୋ ସହରରେ ଆଦ୍ୟ ଜୀବନ କଟାଇଥିଲେ। ୧୯୫୦ରେ ବିଖ୍ୟାତ ଫୁଟ୍‌ବଲ କ୍ଲବ ଫ୍ଲାମେଙ୍ଗୋର ଯୁବ ଦଳରେ ସାମିଲ ହୋଇ ତାଙ୍କର ଫୁଟ୍‌ବଲ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଦୁଇଥର ଖେଳାଳିଭାବେ (୧୯୫୮ ଓ ୧୯୬୨) ଏବଂ ଦୁଇଥର କୋଚ୍/ମ୍ୟାନେଜର ଭାବେ (୧୯୭୦ ଓ ୧୯୯୪) ବ୍ରାଜିଲ ଦଳକୁ ବିଶ୍ୱ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୧୯୫୮ରେ ସ୍ୱିଡେନରେ ଅନୁଷ୍ଠିତ ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଜଗାଲୋ ବ୍ରାଜିଲ ଦଳରେ ଲେଫ୍ଟ ୱିଙ୍ଗର ଏବଂ ଇନ୍‌ସାଇଡ୍ ଲେଫ୍ଟ ଉଭୟ ପୋଜିଶନରେ ଖେଳିଥିଲେ। ଏହି ଟୁର୍ନାମେଣ୍ଟରେ ବିଚକ୍ଷଣ ପ୍ରତିଭାଧାରୀ ୧୭ ବର୍ଷୀୟ ପେଲେଙ୍କ ଆବିର୍ଭାବ ହୋଇଥିଲା। ଫାଇନାଲରେ ଆୟୋଜକ ଦେଶ ସ୍ୱିଡେନକୁ ୫–୨ ଗୋଲରେ ପରାସ୍ତ କରି ବ୍ରାଜିଲ ବିଶ୍ୱଚାମ୍ପିୟନ ହୋଇଥିଲା। ଗୋଲ ସ୍କୋର କରିଥିବା ବ୍ରାଜିଲ ଖେଳାଳିଙ୍କ ମଧ୍ୟରେ ଥିଲେ ପେଲେ (୨ଟି), ଭାଭା (୨) ଏବଂ ଜଗାଲୋ(୧)। ପରବର୍ତ୍ତୀ ବିଶ୍ୱକପ୍ ହୋଇଥିଲା ଦକ୍ଷିଣ ଆମେରିକା ଦେଶ ଚିଲିରେ। ଜଗାଲୋ ଲଗାତର ଦ୍ୱିତୀୟ ଥର ପାଇଁ ବ୍ରାଜିଲ ଦଳର ସଦସ୍ୟଭାବେ ଖେଳି ତାଙ୍କ ଦେଶକୁ ବିଶ୍ୱକପ୍ ଚାମ୍ପିୟନ କରାଇଥିଲେ। ପ୍ରତିଯୋଗିତାମୂଳକ ଫୁଟବଲରୁ ଅବସର ନେବା ପରେ ୧୯୬୬ରୁ ୨୦୦୬ ପର୍ଯ୍ୟନ୍ତ ବ୍ରାଜିଲର ଏକାଧିକ ଫୁଟ୍‌ବଲ କ୍ଲବ ବୋଟା ଫୋଗୋ, ଫ୍ଲାମିଙ୍ଗୋ, ଭାସ୍କୋଡିଗାମା ବ୍ୟତୀତ ସାଉଦି ଆରବ ଏବଂ କୁଏଟ ଜାତୀୟ ଦଳର ପ୍ରଶିକ୍ଷଣ ଓ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପ୍ରଶିକ୍ଷଣ ଜୀବନର ସର୍ବୋଚ୍ଚ ସଫଳତା ମିଳିଥିଲା ୧୯୭୦ରେ। ମେକ୍ସିକୋ ସିଟିରେ ଅନୁଷ୍ଠିତ ବିଶ୍ୱକପ୍ ପ୍ରତିଯୋଗିତାରେ ଜଗାଲୋ ତାଙ୍କ ଦଳକୁ ୩ୟ ଥର ପାଇଁ ହ୍ୟାଟ୍ରିକ ବିଶ୍ୱକପ୍ ଟ୍ରଫି ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କଳାତ୍ମକ ଫୁଟବଲ ଖେଳିବାରେ ମାହିର ବ୍ରାଜିଲ ଦଳରେ ଥିଲେ ତତ୍କାଳୀନ ବିଶ୍ୱ ଫୁଟ୍‌ବଲର ଏକାଧିକ ନାମୀ ଓ ଦକ୍ଷ ଖେଳାଳି ପେଲେ, ଜୋଆରଜିନୋ, ଟୋଷଟାଓ, ରେଭେଲିନୋ, ଜର୍ସନ ଏବଂ କାର୍ଲୋସ ଆଲବର୍ଟୋ ପ୍ରମୁଖ ଖେଳାଳି। ବିଶ୍ୱର ଅଧିକାଂଶ ବିଶେଷଜ୍ଞ ୧୯୭୦ ବିଶ୍ୱକପ୍‌ର ଏହି ବ୍ରାଜିଲ ଦଳକୁ ସର୍ବକାଳୀନ ମହାନ୍ ଫୁଟ୍‌ବଲ ଦଳର ମାନ୍ୟତା ଦେଇଥାନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ଖେଳାଳି ଏବଂ ୧୯୫୮ ଓ ୧୯୬୨ ବିଶ୍ୱବିଜେତା ଦଳର ଅନ୍ୟତମ ଖେଳାଳି ପେଲେଙ୍କ ନେତୃତ୍ୱରେ ବ୍ରାଜିଲର ତାରକାମାନେ ତାଙ୍କର ଯାଦୁକରୀ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ଜଗାଲୋଙ୍କ ରଣକୌଶଳ ଓ ମାର୍ଗଦର୍ଶନରେ ଫାଇନାଲରେ ଇଟାଲିକୁ ୪–୧ ଗୋଲରେ ପରାସ୍ତ କରି ବିଶ୍ୱବିଜେତା ହୋଇଥିଲେ। ଏହାଥିଲା ଜଗାଲୋଙ୍କ କୋଚ୍/ମ୍ୟାନେଜର ଭାବେ ପ୍ରଥମ ବଡ଼ ସଫଳତା।

ଫିଫା ନିୟମ ଅନୁସାରେ ବ୍ରାଜିଲ ଦଳ ତୃତୀୟ ଥର ପାଇଁ ବିଶ୍ୱକପ୍ ଜିତିବା ପରେ ବିଶ୍ୱକପ୍ ଟ୍ରଫି (ଜୁଲ୍ସ ରିମେ କପ୍)କୁ ସବୁଦିନ ପାଇଁ ନିଜର କରି ନେଇଥିଲା। ଜଗାଲୋ ତାଙ୍କ ଜୀବନର ଦ୍ୱିତୀୟ ଓ ଅବିସ୍ମରଣୀୟ ସଫଳତା ହାସଲ କରିଥିଲେ ଆମେରିକାରେ ଅନୁଷ୍ଠିତ ହୋଇଥିବା ୧୯୯୪ ପ୍ରତିଯୋଗିତାରେ। ବ୍ରାଜିଲ ଦଳର ସହକାରୀ କୋଚ୍/କୋଅର୍ଡିନେଟର ଭାବେ ଦାୟିତ୍ୱ ଗ୍ରହଣ କରି ତାଙ୍କ ଦଳକୁ ଚତୁର୍ଥ ଥର ପାଇଁ ବିଶ୍ୱକପ ବିଜେତା କରିବାରେ ସହାୟତା କରିଥିଲେ। ଫ୍ରାନ୍ସରେ ଅନୁଷ୍ଠିତ ପରବର୍ତ୍ତୀ ୧୯୯୮ ବିଶ୍ୱକପ୍ ପ୍ରତିଯୋଗିତାରେ ଜଗାଲୋ ପୁନଶ୍ଚ ବ୍ରାଜିଲ ଦଳର କୋଚ୍ ଦାୟିତ୍ୱ ତୁଲାଇ ତାଙ୍କ ଦଳକୁ ଫାଇନାଲକୁ ଉତ୍ତୀର୍ଣ୍ଣ କରାଇଥିଲେ। ଫାଇନାଲରେ ଦୁର୍ଭାଗ୍ୟଜନକ ଭାବେ ତାଙ୍କ ଦଳରେ ଖେଳୁଥିବା ତତ୍କାଳୀନ ବିଶ୍ୱ ଫୁଟ୍‌ବଲର ଜଣାଶୁଣା ଷ୍ଟ୍ରାଇକର ରୋନାଲ୍ଡୋ ରୋଜାରିଓଙ୍କର ଠିକ୍ ଫାଇନାଲ ମ୍ୟାଚ୍ ପୂର୍ବରୁ ରହସ୍ୟମୟ ଶାରୀରିକ ଅସୁସ୍ଥତା ଏବଂ ଫାଇନାଲରେ ତାଙ୍କ ଦକ୍ଷତା ଅନୁସାରେ ପ୍ରଦର୍ଶନର ବିଫଳତା ଦ୍ୱାରା ବ୍ରାଜିଲ ଦଳ ଫ୍ରାନ୍ସଠାରୁ ପରାସ୍ତ ହୋଇ ରନରଅପ୍ ଭାବେ ବିଶ୍ୱକପ୍ ଅଭିଯାନ ଶେଷ କରିଥିଲା।



ମାରିଓ ଜଗାଲୋ



ପେଲେଙ୍କ ସହ ମାରିଓ ଜଗାଲୋ




ଫ୍ରାଞ୍ଜ ବେକେନବର

**୧୯୩୦ରୁ ଆରମ୍ଭ ହୋଇଥିବା ବିଶ୍ୱକପ୍ ଫୁଟ୍‌ବଲର ୯୪ ବର୍ଷ ଇତିହାସରେ କେବଳ ୩ ଜଣ ଉଭୟ ଖେଳାଳି ଓ କୋଚ୍/ମ୍ୟାନେଜର ଭାବେ ନିଜ ଦେଶକୁ ପ୍ରତିନିଧିତ୍ୱ କରି ଟ୍ରଫି ହାସଲ କରିବାର ବିରଳ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେମାନେ ହେଲେ ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ମାରିଓ ଜଗାଲୋ, ପଶ୍ଚିମ ଜର୍ମାନୀର ଫ୍ରାଞ୍ଜ ବେକେନ୍‌ବର ଓ ଫ୍ରାନ୍ସର ଡିଡିଅର ଡେସ୍‌ଚାମ୍ପ....**

### ଫ୍ରାଞ୍ଜ ବେକେନ୍‌ବର: ୧୧ ସେପ୍ଟେମ୍ବର ୧୯୪୫– ୭ ଜାନୁୟାରୀ ୨୦୨୪

ଫ୍ରାଞ୍ଜ ବେକେନ୍‌ବର ଜର୍ମାନୀର ଜିସିଙ୍ଗ ଜିଲାରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମେ ୯ ବର୍ଷ ବୟସରେ ୧୯୫୪ରେ ଏସ୍‌ସି ମ୍ୟୁନିକ୍ ଯୁବ ଦଳରେ ଯୋଗ ଦେଇଥିଲେ ଏବଂ ପରେ ୧୯୫୯ରେ ବେୟର୍ନ ମ୍ୟୁନିକ୍ ଯୁବ ଦଳରେ ସାମିଲ ହୋଇଥିଲେ। ୧୯୬୫ରେ ସୁଇଡେନ୍ ବିପକ୍ଷରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳି ସେ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

'ଦି କାଇଜର' 'ମିଡ୍ ଫିଲ୍ଡ ଜେନେରାଲ' ଏବଂ ଆଧୁନିକ ଫୁଟ୍‌ବଲରେ 'ଲିବେରୋ' ବା 'ମଡର୍ନ ସୁଇପର'ର ଉଦ୍ଭାବକ ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ବେକେନ୍‌ବର ଜର୍ମାନୀ ଫୁଟ୍‌ବଲର ସର୍ବଶ୍ରେଷ୍ଠ ଖେଳାଳିର ମାନ୍ୟତା ପାଇବା ସହିତ ବିଶ୍ୱ ଫୁଟ୍‌ବଲରେ ମଧ୍ୟ ସର୍ବକାଳୀନ ଶ୍ରେଷ୍ଠ ଡିଫେଣ୍ଡର ଭାବେ ସ୍ୱୀକୃତି ଲାଭ କରିଥିଲେ। ପଶ୍ଚିମ ଜର୍ମାନୀ ଜାତୀୟ ଦଳ ପାଇଁ ୧୦୩ ମ୍ୟାଚ ଖେଳି ୧୪ ଗୋଲ ସ୍କୋର କରିଥିବା ବେକେନ୍‌ବରଙ୍କ ପ୍ରଥମ ଶ୍ରେଣୀ କ୍ଲବ୍ ସ୍ତରୀୟ ଫୁଟ୍‌ବଲ କ୍ୟାରିୟର ଥିଲା ଅତ୍ୟନ୍ତ ସଫଳ ଓ ଅବିସ୍ମରଣୀୟ। ପଶ୍ଚିମ ଜର୍ମାନୀର ବିଖ୍ୟାତ ଫୁଟ୍‌ବଲ କ୍ଲବ ବେୟର୍ନ ମ୍ୟୁନିକ୍ ପାଇଁ ୪୨୭ ମ୍ୟାଚ୍ ଖେଳି ୬୦ ଗୋଲ୍ ସ୍କୋର କରିଥିବା ବେକେନ୍‌ବର ଆମେରିକାର ନ୍ୟୁୟର୍କ କସ୍‌ମସ୍ ଏବଂ ହାମବର୍ଗ ଏସ୍‌ଭି କ୍ଲବ୍ ପାଇଁ ଖେଳି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ। ତାଙ୍କ ଖେଳାଳି ଜୀବନର ଶ୍ରେଷ୍ଠ ମୁହୂର୍ତ୍ତ ଥିଲା ଜର୍ମାନୀର ମ୍ୟୁନିକ୍ ସହରରେ ହୋଇଥିବା ୧୯୭୪ ବିଶ୍ୱକପ୍ ପ୍ରତିଯୋଗିତା। ବେକେନ୍‌ବରଙ୍କ ଅଧିନାୟକତ୍ୱରେ ଜର୍ମାନୀ ଦଳ ଫାଇନାଲରେ ଟୋଟାଲ ଫୁଟ୍‌ବଲର ପ୍ରବର୍ତ୍ତକ ୟୋହାନ୍ କ୍ରୁଫ୍‌ଙ୍କ ନେତୃତ୍ୱାଧୀନ ନେଦରଲାଣ୍ଡକୁ ୨–୧ ଗୋଲରେ ପରାସ୍ତ କରି ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଜର୍ମାନୀ ଦଳର କୋଚ୍/ମ୍ୟାନେଜର ଭାବେ ୧୯୯୦ରେ ଇଟାଲୀଠାରେ ଅନୁଷ୍ଠିତ ବିଶ୍ୱକପ୍‌ରେ ବେକେନ୍‌ବର ତାଙ୍କ ଜୀବନର ଦ୍ୱିତୀୟ ବଡ ସଫଳତା ହାସଲ କରିଥିଲେ। ତାଙ୍କ ମାର୍ଗଦର୍ଶନରେ ଖେଳୁଥିବା ଜର୍ମାନୀ ଦଳ ଫାଇନାଲରେ ପୂର୍ବ ସଂସ୍କରଣର ବିଜେତା ଆର୍ଜେଣ୍ଟିନାକୁ ୧–୦ ଗୋଲରେ ପରାସ୍ତ କରି ତୃତୀୟ ଥର ପାଇଁ ଫିଫା ବିଶ୍ୱକପ୍ ଟ୍ରଫି ଜିତିବାରେ ସକ୍ଷମ ହୋଇଥିଲା। ତାଙ୍କ ଫୁଟ୍‌ବଲ କ୍ୟାରିୟରର ସଫଳତା ମଧ୍ୟରେ ଥିଲା ୧୯୯୮ରେ ବିଂଶ ଶତାବ୍ଦୀର ବିଶ୍ୱ ଇଲେଭେନ୍ ଦଳର ସଦସ୍ୟ ମନୋନୀତ, ୨୦୦୨ରେ ଫିଫା ବିଶ୍ୱକପ୍ 'ଡ୍ରିମ୍ ଟିମ୍'ର ସଦସ୍ୟ ମନୋନୀତ, ବାଲନ୍ ଡି ଅର୍ ଡ୍ରିମ୍ ଟିମ୍ ସଦସ୍ୟ, ୨ ଥର ୟୁରୋପିଆନ୍ ଫୁଟ୍‌ବଲର ଅଫ୍ ଦ ଇୟର ପୁରସ୍କାର ବିଜେତା ଏବଂ ୧୯୭୨ ଓ ୧୯୭୬ରେ ବାଲନ୍ ଡି ଅର୍ ପୁରସ୍କାର ବିଜେତା। ଗତ ଜାନୁୟାରୀ ୭ ତାରିଖରେ ଏହି ମହାନ୍ ଫୁଟବଲ ଖେଳାଳିଙ୍କର ଦେହାନ୍ତ ହୋଇଥିଲା।

## ଖେଳ ଖବର

# ଗୋକୁଲମ୍‌କୁ ହରାଇଲା ମୁମ୍ବାଇ

**କଳିଙ୍ଗ ସୁପର କପ୍**

ଭୁବନେଶ୍ୱର, ୧୧।୧
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୨–୧ ଗୋଲରେ ଗୋକୁଲମ୍ କେରଳକୁ ପରାସ୍ତ କରିଛି। ଫଳରେ ଗ୍ରୁପ୍ 'ସି'ରେ ମୁମ୍ବାଇ ଦଳ ୩ ପଏଣ୍ଟ ସହ ଅଭିଯାନ ଆରମ୍ଭ କରିଛି। ଇଣ୍ଡିଆନ ସୁପର ଲିଗ୍‌ର ଅନ୍ୟତମ ଶକ୍ତିଶାଳୀ ଦଳ ମୁମ୍ବାଇ ସିଟି ଏଫ୍‌ସିକୁ କଡ଼ା ଟକ୍କର ଦେଇଥିଲା ଆଇ–ଲିଗ୍‌ର ଗୋକୁଲମ୍। ଏହି ଦଳର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ୨୩ତମ ମିନିଟରେ ଆଲେଜାଣ୍ଡ୍ରୋ ସାଞ୍ଚେଜ ଲୋପେଜ ଏକ ଗୋଲ ଦେଇ ଗୋକୁଲମ୍‌କୁ ଅଗ୍ରଣୀ କରିଥିଲେ। ୩୬ତମ ମିନିଟରେ ଏହି ଦଳର ଅବଦୁଲ ହାକୁ ନେଦିୟୋଦାଥ ୟେଲୋ କାର୍ଡ ପାଇଥିବାବେଳେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଗୋକୁଲମ୍ ୧–୦ରେ ଅଗ୍ରଣୀ ରହି ମୁମ୍ବାଇ ଉପରେ ଚାପ ସୃଷ୍ଟି କରିଥିଲା। ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ପରେ ବିପଜ୍ଜନକ ଖେଳ ପାଇଁ ଗୋକୁଲମ୍‌ର ଶ୍ରୀକୁଟ୍ଟାନ ଭି.ଏସ. ୟେଲୋ କାର୍ଡ ପାଇଥିଲେ। ମ୍ୟାଚର ଶେଷ ପର୍ଯ୍ୟାୟରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ମୁମ୍ବାଇ। ୬୨ତମ ମିନିଟରେ ଗୁରକୀରଟ ସିଂଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଆସିଥିବା ଆୟୁଷ ଚିକାରା ୭୭ତମ ମିନିଟରେ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ଫାଉଲ ଯୋଗୁ ୮୯ତମ ମିନିଟରେ ଗୋକୁଲମ୍‌ର ତୃତୀୟ ଖେଳାଳିଭାବେ ୟେଲୋ କାର୍ଡ ପାଇଥିଲେ ଅଭିଲାଷ ପଲ୍। ମ୍ୟାଚ ଡ୍ର ଆଡ଼କୁ ଗତି କରୁଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୭ ମିନିଟରେ ମୁମ୍ବାଇର ଆବଦେନାସେର ଇଲଖାୟାତି ଏକ ଗୋଲ ଦେଇ ଗୋକୁଲମ୍ ଆଶାରେ ପାଣି ଭରି ଦେଇଥିଲେ। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ଆବଦେନାସେର ଇଲଖାୟାତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷରେ ଖେଳିବ। ଏହି ମ୍ୟାଚ ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ହେବ। ଅନ୍ୟ ଏକ ମ୍ୟାଚ ଏଫ୍‌ସି ଗୋଆ ଓ ଇଷ୍ଟର କାଶି ମଧ୍ୟରେ ଅନୁଷ୍ଠିତ ହେବ। ଅନ୍ୟ ପକ୍ଷରେ ପଞ୍ଜାବ ଏଫ୍‌ସି ଓ ଚେନାଇନ୍ ଏଫ୍‌ସି ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ମ୍ୟାଚଟି ଡ୍ରରେ ଶେଷ ହୋଇଛି। ପଞ୍ଜାବ ପକ୍ଷରୁ ଜୋର୍ଡାନ ମ୍ୟାଚ୍‌ର ଚତୁର୍ଥ ମିନିଟରେ ଗୋଟିଏ ଗୋଲ ଦେଇଥିବା ବେଳେ ୮୨ ତମ ମିନିଟରେ ଚେନାଇନ୍ ପକ୍ଷରୁ ଜୋର୍ଡାନ ମୁରେ ଗୋଲଟି ପରିଶୋଧ କରିଥିଲେ।



ମୁମ୍ବାଇ ସିଟି ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅମନ ଶେରାୱତ୍‌ଙ୍କୁ ସ୍ୱର୍ଣ୍ଣ

**ଜାଗ୍ରେବ ଓପନ କୁସ୍ତି**

ଜାଗ୍ରେବ୍, ୧୧।୧ (ପି.ଟି.)

ବିଶ୍ୱର ୭ ନମ୍ବର ତଥା ଚାଇନାର ୱାନହାଓ ଜୋଉଙ୍କୁ ୧୦–୦ରେ ହରାଇ ଭାରତୀୟ କୁସ୍ତି ଯୋଦ୍ଧା ଅମନ ଶେରାୱତ ଏଠାରେ ଚାଲିଥିବା ଜାଗ୍ରେବ ଓପନ ର୍‍ୟାଙ୍କିଙ୍ଗ ସିରିଜ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶେରାୱତ ଟେକ୍‌ନିକାଲ ସୁପରିଅରିଟି ଭିତ୍ତିରେ ଏହି ମୁକାବିଲା ଜିତିଛନ୍ତି। ଭାରତୀୟ କୁସ୍ତି ପାଇଁ ଏହା ଏକ ଉଜ୍ଜ୍ୱଳ ମୁହୂର୍ତ୍ତ। ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ନବନିର୍ବାଚିତ ମହାସଂଘ ବର୍ତ୍ତମାନ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହୋଇଛି। ଜୁନିୟର କୁସ୍ତିଯୋଦ୍ଧାମାନେ ଏବେ ବିକ୍ଷୋଭ ଚଳାଇଛନ୍ତି। ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ କରାଇ ପାରିଥିବାରୁ ଡବ୍ଲ୍ୟୁଏଫ୍‌ଆଇ ଗତବର୍ଷ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଦ୍ୱାରା ସସ୍‌ପେଣ୍ଡ ହୋଇଛି। ଫଳରେ ଭାରତୀୟ କୁସ୍ତି ଯୋଦ୍ଧାମାନେ ବର୍ତ୍ତମାନ ୟୁଡବ୍ଲ୍ୟୁଡବ୍ଲ୍ୟୁ ପତାକା ଅଧୀନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ୧୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଅମନ ଚାମ୍ପିୟନଶିପ୍‌ରେ ପ୍ରଥମେ ୧୫–୪ରେ ତାଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ତୁର୍କୀର ମୁହାମେତ କାରାଭସଙ୍କୁ ଟେକ୍‌ନିକାଲ ସୁପରିଅରିଟିରେ ପରାସ୍ତ କରିଥିଲେ। ୫୭ କେଜି ଶ୍ରେଣୀ ମୁକାବିଲାରେ ଭାଗ ନେଇଥିବା ଏହି ଚାମ୍ପିୟନ କୁସ୍ତିଯୋଦ୍ଧା ଗତବର୍ଷ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଏଠାରେ ସେ ତାଙ୍କ ପରବର୍ତ୍ତୀ ମୁକାବିଲାରେ ୧୯ତମ ର୍‍ୟାଙ୍କିଙ୍ଗ ଆମେରିକାର ରିଚାର୍ଡ୍ସ ଜେନ୍‌ରେ ରୋଡ୍ସଙ୍କୁ ୧୧–୦ ଟେକ୍‌ନିକାଲ ସୁପରିଅରିଟି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ପର୍ଯ୍ୟାୟରେ ସେ ଅନ୍ୟ ଜଣେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ କୁସ୍ତିଯୋଦ୍ଧା ଜର୍ଜିଆର ରବର୍ଟ ଡିଙ୍ଗାସଭିଲି (ବିଶ୍ୱର ୧୬ ନମ୍ବର)ଙ୍କ ବିପକ୍ଷ ଲଢ଼େଇକୁ ୧୧–୦ରେ ଜିତିନେଇଥିଲେ। ଅନ୍ୟପକ୍ଷରେ ଏସିଆନ ଗେମ୍ସ ରୌପ୍ୟ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଫ୍ରିଷ୍ଟାଇଲ କୁସ୍ତିଯୋଦ୍ଧା ଦୀପକ ପୁନିଆ ୮୬କେଜି ଶ୍ରେଣୀ ପଦକ ରାଉଣ୍ଡକୁ ଉନ୍ନୀତ ହୋଇପାରି ନ ଥିଲେ। ସେ ତାଙ୍କ ପ୍ରଥମ ବାଉଟ କାଜାଖସ୍ତାନର ଆଜାମତ ଦୌଲତବେକୋଭଙ୍କଠାରୁ ହାରିଯାଇଥିଲେ। ରିପିଚେଜ୍ ରାଉଣ୍ଡରେ ସେ ଗୋଟିଏ ବାଉଟ ଜିତିବାରେ ସମର୍ଥ ହୋଇଥିଲେ ଏବଂ ଅନ୍ୟଟିରେ ପରାଜିତ ହୋଇ ପଦକ ଦୌଡ଼ରୁ ବାଦ୍ ପଡ଼ିଥିଲେ।



ଅମନ ଶେରାୱତ

ଧରିତ୍ରୀ
DHARITRI
50 Years
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, January 12/2024


ଓଡ଼ିଶା ସରକାର | 5T | ମିଶନ ଶକ୍ତି | ଆମ ଓଡ଼ିଶା ନବୀନ ଓଡ଼ିଶା

DSPL-535

କୃଷି ଓଡ଼ିଶା
କୃଷି ପ୍ରଗତିରେ ମହିଳା



# କୃଷି ପ୍ରଗତିରେ ମହିଳା

## ଆଧୁନିକ କୃଷି ସାମଗ୍ରୀ ଏବଂ ସର୍ବୋତ୍ତମ କୃଷି ପ୍ରଯୁକ୍ତିର ବିଶାଳ ପ୍ରଦର୍ଶନୀ

**୧୨-୧୪ ଜାନୁଆରୀ ୨୦୨୪**
**ଜନତା ମଇଦାନ**
**ଭୁବନେଶ୍ୱର**

#KrushiOdisha

ଶୁଭ ଉଦ୍‌ଘାଟନ
**ଶ୍ରୀ ନବୀନ ପଟ୍ଟନାୟକ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
୧୨.୦୧.୨୦୨୪, ଅପରାହ୍ନ ୪:୩୦

### ଆଭିମୁଖ୍ୟ

- ସମସ୍ତ ଭାଗିଦାରଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ମଞ୍ଚ
- କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅନ୍‌ଲାଇନ୍ ବୁକିଂ ଏବଂ ଋଣ ସୁଯୋଗ
- କୃଷି ଶିକ୍ଷା ଶିବିର, କୃଷକ ସେବା ଓ ସୁଗମ କେନ୍ଦ୍ର
- କୃଷକ ଉତ୍ପାଦକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା

### କାର୍ଯ୍ୟାବଳୀ

- କୃଷକ ଶିକ୍ଷାକେନ୍ଦ୍ର
- କୁଇଜ୍ ଏବଂ ଡିବେଟ୍
- ସାଂସ୍କୃତିକ କାର୍ଯ୍ୟକ୍ରମ
- କୃଷି ଯନ୍ତ୍ରପାତି ପ୍ରଦର୍ଶନ
- କୃଷକ କଳା ପରିବେଷଣ
- ପୋଷ୍ଟକାର୍ଡ ଆଦାନପ୍ରଦାନ

OIPR-01034/13/0004/2324

## ଏହି ବିଶାଳ ସମାବେଶରେ ବହୁ ସଂଖ୍ୟାରେ ଯୋଗଦାନ କରି କୃଷି ଓଡ଼ିଶା ୨୦୨୪କୁ ସଫଳ କରନ୍ତୁ



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା | Follow Us: /krushibibhag /krushibibhag /agriculture.odisha

# ଭାଜପାରେ ଆଶାୟୀ ଅଧିକ

## କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ

### ଅସ୍ତରଙ୍ଗରେ ବହିଲାଣି ରାଜନୈତିକ ହାୱା



ଅସ୍ତରଙ୍ଗ, ୧୧।୧ (ପ୍ରଦୀପ୍ତ ଦୀକ୍ଷିତ)

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ଚଳଚଞ୍ଚଳ ହେଲାଣି। ବିଜେଡି, କଂଗ୍ରେସ ଓ ଭାଜପା ୩ ପ୍ରମୁଖ ଦଳ ନିର୍ବାଚନୀ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ପ୍ରସ୍ତୁତ। ବିଜେଡି ଓ ଭାଜପା ଶିବିରରେ ଟିକେଟ ପାଇବା ଆଶାରେ ଆଶାୟୀମାନେ ଆରମ୍ଭ କରିଦେଇଛନ୍ତି କସରତ। କଂଗ୍ରେସକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ଲାଗି ନେତା ଓ କର୍ମୀ ଲାଗିପଡ଼ିଥିବା ଦେଖିବାକୁ ମିଳୁଛି। ବିଶେଷକରି ଅସ୍ତରଙ୍ଗ ଅଞ୍ଚଳରେ ରାଜନୈତିକ ହାୱା ଅଧିକ ବହିଲାଣି।

ଭାଜପାରୁ ଆସି ବିଜେଡିରେ ଯୋଗଦେବା ପରେ ୨୦୧୯ରେ ତୁଷାରକାନ୍ତି ବେହେରା କଂଗ୍ରେସ ପ୍ରାର୍ଥୀ ବିଶ୍ୱଭୂଷଣ ଦାସଙ୍କୁ ହରାଇଥିଲେ। ସେ ଏବେ ମନ୍ତ୍ରୀ ଅଛନ୍ତି। ୨୦୨୪ ନିର୍ବାଚନରେ ବିଜେଡିରୁ କିଏ ଟିକେଟ ପାଇବେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଲାଣି। ନିର୍ବାଚନ ପାଖେଇ ଆସୁଥିବା ବେଳେ ଆଶାୟୀଙ୍କ ସଂଖ୍ୟା ବଢୁଛି। କିନ୍ତୁ ଶୁଣିବାକୁ ମିଳୁଛି କାକଟପୁର ନିର୍ବାଚନମଣ୍ଡଳୀରେ ଅନ୍ତଃକନ୍ଦଳ ଯୋଗୁଁ ବିଜେଡି ଦୁଇ ଭାଗରେ ବିଭକ୍ତ ହୋଇଯାଇଛି। ଗୋଟେ ପଟେ ବର୍ତ୍ତମାନର ବିଧାୟକ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଥିବାବେଳେ ଅନ୍ୟପଟେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଅଛନ୍ତି। ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ଓ ମନ୍ତ୍ରୀ ତୁଷାରକାନ୍ତି ବେହେରା ମିଶି କାର୍ଯ୍ୟକ୍ରମ କରୁଥିବା ବେଳେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ ଓ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କୁ ନେଇ ଚାଲିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସୁରେନ୍ଦ୍ର ଉଭୟ ଆରତୀ ଓ ଶ୍ରୀଧରଙ୍କୁ ପୂର୍ଣ୍ଣ ସମର୍ଥନ ଦେବାରୁ ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ସେମାନେ ଅଧ୍ୟକ୍ଷା ଓ ଅଧ୍ୟକ୍ଷ ନିର୍ବାଚିତ ହୋଇପାରିଥିଲେ। ଫଳରେ ଏହି ନିର୍ବାଚନମଣ୍ଡଳୀରୁ ସୁରେନ୍ଦ୍ର ଆଗାମୀ ନିର୍ବାଚନରେ ଟିକେଟ ପାଆନ୍ତୁ ବୋଲି ଦୁହେଁ ଚାହିଁବା ସ୍ୱାଭାବିକ। ତେବେ ଏଥର ଏଠାରୁ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେବା ପାଇଁ ବହୁକର୍ମୀ ଓ ନେତାଙ୍କ ଭିତରେ ଜୋରସୋର ଆଲୋଚନା ହେଉଥିବା ଦେଖାଯାଉଛି। ଯଦିଓ ମହିଳାଙ୍କ ନାମ ସାମ୍ନାକୁ ଆସିନାହିଁ ତଥାପି ଜଣେ ମହିଳା ଡାକ୍ତରଙ୍କ କଥା ଉଠୁଛି। ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ବର୍ତ୍ତମାନ ବିଧାୟକ ତୁଷାରକାନ୍ତି ବେହେରାଙ୍କ ମଧ୍ୟରେ ଅନ୍ତଃକନ୍ଦଳ ପଦାରେ ପଡ଼ିଯାଇଥିବାରୁ ଦଳୀୟ ମୁଖିଆ ସେଠାରେ ନୂଆ ଚେହେରା ଦେଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

ଭାଜପାର ଆଶାୟୀଙ୍କ ତାଲିକା ମଧ୍ୟ ଲମ୍ବା ରହିଛି। ପୂର୍ବତନ ବିଧାୟକ ରବି ମଲ୍ଲିକ ଗତ ନିର୍ବାଚନରେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଦୀର୍ଘଦିନ ହେବ ନିର୍ବାଚନମଣ୍ଡଳୀରେ କାଁଭାଁ ବୈଠକରେ ଦେଖାଯାଉଛନ୍ତି। ଅନ୍ୟପଟେ ଭାଜପା ନେତା ବାଇଧର ମଲ୍ଲିକ ବହୁଦିନ ହେବ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ ବୁଲି ବୈଠକ କରୁଥିବା ଚିତ୍ର ସାମ୍ନାକୁ ଆସିଛି। ସେହିପରି ନିଖିଳ ଓଡ଼ିଶା କୈବର୍ତ୍ତ ମହାସଂଘ ପୁରୀ ଜିଲା ସଭାପତି ତଥା ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସା ସହାୟକ ଜୟନ୍ତ ବେହେରା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ନିର୍ବାଚନମଣ୍ଡଳୀରେ ଘରକୁ ଘର ବୁଲି ସାଧାରଣ ଜନତା କିଭଳି ଭାବେ ଏହାର ସୁଫଳ ପାଇପାରିବେ ସେ ନେଇ ଜନସଚେତନତା ସୃଷ୍ଟି ଦିଗରେ କାର୍ଯ୍ୟଧାରା ଜାରିରଖିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ସେଠାରେ ଭାଜପାରେ ମଧ୍ୟ ନେତାଙ୍କ ଭିତରେ ମନୋମାଳିନ୍ୟ ଅଛି। ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଆଶାୟୀଙ୍କଠାରୁ ଭାଜପା ଆଶାୟୀ ଅଧିକ ରହିଛନ୍ତି ବୋଲି ଚର୍ଚ୍ଚା ହେଉଛି।

ସେପଟେ କଂଗ୍ରେସ ପକ୍ଷରୁ ବିଶ୍ୱଭୂଷଣ ଦାସ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଚେଷ୍ଟା ଜାରି ରଖିଛନ୍ତି ବୋଲି ତାଙ୍କ ସମର୍ଥକ କହୁଛନ୍ତି। କଂଗ୍ରେସ ପକ୍ଷରୁ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ ଜାରି ରହିଛି। ନିକଟରେ ତେଲଙ୍ଗାନାରେ କଂଗ୍ରେସ ସରକାର ଗଢ଼ିବା, ଓଡ଼ିଶାରେ ନୂଆ ପ୍ରଭାରୀ ଅଜୟ କୁମାରଙ୍କ ଦାୟିତ୍ୱ ଗ୍ରହଣ ଓ ଆଗକୁ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଥିବାରୁ କଂଗ୍ରେସ ନେତା ଓ କର୍ମୀ ଉତ୍ସାହିତ ଥିବା ଦେଖାଯାଉଛି। ଏହି ଉତ୍ସାହକୁ ସ୍ଥାନୀୟ ନେତା ଓ କର୍ମୀ କିଭଳି ଉପଯୋଗ କରିପାରିବେ ତାହା ପରେ ଜଣାପଡ଼ିବ। ତେବେ ପ୍ରମୁଖ ତିନି ଦଳରେ କେଉଁମାନେ ପ୍ରାର୍ଥୀ ହେଉଛନ୍ତି ସେମାନଙ୍କ ଉପରେ ନିର୍ବାଚନମଣ୍ଡଳୀର ଭୋଟରଙ୍କ ଆଖି ରହିଛି।

# ଗୌତମବୁଦ୍ଧ କହିଲେ ହେବେ ବିଜେଡି ପ୍ରାର୍ଥୀ



ବନ୍ଧୁମିଳନ ଅବସରରେ ଦଳୀୟ କର୍ମୀଙ୍କ ସହ ଗୌତମବୁଦ୍ଧ ଦାସ।

## ଭୋଗରାଇ ନିର୍ବାଚନମଣ୍ଡଳୀ

ଭୋଗରାଇ, ୧୧।୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ସମସ୍ତ ରାଜନୈତିକ ଦଳର ରଣକୌଶଳ ଦିନକୁ ଦିନ ନୂଆ ମୋଡ଼ ନେଉଛି। ଟିକେଟ ଲାଗି କିଏ ପଞ୍ଚାୟତସ୍ତରରେ ଭୋଜିଭାତ, ବସ୍ତ୍ରଦାନ କରି ସମର୍ଥକଙ୍କ ମନ ଜିଣିବାକୁ ଚେଷ୍ଟା କରୁଛନ୍ତି ତ ଅନ୍ୟ ଆଶାୟୀ ଦଳର ବରିଷ୍ଠ ଓ କନିଷ୍ଠଙ୍କୁ ନେଇ ଘନ ଘନ ବୈଠକ କରି ନିଜ ସପକ୍ଷରେ ଜିଲାଠୁ ରାଜ୍ୟସ୍ତରୀୟ ପ୍ରଭାବଶାଳୀ ରାଜନେତାଙ୍କ ସହିତ ଯୋଗାଯୋଗ ରଖୁଥିବାର ଦଳୀୟ କର୍ମୀଙ୍କଠାରୁ ସୂଚନା ମିଳୁଛି। ଏଭଳି ସ୍ଥିତିରେ ଶାସକ ଦଳର ସର୍ବାଧିକ ଆଶାୟୀ ପ୍ରାର୍ଥୀ ଥିବା ବେଳେ ଟିକେଟ ଦୌଡରେ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଅ ଏବଂ ରାଜ୍ୟ ମୁଖପାତ୍ର ତଥା ଦେବଗଡ଼ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଗୌତମବୁଦ୍ଧ ଦାସ ଟିକେଟ ଲାଗି ଅଣ୍ଟା ଭିଡ଼ିଛନ୍ତି।

ଗୁରୁବାର ଗୌତମ ନିଜ ବାସଭବନରେ ଶତାଧିକ ସମର୍ଥକ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ବନ୍ଧୁମିଳନ କରିଥିଲେ। ସେଥିରେ ବିଜେଡିରୁ ଟିକେଟ ଲାଗି ଆଶାୟୀ ଥିବା ସେ ପ୍ରକାଶ କରିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏବଂ ଦଳର ଅନ୍ୟ ପ୍ରଭାବଶାଳୀ ନେତାଙ୍କ ସହିତ ଟିକେଟ ଲାଗି ନିଜର ଇଚ୍ଛା ବ୍ୟକ୍ତ କରିଥିବା କହିଛନ୍ତି। ତେବେ ଗୌତମବୁଦ୍ଧଙ୍କ ଭୋଗରାଇକୁ ଆସିବା ବେଳେ ମାନ୍ଦାରୁଣୀ, କମର୍ଦ୍ଦା, ବାଉଁଶଡିହା ଓ ଥାନାଛକଠାରେ ସମର୍ଥକମାନେ ସ୍ୱାଗତ ସମ୍ବର୍ଦ୍ଧନା ଓ ବନ୍ଧୁମିଳନରେ ବିଜେଡିର ଛାମୁଆ ନେତାଙ୍କ ଯୋଗଦାନ ଦଳରେ ଆଲୋଡ଼ନ ସୃଷ୍ଟି କରିଛି। 'ସେ ବିଜେଡିରେ ଜଣେ ଶୃଙ୍ଖଳିତ ସୈନିକ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରିୟ ମୁଖ୍ୟମନ୍ତ୍ରୀ ଭୋଗରାଇର ସେବା ନିମନ୍ତେ ମୋତେ ଟିକେଟ ଦେଲେ ମୁଁ ସାଦରେ ଗ୍ରହଣ କରିବି' ବୋଲି ପ୍ରତିକ୍ରିୟାରେ ଗୌତମ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସ ବୟସାଧିକ୍ୟ କାରଣରୁ ଆଉ ନିର୍ବାଚନ ଲଢ଼ିବେ ନାହିଁ ବୋଲି କର୍ମୀ ମହଲରେ ଧାରଣା ସୃଷ୍ଟି ହୋଇଛି। ତେଣୁ ଏଠାରେ ତାଙ୍କ ପୁଅ ଅଭିଜିତ ଦାସଙ୍କ ସମେତ ଆଉ କେତେକ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି।

ଅପରପକ୍ଷରେ କଂଗ୍ରେସ ପକ୍ଷରୁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସତ୍ୟଶିବ ଦାସ ଆଗାମୀ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ହେବାକୁ ନେଇ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀରେ ସ୍ପଷ୍ଟ ଭାବେ ଦଳର ବରିଷ୍ଠ ଓ ଛାମୁଆ ନେତାମାନେ ଘୋଷଣା କରିଛନ୍ତି। ଭାଜପା ଦଳରେ ନେତୃତ୍ୱକୁ ନେଇ ୨୦୧୭ ମସିହାଠାରୁ ଅଦ୍ୟାବଧି କନ୍ଦଳ ତୀବ୍ର ହେଉଥିବାବେଳେ ଦଳକୁ ଏକଜୁଟ କରିବା, ସଙ୍ଗଠନକୁ ଦୃଢ଼ ରଖି ସହମତି ଭିତ୍ତିରେ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରାଯାଉ ବୋଲି ଦଳର ବରିଷ୍ଠ ନେତା ପରେଶ ଚନ୍ଦ୍ର ନାୟକ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସୁନୀଲ କୁମାର କର, ପୂର୍ବତନ ଜିଲାପରିଷଦ ଜୋନ ସଭାପତି ଶକ୍ତିପଦ ପାଣ୍ଡେ, ଏମ୍‌ପିଙ୍କ ପ୍ରତିନିଧି ଆଶିଷ କୁମାର ମହାନ୍ତି ପ୍ରମୁଖ ଜିଲା ଓ ରାଜ୍ୟସ୍ତରୀୟ ନେତୃବୃନ୍ଦଙ୍କୁ ହସ୍ତକ୍ଷେପ ପାଇଁ ନିବେଦନ କରିଥିବାରୁ ଦଳରୁ କିଏ ପ୍ରାର୍ଥୀ ହେବେ ସେ ନେଇ ସସପେନ୍ସ ରହିଛି।

# ଜୟନାରାୟଣଙ୍କୁ ନେଇ ବିଜେଡି-ଭାଜପା ମୁହାଁମୁହିଁ



ରୋହିତ ପୂଜାରୀ



ଗିରୀଶ ପଟେଲ।

ସମ୍ବଲପୁର, ୧୧।୧
(ଭବାନୀ ଶଙ୍କର ଭୋଇ)

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କୁ ନେଇ ଗୁରୁବାର ସମ୍ବଲପୁର ବିଜେଡି ଜିଲା ସଭାପତି ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ଭାଜପା ନେତାଙ୍କ ମଧ୍ୟରେ କାଦୁଅଫିଙ୍ଗା ଦେଖିବାକୁ ମିଳିଛି। ସକାଳେ ପୂଜାରୀ ନିଜ ବାସଭବନରେ ଖବରଦାତା ସମ୍ମିଳନୀ ଡାକିଥିଲେ। ସେଠାରେ ସେ କହିଥିଲେ ଯେ, ଜୟନାରାୟଣ ନିଜ ବିଧାନସଭା ଅଞ୍ଚଳରେ ପାଖାପାଖି ୫ ବର୍ଷ ଭିତରେ କୌଣସି ଉନ୍ନତିମୂଳକ କାମ କରିନାହାନ୍ତି। ସେଥିପାଇଁ ତାଙ୍କୁ ଆଗାମୀ ନିର୍ବାଚନରେ ସମ୍ବଲପୁର ବିଧାନସଭାରୁ ଭାଜପା ଆଉ ଟିକେଟ ଦେଉ ନ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ରୋହିତ କହିଥିଲେ। ସେଥିପାଇଁ ମାଇନିଂ ଦୁର୍ନୀତି କଥା କହି ଜୟନାରାୟଣ ହିରୋ ହେବାକୁ ପ୍ରୟାସ କରିବା ସହ ଖଣିମାଲିକଙ୍କୁ ଭୟଭୀତ କରି କିଛି ଅର୍ଥ ଆଦାୟ କରିବାକୁ ଯୋଜନା ରଖିଥାଇ ପାରନ୍ତି ବୋଲି ରୋହିତ କହିଛନ୍ତି। ଆଗକୁ ବିଧାୟକ ହେବା ମୋହ ଛାଡ଼ି ନିଜ ସ୍ୱାସ୍ଥ୍ୟ କଥା ଚିନ୍ତା କରିବାକୁ ଜୟନାରାୟଣଙ୍କୁ ରୋହିତ ପରାମର୍ଶ ଦେଇଥିଲେ। ସମ୍ବଲପୁର ବିଧାୟକ ଓ ସାଂସଦ ଗତ ସାଢ଼େ ଚାରି ବର୍ଷ ହେବ ଅଞ୍ଚଳରେ ଦେଖା ଦେଉ ନ ଥିବା ବେଳେ ଲୋକେ ସେମାନଙ୍କୁ ଆଉ ବିଶ୍ୱାସ କରୁନାହାନ୍ତି। ଏଣୁ ଏହାକୁ ଭରଣା କରିବାକୁ ବାହାର ଜିଲାର ଭଡ଼ାଟିଆ କେନ୍ଦ୍ରମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ ସମ୍ବଲପୁରକୁ ଆଣି ପ୍ରାର୍ଥୀ କରିବାକୁ ଚେଷ୍ଟା କରାଯାଉଛି ବୋଲି ରୋହିତ ପୂଜାରୀ କହିଛନ୍ତି। ବୁଧବାର ବିରୋଧୀ ଦଳ ନେତା ମାଇନିଂ ଦୁର୍ନୀତି କଥା କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିବା ବେଳେ ଆଜି ଜୟନାରାୟଣଙ୍କୁ ଏହାର କଡ଼ା ଜବାବ ଦେଇଥିଲେ ରୋହିତ।

ଅନ୍ୟପକ୍ଷରେ ରୋହିତ ଖବରଦାତା ସମ୍ମିଳନୀ କରି ଜୟନାରାୟଣଙ୍କ ଉପରେ ବର୍ଷିବା ପରେ ତାଙ୍କୁ କଡ଼ା ଜବାବ ଦେଇଛନ୍ତି ଭାଜପା ଜିଲା ସଭାପତି ଗିରୀଶ ପଟେଲ। ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ସବୁ ସମୟରେ ହିରୋ। ତେଣୁ ତାଙ୍କୁ ହିରୋ ହେବାକୁ କିଛି କହିବା ଜରୁରୀ ନୁହେଁ ଏକଥା ସମ୍ବଲପୁରବାସୀ ଜାଣନ୍ତି ବୋଲି ପଟେଲ କହିଛନ୍ତି। ଜୟନାରାୟଣ ବିଭିନ୍ନ ସମୟରେ ଭିନ୍ନି ଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କିଭିଳି ଅସୁବିଧାରେ ପକାଇଆସିଛନ୍ତି, ତାହା ସମସ୍ତଙ୍କୁ ଜଣା ବୋଲି ଭାଜପା ଜିଲା ସଭାପତି କହିଛନ୍ତି। ତା' ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ପର୍କ ଏଠାରେ ସହ ଆଜିର ନୁହେଁ ବରଂ ଏବିଭିପି ସମୟରୁ ସେ ସମ୍ବଲପୁରରେ କାମ କରିଆସିଛନ୍ତି। ଜାତୀୟ ରାଜପଥର ଉନ୍ନତୀକରଣ, ଡେବ୍ରିଗଡ଼ ଓ ଖିଣ୍ଡାକୁ ସ୍ୱଦେଶ ଯୋଜନାରେ ସାମିଲ, ପଶ୍ଚିମାଞ୍ଚଳର ଇତିହାସ ଉପରେ ଗବେଷଣା ଆଦି ବିକାଶ କାମଗୁଡ଼ିକ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ତ୍ୱରାନ୍ୱିତ ହେଉଥିବାରୁ ରୋହିତ ଏକଥା ସହି ପାରୁନାହାନ୍ତି ବୋଲି ପଟେଲ କହିଛନ୍ତି। ବିଜେଡି ସମ୍ବଲପୁରରେ ଯାହା କାମ କରିବା କଥା ତାହା କେନ୍ଦ୍ରମନ୍ତ୍ରୀ କରୁଛନ୍ତି। ଏଥିସହିତ ସମ୍ବଲପୁର ବିଧାୟକ ଅଞ୍ଚଳ ପାଇଁ ଗତ ୨୦ ବର୍ଷରେ ବହୁତ କାମ କରିଛନ୍ତି। ଏବେ ସ୍ୱାସ୍ଥ୍ୟଗତ କାରଣରୁ ଚିକିତ୍ସାଧୀନ ଥିବାରୁ ସମ୍ବଲପୁର ଆସିପାରି ନ ଥିବା ସେ କହିଛନ୍ତି। ତେବେ ରୋହିତ ନିଜ ନିର୍ବାଚନମଣ୍ଡଳୀ କିମ୍ବା ସମ୍ବଲପୁର ପାଇଁ କ'ଣ କରିଛନ୍ତି ସେକଥା କୁହନ୍ତୁ ବୋଲି ପଟେଲ ପାଲଟା ପ୍ରଶ୍ନ କରିଥିଲେ।

# ପୁନର୍ଗଠନ ହେଲା ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ

## ଅମର ମୁଖ୍ୟ ଉପଦେଷ୍ଟା, ପ୍ରଫୁଲ୍ଲ ବରିଷ୍ଠ ଉପଦେଷ୍ଟା

ଭୁବନେଶ୍ୱର, ୧୧।୧(ଅନିଲ ଦାସ)

ଆଉ କିଛିମାସ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଜେଡି ନିଜର ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ପୁନର୍ଗଠନ କରିଛି। ଏ ନେଇ ବିଜେଡି ପକ୍ଷରୁ ଗୁରୁବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

ସାମ୍ମୁଖ୍ୟର ମୁଖ୍ୟ ଉପଦେଷ୍ଟା ଭାବେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ବରିଷ୍ଠ ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ସାମଲ ଓ ଦେବୀପ୍ରସାଦ ମିଶ୍ର, ଉପଦେଷ୍ଟା ଭାବେ ଲତିକା ପ୍ରଧାନ, ପ୍ରଦୀପ ମାଝୀ ଓ ଗୋପବନ୍ଧୁ ଦାଶଙ୍କୁ ନିଯୁକ୍ତି ମିଳିଛି। ସେହିପରି ରବିନାରାୟଣ ନନ୍ଦଙ୍କୁ ସାମ୍ମୁଖ୍ୟର ସଂଯୋଜକ କରାଯାଇଥିବା ବେଳେ ପ୍ରବୀର ମହାନ୍ତିଙ୍କ ଉପରେ ମୁଖ୍ୟ ସଂଯୋଜକ ଦାୟିତ୍ୱ ନ୍ୟସ୍ତ ହୋଇଛି। ରାଜ୍ୟ କମିଟିରେ ସଦସ୍ୟ ଭାବେ ଜୀବନ ଦୀକ୍ଷିତ, ମିହିର ପଟ୍ଟନାୟକ, ନିଶାମଣୀ ମହାନ୍ତ, ଅବଧୂତ ସଞ୍ଜୟ ଦାସ, ଗୌରୀ ବେହେରା, ଜୟମଙ୍ଗଳ ବିଶି, ଅନାଦି ଖଡ଼ା, କୃଷ୍ଣପ୍ରସାଦ ମହାପାତ୍ର, ଗଙ୍ଗାଧର ହେମ୍ବ୍ରମ ଓ କାରୁ ମୁର୍ମୁ ରହିଛନ୍ତି। ସେହିପରି କଳାହାଣ୍ଡି, କେନ୍ଦୁଝର, ପୁରୀ ଓ ମୟୂରଭଞ୍ଜ ଜିଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ୨୬ ଜିଲା ପାଇଁ ୨ଜଣ ଲେଖାଏ ଜିଲା ସଂଯୋଜକଙ୍କୁ ନିଯୁକ୍ତି ମିଳିଛି। ଉକ୍ତ ୪ ଜିଲାରେ ୩ ଜଣ ଲେଖାଏ ସଂଯୋଜକ ନିଯୁକ୍ତି ପାଇଛନ୍ତି।

# 'ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଯାଇଛି ସୌମ୍ୟାଶ୍ରୀଙ୍କ ଜୀବନ'



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୧।୧(ସୁନିତ୍ ମିଶ୍ର)

ହାଇଟେକ୍ ହସ୍ପିଟାଲ ପରିସରରେ ଗତ ୨୯ ତାରିଖରେ ଏକ ବଡ ଧରଣର ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ୪ ଜଣଙ୍କ ଦେହରେ ନିଆଁ ଲାଗିଯିବା ଯୋଗୁ ଗୁରୁତର ଆହତ ହୋଇ ହାଇଟେକ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ୩୦ ତାରିଖରେ ହସ୍ପିଟାଲ କର୍ତ୍ତୃପକ୍ଷ ଆହତ ଦିଲୀପ ସାମନ୍ତରାୟଙ୍କ ମୃତ୍ୟୁ ହୋଇଥିବା ନେଇ ଘୋଷଣା କରିଥିଲେ। ଏହାପରେ ମେଡିକାଲର ଔପଚାରିକତାକୁ ସମାପ୍ତକରି ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏହି ଦୁଃଖଦ ଘଟଣାକୁ ଦିଲୀପଙ୍କ ସ୍ତ୍ରୀ ସୌମ୍ୟାଶ୍ରୀ ଜେନା ସହ୍ୟକରି ନ ପାରି ଆତ୍ମହତ୍ୟା କରିଥିଲେ। କିନ୍ତୁ ୪ ଦିନ ପରେ ମେଡିକାଲ କର୍ତ୍ତୃପକ୍ଷ ଦିଲୀପ ସାମନ୍ତରାୟ ଜୀବିତ ଥିବା ନେଇ ପୁଣି ଥରେ ଘୋଷଣାକଲେ। ମେଡିକାଲର ଦାୟିତ୍ୱହୀନ ମନ୍ତବ୍ୟ ଯୋଗୁ ଦିଲୀପଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିଲେ। ଘରୋଇ ଡାକ୍ତରଖାନାର ଦାୟିତ୍ୱହୀନତା ଯୋଗୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଥିବା ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, ଘରୋଇ ଡାକ୍ତରଖାନାର ଦାୟିତ୍ୱହୀନତା ଏବଂ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଯୋଗୁ ଜଣଙ୍କ ମୃତ ଶରୀରକୁ ଅନ୍ୟ ଜଣଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି, ଯାହାକି ଏକ ଗର୍ହିତ ଓ ଅକ୍ଷମଣୀୟ ଅପରାଧ। ଅତୀତରେ ରାଜ୍ୟର ଗୋଟିଏ ଘରୋଇ ମେଡିକାଲରେ ନିଆଁ ଲାଗିବା ଘଟଣାରେ ମେଡିକାଲର ମାଲିକଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ହାଇଟେକ୍ ମାଲିକ ବିଜେଡିର ହୋଇଥିବାରୁ ଏ ପର୍ଯ୍ୟନ୍ତ ତାଙ୍କୁ ଗିରଫ କରାଯାଇନାହିଁ। ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଉଭୟ ମେଡିକାଲ କଲେଜ କର୍ତ୍ତୃପକ୍ଷ ଏବଂ ପୋଲିସ ପ୍ରଶାସନ ବିରୋଧରେ ରାଜ୍ୟ ସରକାର ଫୌଜଦାରି ମାମଲା ରୁଜୁ କରିବା ଉଚିତ। ଏଭଳି ଦାୟିତ୍ୱହୀନତା କାର୍ଯ୍ୟ ପାଇଁ ହସ୍ପିଟାଲର ଲାଇସେନ୍ସ ରଦ୍ଦ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି।

# ଶାସକ ଦଳରେ ଯୋଗଦେଲେ ଭାଜପା କର୍ମୀ



ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ୍ ହୋଇଥିବା ଭାଜପା କର୍ମୀ।

କୃଷ୍ଣପ୍ରସାଦ, ୧୧।୧
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଏଥିପାଇଁ ବିଭିନ୍ନ ଦଳର ନେତାମାନେ ଲୋକଙ୍କ ନିକଟତର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ(ବିଜେଡି)ର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ପ୍ରତିଦିନ ବିଭିନ୍ନ ଗ୍ରାମ ବୁଲି ଲୋକଙ୍କ ନିକଟତର ହେବା ସହ ପ୍ରିୟଭାଜନ ହେବାରେ ଲାଗିଛନ୍ତି। ଦାସବର୍ମାଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବଜ୍ରକୋଟ ପଞ୍ଚାୟତର ଉଦୟଗିରି, ତାଳତଳା ଓ ବଜ୍ରକୋଟ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ପରିବାର, ରାମଲେଙ୍କା ପଞ୍ଚାୟତ କୁମାରପୁର ଓ ବାଲିପାଟପୁର ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ପରିବାର, ତିତିପ ପଞ୍ଚାୟତ ଫୁଲବାରୀ ଗ୍ରାମର ୪ରୁ ଊର୍ଦ୍ଧ୍ୱ ପରିବାର ଏବଂ ବ୍ଲକ ଅଞ୍ଚଳର ଶତାଧିକ କର୍ମୀ ଭାରତୀୟ ଜନତା ପାର୍ଟି ପରିତ୍ୟାଗ କରି ଗୁରୁବାର ବିଧିବଦ୍ଧଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଫଳରେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ସଙ୍ଗଠନ ମଜବୁତ ହେବାରେ ଲାଗିଛି।

# ୧୨ରୁ କେନ୍ଦ୍ରମନ୍ତ୍ରୀଙ୍କ ୩ ଦିନିଆ ଅନୁଗୋଳ ଗସ୍ତ

ଅନୁଗୋଳ, ୧୧।୧
(ଅମିତ କୁମାର ସାମଲ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୧୨ ତାରିଖରୁ ୩ ଦିନିଆ ଅନୁଗୋଳ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ପ୍ରଥମ ଦିନ ୧୨ ତାରିଖରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଛେଣ୍ଡିପଦା ଆସି ରାତ୍ରିଯାପନ କରିବେ। ୧୩ ତାରିଖରେ ଛେଣ୍ଡିପଦାର ସନ୍ତରାବନ୍ଧ ଠାରେ ମହିଷମର୍ଦ୍ଦିନୀଙ୍କ ବାର୍ଷିକ ଉତ୍ସବରେ ଯୋଗଦେବେ। ସନ୍ଧ୍ୟାରେ ଓମ୍ ସେବା ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ୨୫ ତମ ତାଳଚେର ମହୋତ୍ସବରେ ଯୋଗଦେବେ। ତାଳଚେର ଦିନଦୟାଲ ନଗରଠାରେ ରାତ୍ରିଯାପନ କରିବେ। ୧୪ ତାରିଖରେ ଛେଣ୍ଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ଉତ୍ସବରେ ଯୋଗଦେବେ। ଅପରାହ୍ନରେ ଆଠମଲ୍ଲିକ ଆମ୍ବସରମୁଣ୍ଡଠାରେ ଦାରୁ ବିଗ୍ରହ ସ୍ଥାପନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି।

# ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ



ବିଜେଡି ନେତାଙ୍କ ସହ ନୂତନ ଭାବେ ସାମିଲ ହୋଇଥିବା କର୍ମୀମାନେ।

ଦୁର୍ଗୀ, ୧୧।୧( ଶିଶିର କୁମାର ପାତ୍ର)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଦୁର୍ଗୀ ରାଧାକୃଷ୍ଣ ମଠ ପ୍ରାଙ୍ଗଣରେ ଗୁରୁବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ରାଜ୍ୟ ବିଜୁ ସ୍ୱାସ୍ଥ୍ୟ ଉପଦେଷ୍ଟା ସୁଧୀର ଦାସ ଓ ରାମନାଗୁଡା ବ୍ଲକର ବରିଷ୍ଠ ବିଜେଡି ନେତା ଗଗନ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ପୁଟାସିଂ ଏବଂ କୁଲସିଂର ପ୍ରାୟ ୬୦ କଂଗ୍ରେସ କର୍ମୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ୨ଟି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମେ ବିଜେଡିରେ ସାମିଲ ହେବା ପାଇଁ ବିଜେଡିରେ ସାମିଲ ହୋଇଥିବା କର୍ମୀମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଏସ୍‌କେୱାଇ ଉପଦେଷ୍ଟା ଦାସ ସମସ୍ତ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ପଞ୍ଚାୟତରେ ଥିବା ପିଏଚସି ସ୍ୱାସ୍ଥ୍ୟକେନ୍ଦ୍ରକୁ ସିଏଚସିରେ ରୂପାନ୍ତର କରାଯିବା ସହ ଅନେକ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରାଯିବ ବୋଲି ସୁଧୀର ଦାସ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜେଡି ଯୋଗ ଦେଇଥିବା ପ୍ରମୁଖ ବ୍ୟକ୍ତିମାନେ ହେଲେ ଗୁଣୁପୁରୁ ବ୍ଲକ କୁଲୁସିଂ ପଞ୍ଚାୟତର ସରପଞ୍ଚ ଏସନି ଶବର, ପୂର୍ବତନ ସରପଞ୍ଚ ପାଉଲ ମଣ୍ଡଳ, ନାୟବ ସରପଞ୍ଚ ପିଲିମନ ଗମାଙ୍ଗ, ସମିତି ସଭ୍ୟ ତିମୋନୀ ଶବର, ପୂର୍ବତନ ସମିତି ସଭ୍ୟ ଦାଉଦ ଶବରଙ୍କ ସମେତ କୁଲୁସିଂ ପଞ୍ଚାୟତର ୧୮ଟି ୱାର୍ଡର ୱାର୍ଡମେମ୍ବର ସହ ଶତାଧିକ କର୍ମୀ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୨/୨୦୨୪ | Bhubaneswar, Friday, January 12/2024 | ପୃଷ୍ଠା-୧



## ଗ୍ରୀଜ୍‌ମାନ ଟପ୍ ସ୍କୋରର

ଆଣ୍ଟୋନୀ ଗ୍ରୀଜ୍‌ମାନ ମୋଟ ୧୭୪ ଗୋଲ୍ ସହ ଆଟଲେଟିକୋ ମାଡ୍ରିଡ୍‌ର ସର୍ବକାଳୀନ ଟପ୍ ଗୋଲ୍ ସ୍କୋରର ହୋଇଛନ୍ତି।

୦୫ | ୦୪

## ନୟନତାରାଙ୍କ ନାମରେ ମାମଲା

ସାଉଥ୍ ଅଭିନେତ୍ରୀ ନୟନତାରାଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି'ରେ ହିନ୍ଦୁ ଭାବନାକୁ କ୍ଷତି ପହଞ୍ଚାଯାଇଥିବା ଅଭିଯୋଗରେ ତାଙ୍କ ନାମରେ ମାମଲା ରୁଜୁ ହୋଇଛି।





ଇସ୍ରାଏଲ-ହମାସ୍ ଯୁଦ୍ଧକୁ ୧୦୦ ଦିନ ପୂରିବାକୁ ଯାଉଥିବାବେଳେ ଗୁରୁବାର ସଂଘର୍ଷ ପ୍ରଭାବିତ ଜଣେ ପାଲେଷ୍ଟିନୀୟ ରାଫାହ ସୀମାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଭର୍ତ୍ତି ପାଇଁ ଅପେକ୍ଷା କରିଛନ୍ତି।

# ଦ୍ରୁତ ଶୁଣାଣି ସମ୍ପର୍କରେ ଜଣାଅ: ହାଇକୋର୍ଟ

## ଏମ୍‌ପି, ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା

**କଟକ,୧୧।୧ (କାର୍ତ୍ତିକ ସାହୁ)**

ରାଜ୍ୟରେ ଏମ୍‌ପି ଏବଂ ବିଧାୟକଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରି ଡେଜିଗ୍‌ନେଟେଡ୍ କୋର୍ଟସ୍ ଫର୍ ଏମ୍‌ପି ଆଣ୍ଡ ଏମ୍‌ଏଲ୍ଏ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଏପରି ଆଦେଶ ଦେଇଛନ୍ତି। ୨ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ୨୦୨୩ ଡିସେମ୍ବର ୩୧ ତାରିଖ ସୁଦ୍ଧା ରାଜ୍ୟର ୩୦ ଜିଲାରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ରହିଥିବା ମାମଲା ସମ୍ପର୍କରେ ହାଇକୋର୍ଟ ୱେବ୍‌ସାଇଟ୍‌ରେ ସୂଚନା ଜାରି କରାଯାଇଛି। ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୮୬, ସମ୍ବଲପୁରରେ ୫୩ ଓ ଗଞ୍ଜାମ ଜିଲାରେ ୫୧ ମାମଲା ବିଚାରାଧୀନ ରହିଛି। ମାମଲାର ଶୁଣାଣିରୁ ଜଣାପଡିଥିଲା ଅନୁଗୋଳରେ ୨୭, ବାଲେଶ୍ୱରରେ ୨୮, ବରଗଡ଼ରେ ଗୋଟିଏ, ବଲାଙ୍ଗୀରରେ ୨୬, କଟକରେ ୩୬, କଳାହାଣ୍ଡିରେ ୧, କୋରାପୁଟରେ ୪୮, ମୟୂରଭଞ୍ଜରେ ୨୪, ସୋନପୁରରେ ୧, ସୁନ୍ଦରଗଡ଼ରେ ୪୧ଟି ମାମଲା ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ବିଚାରାଧୀନ ରହିଛି। ଏଭଳି ଅନ୍ୟ ଜିଲାଗୁଡିକରେ ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଥିବା ମାମଲାଗୁଡିକୁ ମିଶାଇ ମୋଟ୍ ୪୩୧ ମାମଲା ରାଜ୍ୟରେ ବିଚାରାଧୀନ ଅଛି। ସୁପ୍ରିମକୋର୍ଟ ୨୦୨୦ ସେପ୍ଟେମ୍ବର ୧୬ ତାରିଖରେ ଅଶ୍ୱିନୀ କୁମାର ଉପାଧ୍ୟାୟ ବନାମ କେନ୍ଦ୍ର ସରକାର ମାମଲାର ଶୁଣାଣି କରି ନିର୍ବାଚିତ ଜନ ପ୍ରତିନିଧିଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ଅଦାଲତରେ ଦ୍ରୁତ ଶୁଣାଣି ଓ ଫଏସଲା ପାଇଁ ସ୍ୱତନ୍ତ୍ର ଅଦାଲତ ଗଠନ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାପରେ ହାଇକୋର୍ଟ ଏହି ପ୍ରସଙ୍ଗକୁ ନେଇ ୨୦୨୦ରେ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣିବେଳେ ରାଜ୍ୟ ସରକାର ଏମ୍‌ପି ଓ ବିଧାୟକଙ୍କ ବିରୋଧରେ ଥିବା ଆପରାଧିକ ମାମଲାଗୁଡ଼ିକର ଦ୍ରୁତ ଶୁଣାଣି ପାଇଁ କେତେକ ସ୍ଥାନରେ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବା ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତଦନୁସାରେ ଏମ୍‌ପି, ପୂର୍ବତନ ଏମ୍‌ପି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବିରୋଧରେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଟ୍ରାଏଲ ଯୋଗ୍ୟ ମାମଲାଗୁଡ଼ିକର ଶୁଣାଣି ପାଇଁ ୧୧ଟି ସିଭିଲ ଜଜ୍ ଅଦାଲତଙ୍କୁ ସ୍ୱତନ୍ତ୍ର ଅଦାଲତ ମାନ୍ୟତା ଦିଆଯାଇଥିବା ଦର୍ଶାଇଥିଲେ। ରାଜ୍ୟ ସରକାର ୨୦୨୧ ମାର୍ଚ୍ଚ ୧୭ର ବିଜ୍ଞପ୍ତି ଅନୁସାରେ ୩ଟି ଅତିରିକ୍ତ ଜିଲା ଓ ଦୌରା ଜଜ୍ ଅଦାଲତଙ୍କୁ ଏଭଳି ମାମଲା ଶୁଣାଣି ପାଇଁ ସ୍ୱତନ୍ତ୍ର ଅଦାଲତ ମାନ୍ୟତା ପ୍ରଦାନ କରାଯାଇଥିବା ୨୦୨୧ ଏପ୍ରିଲ ୫ ଶୁଣାଣିବେଳେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ।

# ଜୀବନରେ ୫-ଟି ନୀତିର ପ୍ରୟୋଗ କର

## ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ପ୍ରଥମ ଦିବସରେ ୩୮୯ ସ୍କୁଲ ଲୋକାର୍ପିତ

**ଭୁବନେଶ୍ୱର,୧୧।୧ (ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି। ଏହି ପର୍ଯ୍ୟାୟର ପ୍ରଥମ ଦିବସରେ ଗଞ୍ଜାମ, ଝାରସୁଗୁଡ଼ା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବରଗଡ଼ ଜିଲାର ୩୮୯ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଥିରେ ଗଞ୍ଜାମ ଜିଲାର ୧୪୯ଟି ହାଇସ୍କୁଲ ଥିବା ବେଳେ ଝାରସୁଗୁଡାର ୧୧, ଜଗତସିଂହପୁରର ୫୭, କେନ୍ଦ୍ରାପଡ଼ାର ୧୧୨ ଏବଂ ବରଗଡ଼ର ୬୦ଟି ହାଇସ୍କୁଲ ଅନ୍ତର୍ଭୁକ୍ତ।

ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ।

ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଓଡ଼ିଶାରେ ରୂପାନ୍ତରଣର ଯୁଗ ଚାଲିଛି। ସ୍କୁଲ କଲେଜ ଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତରଣ କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ଏସବୁ ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶ୍ରେଷ୍ଠ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ୫-ଟି ଉପକ୍ରମରେ ଏହି ରୂପାନ୍ତର କାର୍ଯ୍ୟକ୍ରମରେ ତୁମ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏହା ହେଉଛି ଟେକ୍ନୋଲୋଜିର ପ୍ରୟୋଗ। ସେହିଭଳି ଟିମ୍‌ୱାର୍କ ଜରିଆରେ ସମସ୍ତେ ମିଳିମିଶି କାମ କରୁଛନ୍ତି। ସମସ୍ତଙ୍କ ସହ ଆଲୋଚନା କରି ସବୁ କାମ ସ୍ୱଚ୍ଛତାର ସହ କରାଯାଉଛି। ଏସବୁର ଉପଯୋଗରେ ସ୍କୁଲଗୁଡ଼ିକରେ ରୂପାନ୍ତର ଆସିଛି; ଯାହାକୁ ତୁମେ ଏବେ ଦେଖୁଛ ଓ ଅନୁଭବ କରୁଛ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପିଲାମାନଙ୍କ ଭବିଷ୍ୟତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାରୀ ସ୍କୁଲର ପିଲାମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଛି। ଏବେ ସରକାରୀ ସ୍କୁଲରେ ପାଠ ପଢ଼ିବା ପାଇଁ ପିଲା ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଉପଯୋଗ କରି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଜୀବନରେ ୫-ଟି ନୀତିର ପ୍ରୟୋଗ କର। ଏହା ସଫଳତା ଆଣିଦେବ। ନୂଆ ନୂଆ ବୈଷୟିକ ଜ୍ଞାନକୌଶଳ ବିଷୟରେ ଜାଣିବାକୁ ଚେଷ୍ଟା କର। ଜୀବନର ସବୁ କ୍ଷେତ୍ରରେ ସାଧୁତା ଅବଲମ୍ବନ କରିବାକୁ ଚେଷ୍ଟା କର। ସମୟ ନଷ୍ଟ ନ କରି ତା'ର ଉପଯୋଗ କର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲାର ବିଧାୟକ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ, ୨୦୨୧ ଫେବୃଆରୀ ୧୬ରୁ ମୁଖ୍ୟମନ୍ତ୍ରୀ ହିଞ୍ଜିଳିକାଟୁରୁ ସ୍କୁଲ ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଛନ୍ତି। ସ୍ଥାନୀୟ ଜନପ୍ରତିନିଧି, ସ୍କୁଲ ପରିଚାଳନା କମିଟି ଓ ଜନସାଧାରଣଙ୍କ ଆନ୍ତରିକ ସହଯୋଗ ଯୋଗୁ ଏହି ସଫଳତା ହାସଲ ହୋଇଛି। ୫-ଟି ସ୍କୁଲ ରୂପାନ୍ତର ଆଜି ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରମାନେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଗଞ୍ଜାମରେ ୧୦ମ ଶ୍ରେଣୀର ଛାତ୍ର ରୁଦ୍ରପ୍ରସାଦ ସାହୁ, ଝାରସୁଗୁଡ଼ାର ୧୦ମ ଶ୍ରେଣୀ ଛାତ୍ରୀ କୁମାରୀ ରତ୍ନପୂର୍ଣ୍ଣା ବେହେରା, ଜଗତ୍‌ସିଂହପୁରର ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ପଣ୍ଡା, କେନ୍ଦ୍ରାପଡ଼ାର ୧୦ମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ସାହୁ ଏବଂ ବରଗଡ଼ର ୧୦ମ ଶ୍ରେଣୀ ଛାତ୍ରୀ ସାଇପ୍ରିୟା ଭୁଏ ପ୍ରମୁଖ ସେମାନଙ୍କ ମତାମତ ଦେଇଥିଲେ। ସ୍କୁଲ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାରେ ୪ ଦିନ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

### ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାର ୩୪୧ କି.ମି. ବୁଲିବେ

**ଭୁବନେଶ୍ୱର, ୧୧।୧ (ସୁନିତ୍ ମିଶ୍ର)**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ୧୪ ତାରିଖରେ ମଣିପୁରରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିବେ। ଫେବୃଆରୀ ୧୪ରେ ରାହୁଲ ଗାନ୍ଧୀଙ୍କ ଏହି ଯାତ୍ରା ଝାଡ଼ଖଣ୍ଡ ଅତିକ୍ରମକରି ଓଡ଼ିଶାର ମୟୂରଭଞ୍ଜରେ ପହଞ୍ଚିବ। ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ରାହୁଲଙ୍କ ଏହି ଯାତ୍ରା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୪ ଦିନ ଧରି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲାରେ ୩୪୧ କି.ମି. ଦେଇ ଅତିକ୍ରମ କରିବ। ଏହି ନ୍ୟାୟ ଯାତ୍ରାରେ ଯେକୌଣସି ବ୍ୟକ୍ତି ୯୮୯୧୮୦୨୦୨୪ ନମ୍ବରରେ ମିସ୍‌ଡ କଲ୍ କରି ନିଜକୁ ଜଣେ ନ୍ୟାୟ ଯୋଦ୍ଧା ହିସାବରେ ଯୋଗଦାନ କରିପାରିବେ। ଯେଉଁ ଅଞ୍ଚଳ ଦେଇ ଏହି ଯାତ୍ରା ଅତିକ୍ରମ କରିବ ସେସବୁ ଅଞ୍ଚଳର ଜନସାଧାରଣ ଏହି ଯାତ୍ରାରେ ନିଜକୁ ସାମିଲ କରିପାରିବେ ବୋଲି ଦଳର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି। କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି, ଏହି ଯାତ୍ରାରେ ବୁଦ୍ଧିଜୀବୀ, ସମାଜସେବୀ, କଳାକାର ଏବଂ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଯୋଗଦାନ କରିପାରିବେ। ଦୀର୍ଘ ୧୦ ବର୍ଷର ଅନ୍ୟାୟକାଳ ବିରୋଧରେ ଦେଶର ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ସମ୍ବିଧାନ, ସାମ୍ବିଧାନିକ ଅନୁଷ୍ଠାନ, ବିବିଧତା ଏବଂ ଏକତାକୁ ରକ୍ଷା କରିବା ପାଇଁ ଏହି ନ୍ୟାୟଯାତ୍ରା କରାଯାଉଛି।




ଘୃଣା ଓ ହିଂସାଜନିତ ଅପରାଧ ଏବେ ଆମ ସମାଜରେ ଅହେତୁକ ବୃଦ୍ଧି ଘଟିଛି। ତେଣୁ ଏହି ବର୍ଗଙ୍କର ସାମାଜିକ ନ୍ୟାୟ ପାଇଁ ନ୍ୟାୟ ଯାତ୍ରା କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ପୁସ୍ତିକା ଓ ପ୍ରଚାରପତ୍ର ଉନ୍ମୋଚନ କରିଛନ୍ତି।

# ସବୁ ଭାରିଆଣ୍ଟ ପାଇଁ ଉତ୍ତାପ ସହିଷ୍ଣୁ କୋଭିଡ୍ ଟିକା

**ବେଙ୍ଗାଲୁରୁ,୧୧।୧**

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (ଆଇଆଇଏସ୍‌ସି) ବୈଜ୍ଞାନିକମାନେ ଏକ ନୂଆ କରୋନା ଟିକା ବିକଶିତ କରିଛନ୍ତି। ଏହି ଭାକ୍ସିନ୍ ଏସ୍ଏଆର୍ଏସ୍-କୋଭ୍-୨ର ବର୍ତ୍ତମାନ ଏବଂ ଭବିଷ୍ୟତରେ ଦେଖାଦେବାକୁ ଥିବା ଭାରିଆଣ୍ଟଗୁଡ଼ିକଠାରୁ ସୁରକ୍ଷା ଦେବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। କୋଭିଡ୍-୧୯ ମହାମାରୀ ଆରମ୍ଭ ପରଠାରୁ ଆଇଆଇଏସ୍‌ସିର ମୋଲେକ୍ୟୁଲାର ବାୟୋଫିଜିକ୍ସ ୟୁନିଟ (ଏମ୍‌ବିୟୁ) ପ୍ରଫେସର ରାଘବନ ବରଦାରଞ୍ଜନ ଏବଂ ଅନ୍ୟ ବୈଜ୍ଞାନିକମାନେ ଏକ ଉତ୍ତାପ ସହିଷ୍ଣୁ ଭାକ୍ସିନ ବିକଶିତ କରିବାରେ ଲାଗିଥିଲେ, ଯାହାକି ସବୁ ପ୍ରକାର ଭାରିଆଣ୍ଟଠାରୁ




ଲୋକଙ୍କୁ ସୁରକ୍ଷା ଦେଇପାରିବ। ଏହି କ୍ଷେତ୍ରରେ ଗବେଷକ ଦଳକୁ ଅଭୂତପୂର୍ବ ସଫଳତା ମିଳିଛି। ଆର୍‌ଏସ୍୨ ହେଉଛି ଏକ କୃତ୍ରିମ ଆଣ୍ଟିଜେନ୍, ଯାହାକି ଏସ୍୨ ସବ୍‌ୟୁନିଟ୍ ଏବଂ ରିସିପ୍ଟର ବାଇଣ୍ଡିଂ ଡୋମେନ୍ (ଆର୍‌ବିଡି) ଭଳି କୋଭିଡ୍ ଭୂତାଣୁର ସ୍ପାଇକ୍ ପ୍ରୋଟିନକୁ ଯୋଡ଼ିଥାଏ। ଆର୍‌ବିଡି ସଂକ୍ରମିତଙ୍କୁ ଅଧିକ ସମୟ ଧରି ଭୂତାଣୁରୁ ସୁରକ୍ଷା ଦେଇଥାଏ। ଏହାକୁ ଘରର ସ୍ୱାଭାବିକ ତାପମାତ୍ରାରେ ମଧ୍ୟ ରଖାଯାଇପାରେ।

# ୨ ଏଟିଏମ୍‌ରୁ ଲୁଟି ନେଲେ ୩୨ଲକ୍ଷ

- ଲୁଟ୍ ପରେ ବୋମା ଫୁଟାଇଲେ ଦୁର୍ବୃତ୍ତ
- ଖୁଣ୍ଟା ଥାନା ଅଞ୍ଚଳରେ ଗାଡ଼ି ଛାଡ଼ି ପଳାଇଲେ

**ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ସୋର(ଜନ୍ମେଜୟ ମିଶ୍ର)/ ଖୁଣ୍ଟା (ଦେବରଞ୍ଜନ ବେହେରା),୧୧।୧**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ବୁଧବାର ବିଳମ୍ବିତ ରାତିରେ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ୨ଟି ଏଟିଏମ୍ ଭାଙ୍ଗି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଘଟଣା ଘଟିଛି ଖଇରା ଥାନା ଅଧୀନ ତୁଡିଗଡ଼ିଆ ବଜାର ଓ ସୋର ଥାନା ଅଧୀନ ମଙ୍ଗଳପୁର ବଜାରରେ। ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେବା ପରେ ବୋମା ଫୁଟାଇ ଚାଲିଯିବାରୁ ସ୍ଥାନୀୟ ବାସିନ୍ଦା ଆତଙ୍କିତ ହୋଇପଡ଼ିଥିଲେ। ଉଭୟ ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଧରାପଡ଼ିଯିବା ଭୟରେ ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଏକ କାର୍ ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳରେ ଛାଡ଼ି ପଳାଇଛନ୍ତି। ଉକ୍ତ କାର୍‌ରୁ ଗ୍ୟାସ୍ କଟର, ସ୍ପ୍ରେ, ମାସ୍କ ଓ ପ୍ୟାଣ୍ଟଶାର୍ଟ ଜବତ ହୋଇଛି। ଜବତ ଗାଡ଼ିକୁ ଖୁଣ୍ଟା ଥାନାରେ ରଖାଯାଇଛି।

୨ଟି ବୋଲେରୋରେ ୬ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ତୁଡିଗଡ଼ିଆସ୍ଥିତ ଆକ୍ସିସ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରେ ପଶି ଗ୍ୟାସ କଟରରେ ଏଟିଏମ୍‌କୁ କାଟି ୨୦ଲକ୍ଷ ନେଇ ପଳାଇଥିଲେ। ଏହି ସମୟରେ ୨ଟି ବୋମା ଫୁଟାଇବାରୁ ଲୋକେ ଶବ୍ଦ ଶୁଣି ଆସି ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସେହିଭଳି ମଙ୍ଗଳପୁର ବଜାରରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଟିଏମ କାଟିପାଖାପାଖି ୧୨ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଖଇରା ଅଞ୍ଚଳରେ ମାସକ ମଧ୍ୟରେ ୮ରୁ ଅଧିକ ଚୋରି ଘଟଣାରେ ଜନସାଧାରଣ ଆତଙ୍କିତ ହୋଇପଡିଛନ୍ତି।

ଏଟିଏମ୍ ଲୁଟ୍ ପରେ ଦୁର୍ବୃତ୍ତମାନେ ଜେଏଚ୍୧୦- ସିଏମ୍‌ଡ- ୧୪୪୪ ନମ୍ବର ବିଶିଷ୍ଟ ଏକ ଧଳା ରଙ୍ଗର ବ୍ରିଜା କାର୍‌ରେ ମୟୂରଭଞ୍ଜ ଜିଲା ଆଡ଼କୁ ଯାଇଥିଲେ। ଏ ସମ୍ପର୍କରେ ବାଲେଶ୍ୱର ପୋଲିସଠାରୁ ସୂଚନା ପାଇ ଖୁଣ୍ଟା ଥାନା ଆଇଆଇସି ସୁଜାତା ଖମାରୀଙ୍କ ନେତୃତ୍ୱରେ ଗଠିତ ଟିମ୍ ଥାନା ଅଧୀନ ବିଭିନ୍ନ ଛକରେ ଜଗି ରହିଥିଲେ। ବିଳମ୍ବିତ ରାତିରେ ଦାମୋଦରପୁର- ବଡ଼ସାହି ରାସ୍ତା ଦେଇ ଉକ୍ତ ଲୁଟେରା ଗ୍ୟାଙ୍ଗର ଗାଡିଟି ଯାଉଥିବାବେଳେ ଖୁଣ୍ଟା ପୋଲିସ ପିଛା କରିଥିଲା। ଲୁଟେରାମାନେ ପୋଲିସ ଗାଡ଼ି ଦେଖି ଚମ୍ପାଗଡ଼ି ଗ୍ରାମ ଦେଇ ଯାଇଥିବା ଗଙ୍ଗାହାର ନଦୀ ରାସ୍ତାରେ ପଳାଇବାକୁ ଚେଷ୍ଟା କରୁଥିଲେ। ତେବେ ଗଙ୍ଗାହାର ନଦୀରେ ଥିବା ଏକ ବାଉଁଶ ପୋଲ ଦେଖି ଆଗକୁ ନ ଯାଇ ସେଠାରେ ଗାଡ଼ି ରଖି ନଦୀ ପାର ହୋଇ ଚମ୍ପଟ ମାରିଥିଲେ। ଗୁରୁବାର ବାଲେଶ୍ୱର ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଛି।




ଜବତ କାର୍

**ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା**

ମାହାଙ୍ଗା, (ଯଯାତି ସିଂହ): ମାହାଙ୍ଗା ବ୍ଲକ ବରାହିପୁର ପଞ୍ଚାୟତସ୍ଥିତ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ମଣିଯୋରାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଉହରି ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଅଳକା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତାଭାବେ ସିଆରସିସି ନିହାର ରଞ୍ଜନ ସାମଲ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକିଶୋର ଜେନା ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନିରଞ୍ଜନ ନାୟକ,ପ୍ରଭଞ୍ଜନ ସାମଲ ଓ ରୋହିତ କାଲୋ ଖେଳ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

ସାଲେପୁର, ୧୧ ।୧ (ଅରବିନ୍ଦ ଭୂୟାଁ): ମହିଳାଙ୍କ ଘରେ ପଶି ଗାଳିଗୁଲଜ କରିବା ସହ ମାର୍‌ପିଟ୍ କରାଯାଇଥିବାନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ କାନପୁର ଅଞ୍ଚଳର ରୁକେୟା ପରୱିନ୍ ବୁଧବାର ଘରେ ଏକାଥିବା ଉକ୍ତ ଅଞ୍ଚଳର ସୁରଜ ଖାଁ ତାଙ୍କ ଘରେ ପଶି ଗଣ୍ଡଗୋଳ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ମାମଲା (ନଂ. ୧୮/୨୪) ରୁଜୁ କରାଯାଇଛି।

### ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ: ଯୁବକ ଗୁରୁତର

ମାହାଙ୍ଗା,୧୧।୧(ଯଯାତି ସିଂହ) ମାହାଙ୍ଗା ତହସିଲ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁପୁର ଗ୍ରାମରେ ବୁଧବାର ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରାଜୀବ ଲୋଚନ ରାଉତ (୪୫)। ନିଆଁରେ ଘରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ସେ ରାତିରେ ଘରେ ଶୋଇଥିବାବେଳେ ଗଦି ଓ ଆସବାବପତ୍ରରେ ଅଗ୍ନି ସଂଯୋଗ ହୋଇ ଜଳିଯାଇଥିଲା। ଏଥିରେ ରାଜୀବଙ୍କ ଶରୀରରେ ଲାଗି ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଛି। କୁଆଁପାଳ ଦମକଳ କର୍ମଚାରୀ ପହଞ୍ଚି ରାଜୀବଙ୍କୁ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି।

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ସିପିଆଇର ଗଣବିକ୍ଷୋଭ

ସାଲେପୁର, ୧୧।୧ (ଅରବିନ୍ଦ ଭୂୟାଁ)



ସିପିଆଇ କର୍ମୀମାନେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସାଲେପୁର ବ୍ଲକରେ ଦୁର୍ନୀତି ଓ ଗରିବ ଶୋଷଣ ନୀତି କରାଯାଉଥିବା ଅଭିଯୋଗ କରି ସିପିଆଇ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ କରାଯାଇଛି। ସିପିଆଇ ନେତା ତଥା ପୂର୍ବତନ ସମିତିସଭ୍ୟ ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ଜିଲା ସମ୍ପାଦକ ବିନୋଦ ବେହେରା, ସିପିଆଇ ନେତା ତ୍ରୈଲୋକ୍ୟ ନାଥ, କସ୍ତୁରି ପାତ୍ର, ସନାତନ ମଲ୍ଲିକ, ହିମାଂଶୁ ଭୂୟାଁ, ରମେଶ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଭୂମିହୀନମାନଙ୍କୁ ଥଇଥାନ କରିବା, ଯୋଗାଣ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରିବା, ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା, ଭତ୍ତା ପରିମାଣକୁ ୫ ହଜାରକୁ ବୃଦ୍ଧି କରିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଅନିୟମିତତାର ତଦନ୍ତ ଦାବି କରିବା ସହ ପଦ୍ମପୁର ଡାକ୍ତରଖାନାରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଓ ସାଲେପୁରକୁ ସବ୍‌ଡିଭିଜନ୍‌ର ମାନ୍ୟତା ଦେବା ପାଇଁ ଆନ୍ଦୋଳନ କରାଯାଇଥିଲା। ଝିଲ୍ଲି ବିଶୋଇ, ପରମାନନ୍ଦ ସ୍ୱାଇଁ, ରଞ୍ଜିତା ସିଂହ, କାମିନୀ ପ୍ରଧାନ, କାଶିନାଥ ସାହୁ, କୃପାସିନ୍ଧୁ ନାଥ ପ୍ରମୁଖ ଯୋଗଦେଇଥିଲେ।

## ଗ୍ରାମାଞ୍ଚଳ କ୍ରିକେଟ: ଫାଇନାଲରେ ମାଣିଆବନ୍ଧ

ମାଣିଆବନ୍ଧ, ୧୧।୧ (ଅଖିଳ କୁମାର ସାହୁ) ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ କ୍ଲବ ଅଫ୍ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଗୋପପୁର ଓ ମାଣିଆବନ୍ଧ ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଗୋପପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା। ଜବାବରେ ମାଣିଆବନ୍ଧ ୧୮.୩ ଓଭରରେ ୬ ଉଇକେଟ ହରାଇ ବିଜୟୀ ହୋଇଛି। ବିଜେତା ଦଳ ତରଫରୁ ଲକ୍ଷ୍ମୀଧର ନାୟକ ୩୯ ବଲରେ ୭୮ ରନ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ବିବେକ ପରିଡ଼ା ଓ ସୁବ୍ରତ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ସମ୍ପାଦକ ଶିବ ନାରାୟଣ ମିଶ୍ର, କୋଷାଧକ୍ଷ ପବିତ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ : ସେମିରେ ବେଲିଆପାଳ

ବଡ଼ମ୍ବା,୧୧।୧(ମାୟାଧର ମଲ୍ଲିକ) ବ୍ରାହ୍ମଣୀଦେଇ କ୍ରିକେଟ କ୍ଲବ ଜାନିସାହି ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସୁଲୋଚନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଲିଗ୍ ମ୍ୟାଚ ତୁଳସୀପୁର କ୍ରିକେଟ କ୍ଲବ, କଟକ ଓ ବଡ଼ମ୍ବା ବେଲିଆପାଳ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲିଆପାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବେଲିଆପାଳ କ୍ରିକେଟ ଟିମ୍ ୨୦ ଓଭରରେ ୪ ଉଇକେଟ୍ ହରାଇ ୨୦୪ରନ ସଂଗ୍ରହ କରିଥିଲା। ଜବାବରେ ତୁଳସିପୁର କ୍ରିକେଟ ଟିମ୍ ୧୭ ଓଭର ୪ଟି ବଲ୍‌ରେ ସମସ୍ତ ଉଇକେଟ୍ ହରାଇ ୧୩୫ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ବେଲିଆପାଳ ୭୦ ରନରେ ବିଜୟୀ ହୋଇଛି। ବିଜେତା ଟିମ୍‌ର ନନ୍ଦୀ ସାହୁ ସର୍ବାଧିକ ୫୪ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖବରଦାତା ତଥାଗତ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ୟାରି ସ୍ୱାଇଁ, ଇଂ. ଦିବ୍ୟ ପ୍ରତାପ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅମ୍ପାୟର ଶ୍ରୀକାନ୍ତ ପଣ୍ଡା ଓ ସାଗର ଗୋଛି ମ୍ୟାଚ ପରିଚାଳନା କରିଥିଲେ।

# ଯୌତୁକ ପ୍ରଥାର ବିଲୋପ ପାଇଁ ନାରୀ ସଚେତନତା ଜରୁରୀ

ବାଙ୍କୀ,୧୧।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର) ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ତରଫରୁ ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଶବର ସାହିରେ ନୂଆ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୋଡାଲ୍ ଅଫିସର ଅଧ୍ୟାପିକା ସରସ୍ୱତୀ ଦେଉରୀଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଯୌତୁକ ପ୍ରଥାର ବିଲୋପ ପାଇଁ ନାରୀମାନେ ସଚେତନତା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଦୁର୍ଗାପୁର ସରପଞ୍ଚଙ୍କ ପ୍ରତିନିଧି ଲଳିତ ମୋହନ ମହାପାତ୍ର, ଅଧ୍ୟାପକ ପ୍ରକାଶ କୁମାର ପ୍ରଧାନ, ଗୋପୀନାଥ ନାୟକ ଓ ସୁମନ୍ତ ନାୟକ ପ୍ରମୁଖ ଯୋଗଦଇଥିଲେ। ଭୂପତି ଭୂଷଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଧ୍ୟାପକ ପ୍ରକାଶ କୁମାର ପ୍ରଧାନ ନିର୍ଦ୍ଦେଶନାରେଯୌତୁକ ବିରୋଧରେ ଏକ ସଚେତନତା ନାଟକ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ।

## ଅସହାୟ ବୃଦ୍ଧଙ୍କ ସେବା

ସାଲେପୁର,୧୧।୧(ଅରବିନ୍ଦ ଭୂୟାଁ) ସାଲେପୁରସ୍ଥିତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମର କର୍ମକର୍ତ୍ତାମାନେ ଚମ୍ପାପୁର ଗ୍ରାମର ମନ୍ଦିର ପାଖରେ ୨ଦିନ ହେବ ଆଶ୍ରୟ ନେଇଥିବା ଜଣେ ବୃଦ୍ଧଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ସେ ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ଧୀରେନ୍ଦ୍ର ବେହେରା ବୋଲି ଜଣାପଡ଼ିଛି।


**OFFICE OF THE CHIEF CONSTRUCTION ENGINEER** No. O-2185
**RURAL WORKS CIRCLE, BALASORE**
E-mail ID: serw_balasore@yahoo.in; Ph. No.: 06782/260318, Balia, Balasore

**"e"-Procurement Notice for Bridge Work | Identification No. Online Tender-Bridge N.C.B. No. 69 of 2023-24.**
Letter No. 162/WE Date: 09.01.2024

1. Name of the work :- **Bridge Works. 2.** Total No. of work :- **As per annexure. 3.** Estimated Cost :- **As per annexure. 4.** Eligible Class of Contractor :- **As per annexure. 5.** Period of Completion :- **As per annexure. 6.** Other Details:-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E., R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. - 69 of 2023-24 | 16.01.2024 at 11.00 A.M. | 31.01.2024 upto 5.00 P.M. | 30.01.2024 upto 5.00 P.M. | 01.02.2024 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in

Sd./- Er. N.V. Harihar Rao,
Chief Construction Engineer, R.W. Circle, Balasore
OIPR-25105/11/0089/2324

GOVERNMENT OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail: eemisundargarh@yahoo.co.in
**'e' Procurement Notice**
**Bid Reference No. SE MID SNG 10/2023-24**

No. A-1195: Bid documents consisting name of Works, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-Procurement portal **https://tendersodisha.gov.in**

| | | |
|---|---|---|
| 1 | Name of the works | : Civil Construction Work |
| 2 | No. of Work | : 01 (One) No. |
| 3 | Estimated Cost | : Rs.44.60 lakh (Approximately) |
| 4 | Period of Completion | : 04 (Four) Calendar Months |
| 5 | Date and time of availability of bid documents in the portal | : From Dt.19.01.2024 at 10.00 A.M. to Dt.29.01.2024 upto 5.30 P.M. |
| 6 | Last date/time of receipt of bids in the portal | : Dt.29.01.2024 upto 5.30 P.M. |
| 7 | Date of Opening of Bid | : Dt.30.01.2024 at 11.00 A.M. onwards |
| 8 | Name and address of the OIT | : Superintending Engineer, Minor Irrigation Division, Sundargarh |

** Further details can be seen from the e-Procurement market place **http://tendersodisha.gov.in**.

Sd./- Superintending Engineer
M.I. Division, Sundargarh
OIPR-32124/11/0010/2324

**BHIMA BHOI MEDICAL COLLEGE & HOSPITAL (BBMCH), BALANGIR, ODISHA**
**Walk-In Interview for the Post of Junior Resident**
**Advertisement No. 341 / Dt. 11.01.2024**

No. E-739:- Applications are invited from eligible Doctors for engagement in the Post of Junior Resident (JR, MBBS) to serve at BBMCH, Balangir for a period of 1 year which can be extended if required. The Application Form and detail instructions are available in our website **www.bbmchbalangir.nic.in**. The Walk-in-Interview is scheduled to be held on **20.01.2024** at **10 A.M.** in the Office of Dean & Principal, BBMCH, Balangir (First Floor, College Building).

**Sd./- Dean & Principal, BBMCH, Balangir**
OIPR-10141/11/0026/2324

**REGULATED MARKET COMMITTEE, BARGARH**
**Invitation For Bids (IFB)**
**Bid Identification No.04 of 2023-24**
**TCN No.174/dated 09.01.2024**

**No.H-81:**1. The ADM, Bargarh-cum-Chairman, RMC, Bargarh invites percentage rate bid in double cover system through ONLINE Mode for the civil works as detailed in the Detailed Tender Call Notice (DTCN) from the eligible class of contractors.

2. Nos. of Work : 04 (Four) Nos.
3. Cost of Tender Paper : Rs.10,000/-
4. Class of Contractor : "A & Special" Class
5. Date and Time of availability in website and receipt of Bids : 11.00 Hrs. of 12.01.2024 to 17.00 Hrs. of 29.01.2024
6. Date of Opening of Bid : 30.01.2024 of 11.00 Hrs.
7. The Bidders have to participate in ONLINE bidding only.

Further details can be seen from the State Government portal website : https://tendersodisha.gov.in.

Sd./-
ADM Bargarh-cum-Chairman
R.M.C., Bargarh
OIPR-07041/11/0011/2324

**ODISHA NURSES AND MIDWIFERY REGISTRATION COUNCIL**
**NOTICE FOR PRIMARY REGISTRATION OF NURSING PERSONNEL THROUGH NRTS PORTAL**
**Notice No. 107** **Dt.10.01.2024**

No. E-733: Applications for primary registration of Nursing Personnel through web portal of ONMRC is hereby closed from Dt.16.01.2024 as per D.O. No. Z-28015/97/2014-N of Ministry of Health and Family Welfare, Government of India. All primary registration has to be applied through NRTS web portal by concerned institution from Dt.17.01.2024.
The link for online application is available in the website.
**https://nrts.indiannursingcouncil.gov.in**

OIPR-10016/11/0020/2324 **Sd./- Chairman, ONMRC**

GOVERNMENT OF ODISHA No.O-2201
**O/o THE SUPERINTENDING ENGINEER, RURAL WORKS DIVISION-II, CUTTACK**
Email Id:cuttackrw2nd@yahoo.co.in, Telephone/Fax No.(0671) 2445119
**e-Procurement Notice for Building Works**
**Bid Identification No.SECTC-II-21 of 2023-24, Dt.10.01.2024**

1. Number of the Work : 40 (Fourty) numbers of Building for the year 2023-2024.
2. Estimated Cost (Approx) : Rs.36.00 Lakh to Rs.38.00 Lakh
3. Period of Completion : 06 (Six) Calendar Months
4. Date & Time of Sale & Receipt of Bid document online : From 18.01.2024 at 11.00 AM to: 31.01.2024 at 4.00 PM
5. Date & Time of Opening of Bid : 01.02.2024 at 11.30 AM
6. Name and Address of Inviting Officer : Executive Engineer O/o. the Superintending Engineer R.W. Division-II, Cuttack Nayabazar, Cuttack- 753004

Further details can be seen from the State Govt. portal https://tendersorissa.gov.in.

Sd./- Executive Engineer
R.W.Division-II, Cuttack
OIPR-25095/11/0022/2324

**ODISHA LIFT IRRIGATION CORPORATION LIMITED**
**(A Government of Odisha Undertaking)**
**OFFICE OF THE EXECUTIVE ENGINEER L.I. DIVISION, ROURKELA**
e-mail ID-eeolicrourkela@gmail.com
No.CAD-3644:
**NATIONAL COMPETITIVE BIDDING THROUGH e-Procurement**
**Identification No.EEOLICRKL-12/2023-24, Dt.08.01.2024**

| | | |
|---|---|---|
| 01 | Name of Work | : Installation & Energisation of Mahulchapal of new LIP in Nuagaon Block of Sundargarh Dist. Under RIDF-XXIX grant. |
| 02 | Estimated Cost | : Rs.29.28 lakhs |
| 03 | Period of Completion | : 120 days |
| 04 | Date & Time of availability of Bid document in the Portal | : **From 10.00 Hrs. of 16.01.2024 to 17.00 Hrs. of 22.01.2024** |
| 05 | Date & Time of opening of Bids | : **11.00 Hrs. of 24.01.2024** |
| 06 | Name and Address of the Officer Inviting Bid | : Executive Engineer, L.I.Division, Rourkela |

**NB:- (i) GST@ 18% on tender paper cost may be deposited separately on reverse charges basis and deposited challan should be uploaded along with bid document. (ii)Contractors participate in the e-Tender with Registered Joint Venture at Sub-Register Office/ First Class Magistrate/Executive Magistrate.** Further details can be seen from the website www.tendersorissa.gov.in.

Sd./- Executive Engineer
L.I.Division, Rourkela
OIPR-32332/11/0005/2324

GOVERNMENT OF ODISHA No.A-1188
**E-PROCUREMENT NOTICE**
**Bid Identification No. Online Tender/07/GMID-1/2023-24**

- Name of Work : Civil Construction Works
- No. of Work : 3 (Three)
- Estimated Cost : Varies from Rs.52.35 Lakh to Rs.59.90 Lakh
- Period of Completion : 09 (Nine) Calendar Months
- Time for receipt of Bid (Online) : From 22.01.2024 10.00 hours to 03.02.2024 upto 17.00 hours
- Date & time of opening of Technical Bids (Cover-I) : 05.02.2024 at 10.30 hours
- Name & Address of the Officer Inviting Tender : Superintending Engineer, M.I. Division, Ganjam-I, Berhampur

Further details can be seen from the website: **https://www.tendersodisha.gov.in**. Any Addendum/Corrigendum/Cancellation of can also be seen in the said website.

Superintending Engineer
M.I. Divn., Ganjam - I, Berhampur
OIPR-32104/11/0021/2324

**OFFICE OF THE ROURKELA MUNICIPAL CORPORATION, ROURKELA**
**INVITATION FOR BID**
No. 416 **Dated: 10.01.2024**
**Bid Identification No. MC/RMC/04/2024**

No. C-2333: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/04/2024 for 04 Nos. Civil work with value of Rs.52.04 lakh to 81.61 Lakh.

1. Bid documents will be available in website **www.tendersorissa.gov.in** from 10.01.2024.
2. Bids must be submitted on "Online" on or before 22.01.2024 by 17.00 hours.
3. Bids shall be opened at 11.00 hours on 24.01.2024 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0104/2324

**OFFICE OF THE ROURKELA MUNICIPAL CORPORATION**
**Uditnagar, Rourkela, Dist.: Sundargarh (Odisha), PIN - 769012, Website: www.rmc.nic.in**
**Email ID: rourkelamunicipality@gmail.com**
No. 383 **Date: 09.01.2024**
**TENDER CALL NOTICE**

No. C-2334: The Municipal Commissioner on behalf of Rourkela Municipal Corporation invites sealed applications in conformation with Detailed Quotation Call Notice from the reputed firms/agencies for **"Design, Supply & Erection of Hockey World Cup Sculpture near Airport, Rourkela"**.
For detail technical specifications along with Terms & Conditions etc. may be seen from the website of **www.tendersorissa.gov.in**.

**Sd./- Commissioner**
**Rourkela Municipal Corporation**
OIPR-13131/11/0103/2324

**Startup Odisha** (2nd Floor, Tower-A, Odisha Startup Incubation Centre (O-Hub), Special Economic Zone, Infocity, Patia, Bhubaneswar - 751024)
**Ref. No.: SO/IV/2023-24/235/2801** **Date: 10.01.2024**
**Request for Expression of Interest for Installation of Multi-Service Network Enhancers for Mobile and Telecommunications**

No.h-32: Startup Odisha invites sealed proposals from eligible firms/organizations/bidders to provide the desired services to Startup Odisha. Bidders fulfilling the prescribed eligibility criteria of the RFEOI can access and download the complete RFEOI Document and other details from the website: **www.startupodisha.gov.in**. The last date of receipt of proposals is 07.02.2024 by 05.30 P.M. Interested bidders are further advised to keep referring to Startup Odisha website for any updates or corrigendum in reference to this advertisement. Startup Odisha reserves all right to reject any or all proposals without assigning any reason thereof.

**Sd./- Chief Administrative Officer**
OIPR-43007/11/0040/2324

GOVERNMENT OF ODISHA
**DEPARTMENT OF WATER RESOURCES**
**O/o. THE ADDITIONAL CHIEF ENGINEER RENGALI RIGHT IRRIGATION CIRCLE, DHENKANAL**
Email Id:adlcerric@gmail.com
**'e' Procurement Notice**

**No.A-1191:**The Additional Chief Engineer, Rengali Right Irrigation Circle, Dhenkanal on behalf of the Governor of Odisha invites online percentage rate bids in double cover system for construction of the works as detailed below:

1. Name of the Work : 02 (Two) nos. of Works
2. Tender Cost : Rs.342.54 lakh & 525.29 lakh
3. Bid Document Cost : Rs.10,000.00 (online)
4. Bid Security/EMD : Rs.3,42,600.00 & 5,25,300.00
5. Class of Contractor : 'A' Class
6. Period of Completion : 12 (Twelve) calendar months including monsoon
7. Other details are as follows :

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, RRIC, Dhenkanal | ACERRICD -03/ 2023-24 | 17.01.2024 10.00 AM | 30.01.2024 5.30 PM | 31.01.2024 11.00 AM |

Further details can be seen from the e-Procurement portal **https://www.tendersodisha.gov.in.** Any addendum/Corrigendum/Cancellation to the above notice will be published in the Govt. website **www.tendersodisha.gov.in.**

**Sd./- Additional Chief Engineer**
**Rengali Right Irrigation Circle, Dhenkanal**
**OIPR-32516/11/0005/2324**

See Career Appointment on every Wednesday & Saturday

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER, BRAHMANI BASIN, SAMAL**
e-Mail: cebmbbs@gmail.com
Bid Identification No. BBS-HID-UGPL 03 of 2023-24
(e-procurement No. CEBBS-HID-03/2023-24)
No. 198(A) **NOTICE INVITING TENDER** Dated: 10.01.24

No. A-1193: The Chief Engineer & Basin Manager, Brahmani Basin, Samal on behalf of Governor of Odisha invites online EPC Contract in Double Cover System through e-procurement for the work mentioned below:

| Name of Work | Class/EMD/Tender Fee/Period of Completion |
|---|---|
| **Construction of Under Ground Pipline System of Hadua Irrigation Project, Narasinghpur in District of Cuttack, Odisha including its distribution network, upto 1 Ha. Chak with Outlet Management System having total planned Culturable Command Are of 3641 Ha. to supply irrigation water from hadua Dam with provision for booster pump on EPC mode of contract (Turn key Basis) including power connectivity, Electro-Mechanical components, PIM and operation & maintenance of complete commissioned system for 5 years.** | **1. Class - 'Super' Class or equivalent class of Bidders. 2. EMD - Rs.1,64,41,000/- 3. The approximate value of work put to tender is Rs.164.41 Crores (Excluding GST) 4. Tender Fee - Rs.10,000/- to be transferred Online (Non-refundable) by Online mode. 5. Period of Completion - 30 (Thirty) Calendar Months including rainy season** |

| | |
|---|---|
| A. Period of Completion | 30 (Thirty) Calendar Months |
| B. Date & Time of availability of Bid Document in the portal | Dt.16.01.2024 from 10.00 A.M. to Dt.15.02.2024 upto 5.00 P.M. |
| C. Period of Sale of Bidding Document | 31 Days |
| D. Time and Date for Pre-Bid Conference | Dt.25.01.2024 at 11.00 A.M., Office of the CE & BM, Brahmani Basin, Samal. (Virtual Mode, the link will be shared through E-mail). |
| E. Last date and time for receipt of Bids | Dt.15.02.2024 upto 5.00 P.M. |
| F. Place of Sale, Receipt of Bids | Online through e-Procurement |
| G. Time and Date of Opening of Technical Bid | Dt.16.02.2024 at 11.00 A.M. (if the opening date happens to be holiday or declared holiday, opening will be done in the next working day) |
| H. Place of Opening of Bids | Office of the CE & BM, Brahmani Basin, Samal - 759037 |
| I. Further details can be seen from e-procurement portal **https://tendersodisha.gov.in** | |

Sd./- Chief Engineer & Basin Manager
Brahmani Basin, Samal
OIPR-32480/11/0005/2324

**OFFICE OF THE MUNICIPAL COUNCIL, DHENKANAL**
**DHENKANAL - 759001 (ODISHA)**
**E-mail: dhenkanalm.hud@gmail.com**
No. 119 **Date: 09.01.2024**
**CORRIGENDUM - 2**

No. C-2335: It is hereby informed to all concerned that partial modification to this office EOI for "Drone Survey and Quantification of Legacy Waste at Dhenkanal Municipality" vide Notice No. 5135/ Dt.26.12.2023 has been made. Details can be seen from district website **www.dhenkanal.nic.in** and also from Dhenkanal Municipality website: **www.dhenkanalmunicipality.com.**

**Sd./- Executive Officer**
**Dhenkanal Municipality**
OIPR-13146/11/0046/2324

No. B-
**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in Tel. -(0674)- 2391523
**INVITATIONS FOR BIDS (IFB)**
File No. B-IV-H-H&D-38/2022 No. 1738 Dt. 11th Jan. 2024
**Invitation for Bids**
**Bid Identification No. C.E. (B) – 55 / 2023-24**

| | | |
|---|---|---|
| 1. | The Chief Engineer, Buildings, Odisha, Bhubaneswar on behalf of Works Deptt. Govt. of Odisha invites percentage rate bids in double cover system in ONLINE MODE only. | |
| 2. | Nature of Work | : Dedicated power supply and external electrification with proposed 33KV line and substation at new District Headquarter Hospital, Bargarh including Cancer Care Centre and Power supply to Residential Quarters at new D.H.H., Bargarh |
| 3. | No. of Work | : 01 No. |
| 4. | Bid Cost | : ₹ 10,000/- |
| 5. | Class of Contractor | : Electrical contractor having valid HT/above electrical license issued from ELBO |
| 6. | Availability of Bid Documents in the website | : From dt. 12.01.2024 to 16.00 hours of dt.29.01.2024. |
| 7. | Date of opening of Bid | : Dt. 29.01.2024 at 17.00 PM. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. The authority reserves the right to reject any or all bids without assigning any reason thereof. | |

**Sd./- Chief Engineer, Buildings (I/C), Odisha, Bhubaneswar**
OIPR-34117/11/0093/2324

## ସଂକ୍ଷେପରେ

### ଲୁଟ୍ ମାମଲାରେ ଅଭିଯୁକ୍ତଙ୍କୁ ଜେଲ

ଭୁବନେଶ୍ୱର,୧୧।୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ବିଚାରପତି ମୈତ୍ରୀ ସାମନ୍ତରାୟ ବାଲିଅନ୍ତା ଥାନା ଅଞ୍ଚଳର ଏକ ଲୁଟ୍ ମାମଲାର ବିଚାର କରି ଅଭିଯୁକ୍ତ କାହ୍ନୁ ବଳିୟାରସିଂହଙ୍କୁ ଦଣ୍ଡାଦେଶ ଦେଇଛନ୍ତି। ବିଚାରପତି ଅଭିଯୁକ୍ତ କାହ୍ନୁଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ୬ ମାସ ଜେଲଦଣ୍ଡ ସହ ୧୦୦ ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଜୁଲାଇ ୩ତାରିଖ ସକାଳେ ଅଭିଯୋଗକାରୀ ଭିଙ୍ଗାରପୁର ବଜାରକୁ ଯାଇଥିଲେ। ଏହି ସମୟରେ କାହ୍ନୁ ତାଙ୍କ ମୋବାଇଲ ଫୋନ୍ ନେଇ ଖସିଯାଉଥିଲେ। ତାଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ଏନେଇ ଏକ କେସ୍ (ନଂ. ୨୫୬/୨୦୨୨) ରୁଜୁ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର କ୍ଷୀରୋଦ ଚନ୍ଦ୍ର ପଣ୍ଡା ଓ ରଜନୀକାନ୍ତ ମିଶ୍ର ପରିଚାଳନା କରୁଥିଲେ

### ଜାତୀୟସ୍ତରୀୟ କବିତା ପାଠୋତ୍ସବ

ବାଲିପାଟଣା,୧୨।୧(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ସମବାୟ ସଭାଗୃହରେ ଜାତୀୟସ୍ତରୀୟ କବିତା ପାଠୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାଲିପାଟଣା ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝାଙ୍କ ସଭାପତିତ୍ୱରେ ଆସାମର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଆନିସୁଜ୍ ଜମାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଅନୁବାଦର ମନୋଭାବ ସୁଗମ ହେଲେ ଓଡ଼ିଆ ଓ ଆସାମ ଭାଷାର ସାହିତ୍ୟ ଅଧିକ ପ୍ରଚାର ପ୍ରସାର ହେବ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ.ଫନୀ ମହାନ୍ତି ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, କେବଳ ଅନୁବାଦ କରି ସାହିତ୍ୟିକର କଥା ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ମୁଖ୍ୟ ନୁହେଁ। ଅନୁବାଦକ ଲେଖକର ଭାବନା ନିର୍ଭୁଲଭାବେ ଅନୁବାଦିତ କଲେ ମୂଳ ଲେଖା ବଞ୍ଚି ରହିବ। ଅନ୍ୟତମ ଅତିଥିଭାବେ ସ୍ତମ୍ଭକାର ଡ.ଭବାନୀ ଶଙ୍କର ଦାଶ କହିଥିଲେ, କବିତା ଭାଷା ନୁହେଁ, ଭାବ ବିନିମୟର ପ୍ରମୁଖ ଭୂମିକା ନିଭାଇଥାଏ। ଅତିଥିଭାବେ ପ୍ରାଚୀଧାରା ସମ୍ପାଦକ ଭଗବାନ ସାହୁ , ଆସାମୀ କବି ଡ.ସମିମ ରାହତାନ ଓ ଗାରେଡିପାଞ୍ଚଣ ସେବା ସମବାୟ ସମିତି ସଭାପତି ଅଭିମନ୍ୟୁ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ରାଜ୍ୟ ବାହାରୁ ଆସିଥିବା ଲେଖକଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। କବି ସବିତା ତ୍ରିପାଠୀ, ଦେବେନ୍ଦ୍ର କୁମାର ସେନାପତିଙ୍କ ସମେତ ଅନ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ।

### ପୁସ୍ତକ 'ସମୟ ସମୟର କଥା' ଉନ୍ମୋଚିତ



ଭୁବନେଶ୍ୱର,୧୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବ କବି, ପ୍ରାବନ୍ଧିକ ତଥା ଗାଳ୍ପିକ ରାକେଶ ପଣ୍ଡାଙ୍କ ଗଳ୍ପ ସଙ୍କଳନ 'ସମୟ ସମୟର କଥା' ଗୁରୁବାର ଲୋକସେବା ଭବନରେ ଉନ୍ମୋଚିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଏହାକୁ ଉନ୍ମୋଚନ କରିଥିଲେ। ପଶ୍ଚିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ୩୦ଟି ଗଳ୍ପ ସ୍ଥାନିତ ହୋଇଛି। ସେହି ଗଳ୍ପ ଗୁଡିକରେ ସାଧାରଣ ମଣିଷର ବାସ୍ତବ ଜୀବନ ଜିଇଁବାରେ ଲୁଚିରହି ଥିବା ସମ୍ପର୍କର ଅନେକ ପରିଭାଷା ବାରିହୋଇପଡ଼େ। ପଣ୍ଡା ୩୦୦ରୁ ଅଧିକ ଗଳ୍ପ, ପ୍ରବନ୍ଧ ଓ କବିତା ଲେଖିସାରିଛନ୍ତି। ତନ୍ମଧ୍ୟରୁ ୨୨୫ରୁ ଅଧିକ ଲେଖା ବିଭିନ୍ନ ଦୈନିକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି।

# ମାନସିକ, ଆତ୍ମିକ ବିକାଶ ମାର୍ଗରେ ସହାୟକ ହୁଏ ଭାଷା



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରାରମ୍ଭିକ ପର୍ଯ୍ୟାୟ ଉଦ୍‌ଘାଟିତ

ଭୁବନେଶର, ୧୧।୧(ବନ୍ଦନା ସେଠୀ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଗୁରୁବାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରାରମ୍ଭିକ ପର୍ଯ୍ୟାୟ' ଉତ୍ସବ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଉତ୍ସବକୁ ଉଦ୍‌ଘାଟନ କରି ଉଚ୍ଚଶିକ୍ଷା ବିଭାଗର ଏଭଳି କଳାତ୍ମକ ପଦକ୍ଷେପ ତଥା ଓ ଭାଷାର ଅସ୍ମିତା ରକ୍ଷାକ୍ଷେତ୍ରରେ ବିଶ୍ୱଭାଷା ସମ୍ମିଳନୀକୁ ଉଚ୍ଚ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କ ମଧ୍ୟରେ ଭାଷା କୌଶଳ ବୃଦ୍ଧି କରିବା ନିମନ୍ତେ ଉତ୍ସାହିତ କରି କହିଥିଲେ, ଭାଷା ମଣିଷର ମାନସିକ ଏବଂ ଆତ୍ମିକ ବିକାଶ ମାର୍ଗରେ ସହାୟକ ହୁଏ। ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ତଥା ସାହିତ୍ୟିକା ଡ. ଅର୍ଚ୍ଚନା ନାୟକ ଓଡ଼ିଆ ଜାତିର ଆତ୍ମା ତଥା ବିଶ୍ୱବନ୍ଦ୍ୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମହତ୍ତ୍ୱ ଦେଇ ଆୟୋଜିତ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଐତିହାସିକ ପଦକ୍ଷେପ ବୋଲି ବିବେଚନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡିଚରଣ ରଥ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ଡ. କଲ୍ୟାଣୀ ଷଡଙ୍ଗୀ, ଡ. ଅତସୀ ରଥ ଏବଂ ଅଧ୍ୟାପକ ଡ. ଦେବେଶ ରଥ ପ୍ରମୁଖଙ୍କ ସହଯୋଗ କ୍ରମେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ସମ୍ମିଳନୀର ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀଜଗନ୍ନାଥଙ୍କୁ ଆଧାର କରି ଭକ୍ତିସଙ୍ଗୀତ ଗାନ, ବିତର୍କ, ପ୍ରବନ୍ଧ, କଳାତ୍ମକ ହସ୍ତଲିଖନ, ନାଟ୍ୟାଭିନୟ ଏବଂ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା ଆୟୋଜିତ ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ହେବ। ଭକ୍ତି ସଙ୍ଗୀତରେ ଉତ୍ତୀର୍ଣ୍ଣ ପ୍ରତିଯୋଗିନୀମାନଙ୍କୁ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ତଥା ଉପସ୍ଥିତ ଅତିଥିଗଣ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବହୁ ଅଧ୍ୟାପିକା ଅଧ୍ୟାପକ, ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ।

# ୧୪ରେ 'ଗୃହଲକ୍ଷ୍ମୀ'ର ଗ୍ରାଣ୍ଡ୍ ଫିନାଲେ




ଭୁବନେଶ୍ୱର,୧୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ଷ ଆରମ୍ଭରେ ଜୀ-ସାର୍ଥକର ପ୍ରତିଯୋଗିତାମୂଳକ ରିୟାଲିଟି ଶୋ 'ଗୃହଲକ୍ଷ୍ମୀ' ଶେଷ ସୋପାନରେ ପହଞ୍ଚିଛି। ଜାନୁଆରୀ ୧୪ରେ 'ଗୃହଲକ୍ଷ୍ମୀ ଗ୍ରାଣ୍ଡ ଫିନାଲେ' ପ୍ରସାରଣ ହେବାକୁ ଯାଉଛି। 'ଗୃହଲକ୍ଷ୍ମୀ'ର ପ୍ରମୁଖ ଆକର୍ଷଣ ସାଜିଥିବା ଓଡ଼ିଆ ସିନେମା ଜଗତର ୩ ଲୋକପ୍ରିୟ କଳାକାର ସିଦ୍ଧାନ୍ତ ମହାପାତ୍ର, ମାମା ମିଶ୍ର ଓ ଶ୍ରୀତମ ଦାସଙ୍କ ପରି ବିଚାରକଙ୍କ ବ୍ୟତୀତ ଶୈଳେନ୍ଦ୍ର, ଦିବ୍ୟା, ଶିବାନୀ ସଙ୍ଗୀତା ଓ ଜ୍ୟୋତିଙ୍କ ଦମଦାର ପ୍ରଦର୍ଶନ ଦେଖିବାକୁ ପାଇବେ ଦର୍ଶକ। କେବଳ ନୃତ୍ୟ ନୁହେଁ, ଲୋକପ୍ରିୟ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ବିଷ୍ଣୁମୋହନ କବି, ଆଶୁତୋଷ ଏବଂ ସତ୍ୟଜିତ ପ୍ରଧାନ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ସାନ ଓ ବଡ଼ ଭାଉଜ ବର୍ଗରୁ ୨୦ ଜଣ ପ୍ରତିଯୋଗୀଙ୍କୁ ଗାଲା ରାଉଣ୍ଡକୁ ବାଛିଛନ୍ତି ବିଚାରକ। ପ୍ରଥମଥର ପାଇଁ ଗାଲା ରାଉଣ୍ଡରୁ ସମସ୍ତ ୨୦ ଜଣ ସାନ ଆଉ ବଡ଼ ଭାଉଜ ଗ୍ରାଣ୍ଡ ଫିନାଲେ ରାଉଣ୍ଡକୁ କ୍ୱାଲିଫାଏ କରିଛନ୍ତି। ତେଣୁ ଏହି ଗ୍ରାଣ୍ଡ ଫିନାଲେ ଅତ୍ୟନ୍ତ ଚିତ୍ତାକର୍ଷକ ଓ ଦର୍ଶନୀୟ ହେବ। ସିନିୟର ଓ ଜୁନିୟର ବର୍ଗର ଦୁଇଜଣ ପ୍ରତିଯୋଗୀ ହେବେ ବିଜେତା। ଜୀ-ସାର୍ଥକର ଏହି 'ଗୃହଲକ୍ଷ୍ମୀ - ସ୍ୱପ୍ନକୁ ଛୁଇଁବାର ଅଗଣା' ଶୋ ମନୋରଞ୍ଜନ ସହ ମହିଳାଙ୍କ ପାଇଁ ଏକ ନୂଆ ପରିଚୟ ସୃଷ୍ଟି କରିବାରେ ସହାୟକ ହେବ। ପରିବାର ଓ ଦାୟିତ୍ୱ ମଧ୍ୟରେ ସବୁବେଳେ ଛନ୍ଦି ହୋଇ ରହୁଥିବା ମହିଳାମାନଙ୍କ ଆତ୍ମବିଶ୍ୱାସ ବଢାଇବା ପାଇଁ ଏହି ରିୟାଲିଟି ଶୋ' ଏକ ବଡ଼ ମାଧ୍ୟମ ବୋଲି ଚ୍ୟାନେଲ ଅଫିସର ପ୍ରତୀକ ସିଲ ଆଶା ବ୍ୟକ୍ତ କରିଛନ୍ତି।



ଭଞ୍ଜକଳା ମଣ୍ଡପରେ ଗୁରୁବାର ଆରାଧନା ନୃତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ୧୧ତମ ଗୋଟିପୁଅ ଉତ୍ସବରେ କଳାକାରଙ୍କ ନୃତ୍ୟ ପରିବେଷଣ।

# ମେଣ୍ଢାଶାଳରେ ଧାନମଣ୍ଡି ଖୋଲିଲା

ବାରଙ୍ଗ,୧୧।୧(ଲିଙ୍ଗରାଜ ରାଉତ)

## ପ୍ରଥମ ଦିନରେ ଧାନ ଦେଲେନି ଚାଷୀ

ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ମେଣ୍ଢାଶାଳ ସେବା ସମବାୟ ସମିତି ମାଧ୍ୟମରେ ଚଳିତବର୍ଷର ପ୍ରଥମ ଧାନମଣ୍ଡି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମେଣ୍ଢାଶାଳ ମିନିବ୍ୟାଙ୍କ ସମ୍ମୁଖରେ ସେବା ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ବିକାଶ କୁମାର, ସମିତିର ପରିଚାଳନା ସଭ୍ୟ ରାଜ ଖାନ୍, କାଳୁଚରଣ ଦାସ ଓ ଚାଷୀଙ୍କ ମଧ୍ୟରେ ଭାସ୍କର ଚନ୍ଦ୍ର ସୁବୁଦ୍ଧି, ବିଜୟ ଚନ୍ଦ୍ର ବଡଜେନା, ଜୟଚନ୍ଦ୍ର ମିଶ୍ର, ସର୍ବେଶ୍ୱର ସାମନ୍ତରାୟ, ପୀତବାସ ପ୍ରଧାନ, ଜଟଣୀ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଅରୂପାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ହିମାଂଶୁ ସାମନ୍ତରାୟ ପୂଜାର୍ଚ୍ଚନା ସହ ନଡିଆ ବାଡ଼େଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ତେବେ ଗୁରୁବାର ଯୋଗୁ ପ୍ରଥମ ଦିନରେ କୌଣସି ଚାଷୀ ଧାନ ଦେଇ ନ ଥିବା ଜଣାପଡ଼ିଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ନଂ.: MCSW-Shell Rep-23-24-28

କାର୍ଯ୍ୟର ନାମ: ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ICF ଏବଂ LHB କୋଚ୍ ଗୁଡିକର ହେଭି ସେଲ୍ ରିପେୟାର।

ବିଜ୍ଞାପିତ ମୂଲ୍ୟ : ଟ.3,02,53,262.64

EMD: ଟ. 3,01,300/-

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.27.01.2024 ରିଖ 1100 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ।

ମୁଖ୍ୟ ୱାର୍କସପ୍ ମ୍ୟାନେଜର, ମଞ୍ଚେଶ୍ୱର

PR-972/O/23-24

**ପୂର୍ବ ତଟ ରେଳପଥ**

'ଇ'-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍

ଟେଣ୍ଡର ନୋଟିସ୍ ନଂ.: Sr.DMM/KUR/EP/2023-24/12, ତାରିଖ.05.01.2024

କ୍ର. ନଂ. ୦୧: TENDER NO. 81236091, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର।

କ୍ର. ନଂ. ୦୨: TENDER NO. 81235798A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍‌ସନ୍ ମୋଟର

କ୍ର. ନଂ. ୦୩: TENDER NO. 81235799A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍‌ସନ୍ କନ୍‌ଭର୍ଟର/ଇନ୍‌ଭର୍ଟର

ପରିମାଣ: କ୍ର.ନଂ. ୧ ଏବଂ ୩ ନିମନ୍ତେ (1 ଟି), କ୍ର.ନଂ. ୨ ନିମନ୍ତେ (2 ଟି)

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା 05.02.2024 ରିଖ 1500 ଘଟିକାରେ (ସମସ୍ତ କ୍ର.ନଂ. ନିମନ୍ତେ)

ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ : www.ireps.gov.in ରେ ଅପଲୋଡ ହୋଇଛି।

ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଖୋର୍ଦ୍ଧା ରୋଡ

PR-968/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୪/୧, ତାରିଖ: ୦୨।୦୧।୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ନିମନ୍ତେ ଲକିଂ ଆରେଞ୍ଜମେଣ୍ଟ ପାଇଁ କିଟ୍ | ୧୫।୦୧।୨୦୨୪ ୧୦.୩୦ ଘଟିକା | ୧୧୭୬୮ ସେଟ୍ |
| ୨ | ୦୩୨୩୧୪୦୧ | ୱାଗନ୍ ନିମନ୍ତେ ଏୟାର୍ ବ୍ରେକ୍ ହୋସ୍ କପ୍‌ଲିଂ ସପୋର୍ଟ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୨୮୦୫୬ ଗୋଟି |
| ୩ | ୦୨୨୩୪୨୨୪ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୫୦-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୪ | ୦୨୨୩୪୨୨୫ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୩୪-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୫ | ୦୩୨୩୩୪୦୯ | ବିଓବିଆର୍‌ଏନ୍ ୱାଗନ୍‌ରୁ ଆର୍‌ଡିଏସ୍‌ଓ ପାଇଁ କ୍ରସ୍ ରିଜ୍ ଷ୍ଟେ | ୦୧।୦୨।୨୦୨୪ ୧୦.୩୦ ଘଟିକା | ୩୦୦ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/370

ସହକାରୀ ସାମଗ୍ରୀ ପରିଚାଳକ-I
ଦ.ପୂ.ମ. ରେଳପଥ, ବିଳାସପୁର

# ସଞ୍ଜୟ ଚୌଧୁରୀଙ୍କୁ ଆରାଧନା ସମ୍ମାନ

ଭୁବନେଶ୍ୱର,୧୧।୧(ଶର୍ମିଷ୍ଠା ପାଣିଗ୍ରାହୀ)

## ଗୋଟିପୁଅ ଉତ୍ସବ ଉଦ୍‌ଯାପିତ

ଆରାଧନା ନୃତ୍ୟ ଏକାଡେମୀ ପକ୍ଷରୁ ୧୧ତମ ଗୋଟିପୁଅ ଉତ୍ସବ ଓ ଆରାଧନା ସମ୍ମାନ ଗୁରୁବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସଞ୍ଜୟ ଚୌଧୁରୀଙ୍କୁ ଆରାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଶ୍ରୀମୟୀ ମିଶ୍ରଙ୍କୁ ଓଡ଼ିଶା ଗୌରବ ସମ୍ମାନ, ଚରଣ ଭୋଳଙ୍କୁ ଆରାଧନା ଗୋଟିପୁଅ ସମ୍ମାନ ଏବଂ ପ୍ରବୋଧ ରଥଙ୍କୁ ଓଡ଼ିଶା ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ବିଶ୍ୱନାଥ ସଙ୍ଗୀତାଳୟ, ଉତ୍ତ୍ର ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ ଉପସ୍ଥାପିତ ହୋଇଥିଲା। ଶ୍ୱାତୀଶ୍ରୀ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ରଘୁରାଜପୁରର ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ସ୍ନେହପ୍ରଭା ସାମନ୍ତରାୟ ଓ ସଚିବ ଚିତ୍ରସେନ ସ୍ୱାଇଁ ଉପସ୍ଥିତ ଥିଲେ।

# ଡିସେମ୍ବରରେ ୯୦୨୬ ଘଟଣାରେ ଜରୁରିକାଳୀନ ସେବା ପ୍ରଦାନ

## ସହାୟତା ଯୋଗାଉଛି ଭିକ୍ଟୋର କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,୧୧।୧(ସତ୍ୟଜିତ୍ ରାଉତ)

ରାଜଧାନୀରେ ଲୋକଙ୍କୁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ଭିକ୍ଟୋର କଣ୍ଟ୍ରୋଲ ରୁମ୍ (୧୧୨) ଜରିଆରେ କଲ୍ ଗ୍ରହଣ କରି ତୁରନ୍ତ ସହାୟତା ଯୋଗାଉଛି। ଗତ ଡିସେମ୍ବରରେ ଏହି କଣ୍ଟ୍ରୋଲ ରୁମ୍ ମୋଟ୍ ୯୦୨୬ ଘଟଣାରେ ଭୁବନେଶ୍ୱରର ଜନସାଧାରଣଙ୍କୁ ଜରୁରିକାଳୀନ ସେବା ପ୍ରଦାନ କରିଛି। ପୋଲିସ ପକ୍ଷରୁ ଗୁରୁବାର ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, ଉକ୍ତ ମାସରେ କଣ୍ଟ୍ରୋଲ ରୁମ୍ ୫ ହଜାର ୩୮୯ କଲ୍ ଗ୍ରହଣ କରି ସାହାଯ୍ୟ ଚାହୁଁଥିବା ବ୍ୟକ୍ତିଙ୍କ ନିକଟରେ ତୁରନ୍ତ ପହଞ୍ଚି ସେମାନଙ୍କୁ ଜରୁରୀ ସହାୟତା ପ୍ରଦାନ କରିଥିଲା। ସେହିପରି ବିଭିନ୍ନ ଥାନାର ପିସିଆର୍ ଭ୍ୟାନଗୁଡିକରେ ନିୟୋଜିତ ଥିବା କର୍ମଚାରୀମାନେ ଗତ ଡିସେମ୍ବରରେ ମୋଟ ୩୬୩୭ଟି ଘଟଣାରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଗଣ୍ଡଗୋଳ ଘଟିବା ପୂର୍ବରୁ ସମାଧାନ କରିଛନ୍ତି। ଏଥିସହ ଅପରାଧୀଙ୍କୁ ପିଛା କରି ସେମାନଙ୍କୁ କାବୁ କରିବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଦୁର୍ଘଟଣାର ଶିକାର ପୀଡ଼ିତ ଲୋକଙ୍କୁ ଆବଶ୍ୟକ ଡାକ୍ତରୀ ସେବା ଯୋଗାଇବାର ସମସ୍ତ ବ୍ୟବସ୍ଥା କରିଛନ୍ତି। ପିସିଆର୍ ଭ୍ୟାନ କର୍ମଚାରୀମାନେ ପୀଡ଼ିତ ବ୍ୟକ୍ତିଙ୍କୁ ତୁରନ୍ତ ସାହାଯ୍ୟ କରିବାର ଉଦ୍ୟମ ସର୍ବଦା ଜାରି ରଖିଛନ୍ତି ଏବଂ ଏହି ଉଦ୍ୟମ ଆଗକୁ ମଧ୍ୟ ଜାରି ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩ରେ ଭିକ୍ଟୋର କଣ୍ଟ୍ରୋଲ ରୁମ୍ ୫୭ ହଜାର ୬୪୫ କଲ୍ ଗ୍ରହଣ କରିବା ସହ ଅନ୍ୟାନ୍ୟ ମାଧ୍ୟମରେ ମୋଟ୍ ୧ ଲକ୍ଷ ୩ ହଜାର ୩୬୬ ଘଟଣାରେ ତୁରନ୍ତ ସହାୟତା ପ୍ରଦାନ କରିଥିବା ସୂଚନା ଦିଆଯାଇଛି।

**TPCODL**

**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/28**

Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000518 | RC for MS Windows Server Data Centre Edition Operating System Software (2 Core) and Microsoft SQL Server (2 Core) licenses for TPCODL, TPNODL, TPWODL & TPSODL |
| 2 | TPCODL/CCG/2023-24/1000000520 | RC for supply of LT Distribution Boxes at TPCODL, TPNODL & TPSODL |
| 3 | TPCODL/CCG/2023-24/1000000526 | RC for supply of 33 & 11 kV Outdoor VCB at TPCODL, TPNODL, TPWODL & TPSODL |
| 4 | TPCODL/CCG/2023-24/1000000531 | RC for supply of 33 kV Cables at TPCODL, TPNODL & TPSODL |
| 5 | TPCODL/CCG/2023-24/1000000532 | RC for supply of 11 kV Cables at TPCODL, TPNODL & TPSODL |
| 6 | TPCODL/CCG/2023-24/1000000534 | RC for supply of Pin & Disc Insulator (Polymer) at TPCODL, TPNODL & TPSODL |
| 7 | TPCODL/CCG/2023-24/1000000535 | RC for supply of 33 kV & 11 kV Isolators at TPCODL, TPNODL & TPSODL. |
| 8 | TPCODL/CCG/2023-24/1000000538 | RC for supply of LT Power and Control Cables at TPCODL, TPNODL & TPSODL |
| 9 | TPCODL/CCG/2023-24/1000000539 | RC for supply of HT Cable Jointing Kits for TPCODL, TPNODL, TPWODL & TPSODL |
| 10 | TPCODL/CCG/2023-24/1000000540 | RC for SITC of 11 kV and 33 kV Auto Recloser and Sectionalizers for TPNODL & TPSODL |
| 11 | TPCODL/CCG/2023-24/1000000542 | RC for supply of Lightning Arresters of various ratings at TPCODL, TPNODL & TPSODL |
| 12 | TPCODL/CCG/2023-24/1000000544 | RC for supply of AB Switches of various ratings at TPCODL, TPNODL & TPSODL |
| 13 | TPCODL/CCG/2023-24/1000000546 | RC for supply of 33 KV & 11 KV Metering Units at TPCODL, TPNODL, TPWODL & TPSODL |
| 14 | TPCODL/CCG/2023-24/1000000547 | RC for supply of 33 KV & 11 KV Metering Cubicles at TPNODL, TPWODL & TPSODL |
| 15 | TPCODL/CCG/2023-24/1000000548 | RC for SITC of 33 & 11 kV CRP at TPCODL, TPNODL, TPWODL & TPSODL. |
| 16 | TPCODL/CCG/2023-24/1000000549 | RC for Supply of AB Cable at TPCODL, TPNODL & TPSODL |
| 17 | TPCODL/CCG/2023-24/1000000550 | RC for Supply of Conductor at TPCODL, TPNODL & TPSODL |
| 18 | TPCODL/CCG/2023-24/1000000551 | RC for Supply of WPB Pole, RSJ Pole, H-Pole, Rebbar Lacing Pole at TPCODL, TPNODL & TPSODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com.** All tenders will be available on TPCODL website w.e.f. from **dtd. 16.01.2024**. Future communication / corrigendum to tender documents, if any, shall be available on TPCODL website.

# ନନ୍ଦନକାନନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସ

ବାରଙ୍ଗ,୧୧।୧(ଲିଙ୍ଗରାଜ ରାଉତ)

## ପରିଦର୍ଶନରେ ଆସିବେ କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରତିନିଧିଦଳ




ନନ୍ଦନକାନନକୁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଏକ ପ୍ରତିନିଧି ଦଳ ଆସିବେ। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ତତ୍ପର ହୋଇପଡ଼ିଛନ୍ତି। ନନ୍ଦନକାନନ ପରିସରକୁ ଅଧିକ ଆକର୍ଷଣୀୟ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ବନ୍ୟପ୍ରାଣୀ ଚିକିତ୍ସାଳୟଠାରୁ ଆରମ୍ଭ କରି ବିଭିନ୍ନ ଏନ୍‌କ୍ଲୋଜର, ଜୀବଜନ୍ତୁଙ୍କ ନାମଫଳକ, ସୁରକ୍ଷା ପ୍ରାଚୀର ପ୍ରଭୃତିର ମରାମତି କାମ ଚାଲିଛି।

ପ୍ରତି ୩ବର୍ଷ ବ୍ୟବଧାନରେ କେନ୍ଦ୍ରୀୟ ଚିଡ଼ିଆଖାନା ପକ୍ଷରୁ ପ୍ରତିନିଧି ଦଳ ଦେଶରେ ଥିବା ବିଭିନ୍ନ ଚିଡ଼ିଆଖାନାକୁ ଯାଇ ଅନୁଧ୍ୟାନ କରିଥାନ୍ତି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନୀତିନିୟମ ଓ ସର୍ତ୍ତାବଳୀକୁ ଅନୁପାଳନ କରି ଚିଡ଼ିଆଖାନା କିପରି ଚାଲୁଛି ସେ ନେଇ ପ୍ରତିନିଧି ଦଳ ଅନୁଧ୍ୟାନ କରିଥାନ୍ତି। ପରେ ଉକ୍ତ ପ୍ରତିନିଧି ଦଳ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ପାଖରେ ରିପୋର୍ଟ ଦାଖଲ କରିଥାନ୍ତି। ଏହାପରେ କର୍ତ୍ତୃପକ୍ଷ ପୁନଃ ଚିଡ଼ିଆଖାନାକୁ ୩ବର୍ଷ ପର୍ଯ୍ୟନ୍ତ ଚଳାଇବାକୁ ସ୍ୱୀକୃତି ବା ଅନୁମତି ଦେଇଥାନ୍ତି। ତେଣୁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ୨ଜଣିଆ ଦଳ ଆସିବା ସୂଚନା ମିଳିବା ପରେ ନନ୍ଦନକାନନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବନ୍ୟପ୍ରାଣୀ ଚିକିତ୍ସାଳୟ, ଜୀବଜନ୍ତୁଙ୍କ ପାଇଁ ହୋଇଥିବା ଏନ୍‌କ୍ଲୋଜରର ନିର୍ମାଣ ଶୈଳୀ, ଦର୍ଶକ ଗ୍ୟାଲେରି, ଜୀବଜନ୍ତୁଙ୍କ ବିଷୟରେ ଲଗାଯାଇଥିବା ନାମଫଳକ ଓ ସବିଶେଷ ବିବରଣୀ, ନିଃସଙ୍ଗ ଜୀବନ ଜିଉଥିବା ପଶୁପକ୍ଷୀଙ୍କ ନିମନ୍ତେ ସାଥୀ ଆଣିବା ବ୍ୟବସ୍ଥା, ନୂଆ ଆସିଥିବା ପଶୁପକ୍ଷୀଙ୍କ ତାଲିକା ଲିପିବଦ୍ଧ, ସୁରକ୍ଷା ପ୍ରାଚୀର, ପରିଷ୍କାର ପରିଚ୍ଛନ୍ନତା, ତାରଜାଲି ରଙ୍ଗ, ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଆଦି ବିଷୟ ଉପରେ ତର୍ଜମା କରାଯିବ। ତେଣୁ ଯାହାକିଛି ବାକି ରହିଯାଇଛି, ତାହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଲାଗିପଡ଼ିଛନ୍ତି।

## ସଂକ୍ଷେପରେ

### ଟାଙ୍ଗୀକୁ ଏନ୍ଏସି ଘୋଷଣା ପାଇଁ ଦାବିପତ୍ର

ଟାଙ୍ଗୀ,୧୧।୧(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କ ଉଦ୍ଦେଶ୍ୟରେ ବିଜେଡି ଭୁବନେଶ୍ୱର ସାଂସଦ କ୍ଷେତ୍ରର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପଞ୍ଚାୟତର ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ, ସାମାଜିକ ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଅବସରପ୍ରାପ୍ତ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ଅରୁଣ ରଞ୍ଜନ ମହାନ୍ତି, ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଂଯୋଜକ ବିଜୟ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ପୂର୍ବତନ ସମିତି ସଭ୍ୟ ନୀଳକଣ୍ଠ ବେହେରା, ଯୁବନେତା ମାନସ ରଞ୍ଜନ ବଳିଆରସିଂହ ପ୍ରମୁଖ ପ୍ରଦାନ କରିବା ସହ ଏହି ଦାବିକୁ ପୂରଣ କରିବା ପାଇଁ ଆଲୋଚନା କରିଥିଲେ। ୫-ଟି ଅଧ୍ୟକ୍ଷଙ୍କ ସହ ଆଲୋଚନା କରି ଏହି ଦାବି ପୂରଣ କରିବା ପାଇଁ ପର୍ଯ୍ୟବେକ୍ଷକ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଟାଙ୍ଗୀକୁ ଏନ୍ଏସି ଘୋଷଣା ପାଇଁ ଆବଶ୍ୟକୀୟ ଭୌଗୋଳିକ ଭିତ୍ତିଭୂମି, ଜନସଂଖ୍ୟା, ଭୋଟର ସଂଖ୍ୟା ପୂରଣ କରୁଥିବା ବେଳେ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ମାନସିଂହ ସାହିତ୍ୟ ସଂସଦର କବିତା ଆସର

କୃଷ୍ଣପ୍ରସାଦ,୧୧।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସାହିତ୍ୟ ଅନୁଷ୍ଠାନ ମାନସିଂହ ସାହିତ୍ୟ ସଂସଦର ୩୭ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କବିତା ଆସରରେ ୬୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶ୍ୱେତପଦ୍ମା ପତ୍ରିକାର ସମ୍ପାଦିକା ଅନିତା ପାଣି ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଶ୍ରୀଯୁକ୍ତ ପ୍ରେମାନନ୍ଦ ବେହେରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତି, ବିଚ୍ଛେଦ, ପ୍ରେମ ଓ ଯନ୍ତ୍ରଣାକୁ ନେଇ ଲିଖିତ ସମସ୍ତ କବିତା ସୁନ୍ଦର ଥିଲା। ସମସ୍ତ କବିତାକୁ ସଂଯୋଜନାରେ ସଜାଇଥିଲେ କେନ୍ଦ୍ରାପଡାର କବି ଦୁର୍ଲଭ ରାଉତ। ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ। ଏହି କବିତା ଆସରରେ ଆମେରିକାରୁ ଚନ୍ଦ୍ରା ମିଶ୍ର, ପ୍ରଫେସର ସରୋଜିନୀ ବରାଇ, ପୂର୍ଣଚନ୍ଦ୍ର ଜେନା, ବନବିହାରୀ ପଟ୍ଟନାୟକ, କୈଳାଶ ଚନ୍ଦ୍ର ସାହାଣୀ, ରୂପେଶ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ସ୍ୱନାମଧନ୍ୟ ଗାୟକଙ୍କ ପରଲୋକ

ବେଗୁନିଆ,୧୧।୧(ହରପ୍ରସନ୍ନ ପଣ୍ଡା)



ସ୍ୱନାମଧନ୍ୟ ଗାୟକ, ସାମାଜିକ କର୍ମୀ ତଥା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଚକାପଦା ଗ୍ରାମର ସୁଧାଂଶୁ ଶେଖର ପଣ୍ଡା(୬୪)ଙ୍କ ଗତ ମଙ୍ଗଳବାର ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ଥିଲେ। ସ୍ୱର୍ଗତ ପଣ୍ଡା ଛାନ୍ଦ, ଚମ୍ପୁ, ଚୌପଦୀ, ଭଜନ ଆଦି ଗାଇବାରେ ବେଶ୍ ଦକ୍ଷତା ରଖିଥିଲେ। ଗ୍ରାମ ମନ୍ଦିର ପରିଚାଳନା ସମିତିର ପ୍ରତିଷ୍ଠାତା ସଦସ୍ୟ ସହ ବେଗୁନିଆ ନୀଳାଚଳ ସାରସ୍ୱତ ସଂଘର ଆଜୀବନ ସଦସ୍ୟ ଥିଲେ। ଅଞ୍ଚଳର ବିଭିନ୍ନ ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ଅନୁଷ୍ଠାନ ସହ ଶେଷ ପର୍ଯ୍ୟନ୍ତ ଜଡ଼ିତ ଥିଲେ। ସେ ରାଧାକାନ୍ତପୁର ଗ୍ରାମପଞ୍ଚାୟତର ପ୍ରଥମ ସରପଞ୍ଚ ସ୍ୱର୍ଗତ କାହ୍ନୁଚରଣ ପଣ୍ଡାଙ୍କ ଭାଇ ବନମାଳୀ ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୨ ପୁତ୍ର ସୌମ୍ୟରଞ୍ଜନ ପଣ୍ଡା, ବିଶ୍ୱରଞ୍ଜନ ପଣ୍ଡା, ଝିଅ ପ୍ରିୟଦର୍ଶିନୀ ପଣ୍ଡାଙ୍କ ସମେତ ପରିବାର, ଆତ୍ମୀୟସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ମରଶରୀର ଚକାପଦାସ୍ଥିତ ଗ୍ରାମରେ ପହଞ୍ଚିବା ପରେ ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ସୌମ୍ୟରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ପଣ୍ଡା, ବିନୋଦ ବିହାରୀ ପଣ୍ଡା, ଲକ୍ଷ୍ମୀଧର ସାହୁ, ଅଭିନ୍ନ ବେହେରା, ବୈକୁଣ୍ଠନାଥ ସ୍ୱାଇଁ, ରାମଚନ୍ଦ୍ର ବେହେରା, ବୈଦ୍ୟନାଥ ରଣା, ଶରତ ବେହେରା, ରାଜନ ପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)

- ବିନା ପ୍ରକଳ୍ପରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ଖୋର୍ଦ୍ଧା ପୌର ପରିଷଦ ଏବଂ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଜନଜାଗରଣ ପରିବାର ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସହରାଞ୍ଚଳରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ରୋଜଗାର ଯୋଗାଇବା ଲକ୍ଷ୍ୟରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା) ଆରମ୍ଭ କରିଥିଲେ। ପୌରାଞ୍ଚଳରେ ମୁକ୍ତା ଯୋଜନାରେ ନିର୍ମାଣାଧୀନ ପ୍ରକଳ୍ପ ଏସ୍ଏଚ୍ଜିଙ୍କ ଦ୍ୱାରା ସମାପନ କରାଯିବ ବୋଲି ଲକ୍ଷ୍ୟ ଥିଲା। ତେବେ ପ୍ରକଳ୍ପ ନିର୍ମାଣରେ ଏସଏଚଜିଙ୍କ ନାମଫଳକ ବ୍ୟତୀତ କୌଣସି କାର୍ଯ୍ୟ ସେମାନଙ୍କ ଦ୍ୱାରା କରାଯାଉନାହିଁ। କେତେଜଣ ଅସାଧୁ କର୍ମଚାରୀ, ନେତା ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଖୋର୍ଦ୍ଧା ପୌର ପରିଷଦ ଅଞ୍ଚଳରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଫଳକ ଲାଗିଥିବା ବେଳେ କୌଣସି ନିର୍ମାଣ କରାଯାଇ ନାହିଁ। ୨୦୨୧-୨୨ ଏବଂ ୨୦୨୨-୨୩ ସହରରେ ମୁକ୍ତା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ନିର୍ମାଣ କରାଯାଇଥିବା ବେଳେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି।

ସେହିପରି ୨୨ଟି ୱାର୍ଡରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଜଳ ସଂରକ୍ଷଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ବହୁ ସ୍ଥାନର ରାସ୍ତାକଡ, ସରକାରୀ ବାସଭବନ କାନ୍ଥରେ ଫଳକ ଲାଗିଛି, କିନ୍ତୁ ପ୍ରକଳ୍ପ ନାହିଁ। କେତେକ ୱାର୍ଡରେ ନିର୍ମାଣ ହୋଇଥିବା ଜଳ ସଂରକ୍ଷଣ ପ୍ରକଳ୍ପ ମାଟିରେ ମିଶିଗଲାଣି। ସହରର ୭ଟି ସ୍ଥାନରେ ମିନି ପାର୍କ ନିର୍ମାଣ ଲାଗି ୯୧ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ବାଟମଙ୍ଗଳା ମନ୍ଦିର ପରିସରରେ ୧୩ଲକ୍ଷ ଟଙ୍କାରେ ମିନି ପାର୍କ ନିର୍ମାଣ କରାଯାଇଥିବା ପୌର ପ୍ରଶାସନ ପକ୍ଷରୁ ଫଳକ ଲାଗିଥିଲା। ତେବେ ସେଠାରେ କୌଣସି ପାର୍କ ନିର୍ମାଣ କରାଯାଇନଥିବା ବେଳେ ଅଭିଯୋଗ ପରେ ଫଳକକୁ ହଟାଇ ଦିଆଗଲା। ସେହିପରି ୧୨ନଂ. ୱାର୍ଡ ଟିଏଲସି ରୋଡରେ ଏସଏଚଜି ଜରିଆରେ ୧୨ଲକ୍ଷ ଟଙ୍କାରେ ଭେଣ୍ଡିଂ ଜୋନ୍ ଆରମ୍ଭ ହୋଇଥିଲା। ଏବେ ଏହି ପ୍ରକଳ୍ପ ଅଧାରୁ ବନ୍ଦ ପଡିଛି। ୨୦୨୧-୨୨ ଖୋର୍ଦ୍ଧା ଷ୍ଟାଡିୟମ ପାର୍ଶ୍ୱରେ ୱାକିଂ ଟ୍ରାକ ନିର୍ମାଣ ବାବଦକୁ ୫ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ନେଇ ଫଳକ ଲାଗିଥିଲା। ତେବେ ସେହି ସ୍ଥାନରେ ହକି ଚିତ୍ର ଅଙ୍କନ କରାଯାଇଛି। ଏହି ପ୍ରକଳ୍ପ କେଉଁଠି ନିର୍ମାଣ କରାଯାଇଛି, ସେ ସମ୍ପର୍କରେ ସହରବାସୀ ଜାଣିନାହାନ୍ତି। ସହରର ବିଭିନ୍ନ ସ୍ଥାନରେ ଚାରା ଲଗାଇବା ବାବଦକୁ ୧୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ କେଉଁଠି ଚାରାରୋପଣ କରାଯାଇଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ୫ଟି ସ୍ଥାନରେ ଓପନ ସ୍ପେସ୍ ଡେଭଲେପମେଣ୍ଟ ବାବଦକୁ ୧୪.୧୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସହର ସମସ୍ତ ଏକାଧିକ ଜାଗା ଜବରଦଖଲରେ ରହିଥିବା ବେଳେ ଏହା କେଉଁଠି କରାଯାଇଛି, ତାହା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ ୬ଟି ସ୍ଥାନରେ ଶୌଚାଳୟ(ଲଘୁ) ନିର୍ମାଣ ବବାଦକୁ ୨୭.୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଏହି ଶୌଚାଳୟ ନିମ୍ନମାନର କାମ କରାଯାଇଥିବା ଏବଂ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଗୀତାଭବନ ପଡିଆରେ ଜଳ ସଂରକ୍ଷଣ ଫଳକ ଲାଗିଛି କିନ୍ତୁ ପ୍ରକଳ୍ପ ନାହିଁ। ସେହିପରି ବୁଢି ବଗିଚା ସଂରକ୍ଷିତ ଜଙ୍ଗଲ ପରିସରରେ ୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୪ଟି ଜଳ ସଂରକ୍ଷଣ ଫଳକ ଲାଗିଛି। ସେଠାରେ ମଧ୍ୟ ପ୍ରକଳ୍ପ ନାହିଁ। ୨୦୧୮-୧୯ରେ ସାଂସଦ ପାଣ୍ଠିରେ ଗୀତାଭବନ ପଡିଆରେ ପବ୍ଲିକ ହଲ୍, ରେଷ୍ଟ ରୁମ ବାବଦକୁ ୩୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରାଯାଇଥିବା ଫଳକ ଲାଗିଥିବା ବେଳେ ଏହା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ପାଳନ ପାଇଁ ଜିଲାପାଳ ସମସ୍ତଙ୍କର ସହଯୋଗ ଲୋଡ଼ିବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାତଃ ୪ଟା ୩୦ରେ ରାମଧୁନ ପ୍ରଚାର କରାଯିବ। ପରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସରକାରୀ ଓ ବେସରକାରୀ ସ୍କୁଲ କଲେଜରେ ସକାଳ ୭ଟା ୩୦ ସୁଦ୍ଧା ଜାତୀୟ ପତାକା ଉତ୍ତୋଳନ କରାଯିବ। ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ସକାଳ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ ସହ ଜିଲାସ୍ତରୀୟ ଉତ୍ସବ ପାଳନ କରାଯିବ। ପରେଡ୍‌ରେ ସ୍କୁଲ କଲେଜର ଏନ୍‌ସିସି, ସ୍କାଉଟ ଗାଇଡ୍ସ, ସିଭିଲିଆନ, ଅଫିସିଆଲ କଣ୍ଟିଜେଣ୍ଟ ଯୋଗଦେବେ। ଏହି ଉତ୍ସବରେ ପ୍ରଜ୍ଞାପନ ମେଢ଼ ସାମିଲ ହେବ। ଜିଲାସ୍ତରରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଡାକ୍ତରଖାନାରେ ରୋଗୀ ଓ ଜେଲରେ କଏଦୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଉମାଶଙ୍କର ପ୍ରସାଦ, କୃଷ୍ଣଚନ୍ଦ୍ର ହରିଚନ୍ଦନ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ବୈଠକ ପରିଚାଳନା କରିଥିଲେ।





ବୀଣାପାଣି ବିଦ୍ୟାମନ୍ଦିର ଓ ହରିହର ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ ଗୁରୁବାର ଅନୁଷ୍ଠିତ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

# ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଉଦ୍ୟମ, ମୁଖ୍ୟ ଅଭିଯୁକ୍ତ ଗିରଫ

ବାଲୁଗାଁ,୧୧।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅଞ୍ଚଳର ଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସର ହୁଣ୍ଡି ବାକ୍ସ ଭାଙ୍ଗି ଚୋରି ଉଦ୍ୟମ ଘଟଣାରେ ତିନିମାସ ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋପୀନାଥପୁର ନୂଆସାହିର ଅନୁପ ସିଂହସାମନ୍ତ(୨୩)। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା କହିଛନ୍ତି। ସୂଚନା ମୁତାବକ, ଗତ ଅକ୍ଟୋବର ୧୭ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଏନେଇ ମନ୍ଦିର ଟ୍ରଷ୍ଟବୋର୍ଡର ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୮୧/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ୩ମାସ ପରେ ଅନୁପଙ୍କୁ ପୋଲିସ ଗିରଫ କରିଛି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ନୋଟିସ୍ ନଂ.: MCSW-Shell Rep-23-24-28

କାର୍ଯ୍ୟର ନାମ: ରେଳଡବା ମରାମତି କାରଖାନା, ମଞ୍ଚେଶ୍ୱରରେ ICF ଏବଂ LHB କୋଚ୍ ଗୁଡିକର ହେଭି ସେଲ୍ ରିପେୟାର।

ବିଜ୍ଞାପିତ ମୂଲ୍ୟ : ଟ.3,02,53,262.64

EMD: ଟ. 3,01,300/-

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.27.01.2024 ରିଖ 1100 ଘଟିକାରେ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍ :www.ireps.gov.in ରେ ଉପଲବ୍ଧ।

ମୁଖ୍ୟ ୱାର୍କସପ୍ ମ୍ୟାନେଜର, ମଞ୍ଚେଶ୍ୱର

PR-972/O/23-24


# ଆର୍ଦ୍ରଭୂମି ସଂରକ୍ଷଣ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବୋଲଗଡ଼,୧୧।୧(ଦେବବ୍ରତ ହୋତା)

ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ପିଠୁକୁଳି ସ୍ଥିତ ବୀଣାପାଣି ବିଦ୍ୟାମନ୍ଦିର ଓ ଅସରଳାସ୍ଥିତ ହରିହର ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ଆର୍ଦ୍ରଭୂମି ସଂରକ୍ଷଣ ଓ ଜଳ ସଂରକ୍ଷଣ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ପରିବେଶ ଶିକ୍ଷଣ କେନ୍ଦ୍ର ସହାୟତାରେ ଓ ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ରଣା, ପାଣ୍ଡବ ସାହୁଙ୍କ ମିଳିତ ଆବାହକତ୍ୱରେ ଆର୍ଦ୍ରଭୂମି ସଂରକ୍ଷଣ ଓ ଜଳ ସଂରକ୍ଷଣ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅସରଳା ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଭାବେ ଭୁବନେଶ୍ୱରସ୍ଥିତ ଜଙ୍ଗଲ ଓ ପରିବେଶ ଶିକ୍ଷଣକେନ୍ଦ୍ରର କ୍ଷେତ୍ର ଅଧିକାରୀ ଭରତ ଚନ୍ଦ୍ର ଜେନା, ବୀଣାପାଣି ବିଦ୍ୟାମନ୍ଦିରର ଉପାଧ୍ୟକ୍ଷା ପ୍ରମୋଦିନୀ ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ ସୁନିତା ସାହୁ, ବିନୋଦିନୀ ସାହୁ ଏବଂ ହରିହର ବିଦ୍ୟାପୀଠର ସହକାରୀ ଶିକ୍ଷକ ପ୍ରସନ୍ନ କୁମାର କର ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରି ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା, ଜଳବାୟୁ ସୁରକ୍ଷା ଓ ବୃକ୍ଷ ରୋପଣ କରିବାକୁ ସ୍ଲୋଗାନ ଦେଇ ସଚେତନ କରାଇଥିଲେ। ମା, ମାଟି, ପରିବେଶ, ଜଳବାୟୁ, ଜଳ ସଂରକ୍ଷଣ ଓ ମାତୃଭାଷାକୁ ଭଲପାଇବା ଏବଂ ଏହାର ସୁରକ୍ଷା କରିବା ପାଇଁ କ୍ଷେତ୍ରୀୟ ଅଧିକାରୀ ଭରତଚନ୍ଦ୍ର ଜେନା ଛାତ୍ରୀଛାତ୍ର ଓ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅସରଳା ସରପଞ୍ଚ ଶୁଭଲକ୍ଷ୍ମୀ ସୁନ୍ଦରାୟ, ମୁଖ୍ୟବକ୍ତା କ୍ଷେତ୍ରୀୟ ଅଧିକାରୀ ଜେନା, ସମ୍ମାନିତ ଅତିଥି ସମିତିସଭ୍ୟା ସୁମିତ୍ରା ମହାପାତ୍ର, ୱାର୍ଡସଭ୍ୟ ଦିଲ୍ଲୀପ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅସରଳା ଗ୍ରାମର ବ୍ରାହ୍ମଣ ସାହିସ୍ଥିତ ମଙ୍ଗଳା ପୋଖରୀର ଦଳ ସଫେଇ କରାଯାଇଥିଲା। ସୁସ୍ଥ ପରିବେଶ ଓ ନିର୍ମଳ ଜଳବାୟୁ ସମସ୍ତଙ୍କୁ ନୀରୋଗ ରଖିଥାଏ ବୋଲି ମୁଖ୍ୟ ଅତିଥି ଶୁଭଲକ୍ଷ୍ମୀ ସୁନ୍ଦରାୟ କହିଥିଲେ। ଶେଷରେ ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ପାଣ୍ଡସାହୁ ଧନ୍ୟବାଦ ଦେଇଥିଲେ।


**ପୂର୍ବ ତଟ ରେଳପଥ**

'ଇ'-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ୍ସ

ଟେଣ୍ଡର ନୋଟିସ୍ ନଂ.: Sr.DMM/KUR/EP/2023-24/12, ତାରିଖ.05.01.2024

କ୍ର. ନଂ. ୦୧: TENDER NO. 81236091, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: ବିଦ୍ୟୁତ୍ ଚାଳିତ ରୋଟାରୀ ସ୍କ୍ରୁ ଏୟାର କମ୍ପ୍ରେସର।

କ୍ର. ନଂ. ୦୨: TENDER NO. 81235798A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ ମୋଟର

କ୍ର. ନଂ. ୦୩: TENDER NO. 81235799A, ଦ୍ରବ୍ୟର ସଂକ୍ଷିପ୍ତ ବିବରଣୀ: 3-ଫେଜ୍ ଟ୍ରାକ୍ସନ୍ କନ୍‌ଭର୍ଟର/ଇନ୍‌ଭର୍ଟର

ପରିମାଣ: କ୍ର.ନଂ. ୧ ଏବଂ ୩ ନିମନ୍ତେ (1 ଟି), କ୍ର.ନଂ. ୨ ନିମନ୍ତେ (2 ଟି)

ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା 05.02.2024 ରିଖ 1500 ଘଟିକାରେ (ସମସ୍ତ କ୍ର.ନଂ. ନିମନ୍ତେ)

ନିମ୍ନଲିଖିତ ଟେଣ୍ଡର ୱେବସାଇଟ୍ : www.ireps.gov.in ରେ ଅପଲୋଡ ହୋଇଛି।

ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ
ଖୋର୍ଦ୍ଧା ରୋଡ

PR-968/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍ଆଇଟି/୧୪/୨୪/୧, ତାରିଖ: ୦୨।୦୧।୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୧୯୮୫ | ସେଣ୍ଟର ପାଇଭଟ୍ ପିନ୍ ନିମନ୍ତେ ଲକିଂ ଆରେଞ୍ଜମେଣ୍ଟ ପାଇଁ କିଟ୍ | ୧୫।୦୧।୨୦୨୪ ୧୦.୩୦ ଘଟିକା | ୧୧୭୬୮ ସେଟ୍ |
| ୨ | ୦୩୨୩୧୪୦୧ | ୱାଗନ୍ ନିମନ୍ତେ ଏୟାର୍ ବ୍ରେକ୍ ହୋସ୍ କପ୍ଲିଂ ସପୋର୍ଟ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୨୮୦୫୬ ଗୋଟି |
| ୩ | ୦୨୨୩୪୨୨୪ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୫୦-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୪ | ୦୨୨୩୪୨୨୫ବି | କନ୍‌ଭର୍ଟର୍ ମଡ୍ୟୁଲ୍ ସିଏମ୍-ଏମ୍ ୨୮୦୧ ଡବ୍ଲ୍ୟୁ୩୪-୮ | ୨୯।୦୧।୨୦୨୪ ୧୦.୩୦ ଘଟିକା | ୦୪ ଗୋଟି |
| ୫ | ୦୩୨୩୩୪୦୯ | ବିଓବିଆର୍‌ଏନ୍ ୱାଗନ୍‌ରୁ ଆର୍‌ଡିଏସ୍‌ଓ ପାଇଁ କ୍ରସ୍ ରିଜ୍ ଷ୍ଟେ | ୦୧।୦୨।୨୦୨୪ ୧୦.୩୦ ଘଟିକା | ୩୦୦ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ସହକାରୀ ସାମଗ୍ରୀ ପରିଚାଳକ-I
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/370


# ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ବେଗୁନିଆ,୧୧।୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ପଙ୍କଜ କରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଡ. ମଧୁସୂଦନ ସୁବୁଦ୍ଧି ଯୋଗଦେଇଥିଲେ। ପ୍ରାଧ୍ୟାପକ ବ୍ରଜେନ୍ଦ୍ର ପାଲଟାସିଂହ, ଅଧ୍ୟାପକ ବିଧୁଭୂଷଣ ରାଉତ, ଜୟକୃଷ୍ଣ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସଚେତନତା ଅଭିଯାନ ସୃଷ୍ଟି କରାଯାଇଥିଲା। ସୁଶ୍ରୀ ମଧୁସ୍ମିତା ଆଚାର୍ଯ୍ୟ, ସିଦ୍ଧାନ୍ତ ସାହୁ, ଜଗନ୍ନାଥ ମହାପାତ୍ର, ଉତ୍କଳିକା ସାହୁ, ସୁପ୍ରଭା ପାତ୍ର, ଜ୍ୟୋତିରାଣୀ ଗନ୍ତାୟତ, ଯୋଗେଶ୍ୱର ବଳିୟାରସିଂହ, ପ୍ରଜ୍ଞା ପରମିତା ବେହେରା ଶିବିର ପରିଚାଳନା କରିଥିଲେ।



ଶୀତକାଳୀନ ସ୍ୱତନ୍ତ୍ର ଶିବିରର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଭା।

# ଠକେଇ ମାମଲା: ଜଣେ ଗିରଫ

ବାଲୁଗାଁ,୧୧।୧(ସଂଗ୍ରାମ ପାଇକରାୟ)

ଠକେଇ ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ଗୋପୀନାଥପୁର ଗ୍ରାମର ଭାସ୍କର ପାଢ଼ୀଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଭାସ୍କର ଗୋପୀନାଥପୁର ଗ୍ରାମର କାମିନୀ ବାଳା ନାୟକଙ୍କୁ ନିଜ ଘର ବିକ୍ରି ନିମନ୍ତେ ୧୮ ଲକ୍ଷ ଟଙ୍କା ଚୁକ୍ତି କରିଥିଲେ। ଏ ବାବଦରେ ଏକ ବର୍ଷ ପୂର୍ବେ ଭଦ୍ରଲୋକଙ୍କ ଉପସ୍ଥିତିରେ କାମିନୀ ଅଗ୍ରୀମ ୬ଲକ୍ଷ ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ରେଜେଷ୍ଟ୍ରି ପରେ ଦେବେ ବୋଲି ଚୁକ୍ତି ହୋଇଥିଲା। ତେବେ ଭାସ୍କର ଦିନ ଗଡ଼େଇ ଚାଲିବା ସହ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ଠକେଇର ଶିକାର ହୋଇଥିବା ଜାଣିବା ପରେ କାମିନୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୩୨୨/୨୩)ରୁଜୁକରି ତଦନ୍ତ ଚଳାଇ ଭାସ୍କରଙ୍କ ନାମରେ ଉକ୍ତ ଘର ନ ଥିବା ଜାଣିବାକୁ ପାଇଥିଲା। ଏହା ପରେ ପୋଲିସ ଭାସ୍କରଙ୍କୁ ଗିରଫ କରିଥିଲା।

# '୩ ମାସ ମଧ୍ୟରେ ସମସ୍ୟାର ସମାଧାନ କର'

## ବିନା ଡ୍ରେନେଜରେ ରାସ୍ତା ନିର୍ମାଣ ପ୍ରସଙ୍ଗ

ଖୋର୍ଦ୍ଧା,୧୧।୧(ପ୍ରଭାତ ପାଣିଗ୍ରାହୀ)

ବିନା ଡ୍ରେନେଜ ନିର୍ମାଣରେ ରାସ୍ତା ନିର୍ମାଣ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ମହଙ୍ଗା ପଡିଛି। ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ଜଣକିଆ ଖଣ୍ଡପୀଠ ନିର୍ଦ୍ଦେଶ କପି ପାଇବାର ୩ ମାସ ମଧ୍ୟରେ ସମସ୍ୟା ସମାଧାନ ଲାଗି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ଖୋର୍ଦ୍ଧା ଜିଲା ବାଣପୁର ଏନ୍ଏସିର ୱାର୍ଡ ନମ୍ବର ୧୦ରେ ଗତ ସେପ୍ଟେମ୍ବର ମାସରେ ବିନା ଡ୍ରେନେଜରେ ରାସ୍ତାରେ ଫେଭର ବ୍ଲକ ପକାଯାଇଥିଲା। ଉକ୍ତ ୱାର୍ଡର ଏକାଧିକ ଘର ତଳିଆ ଅଞ୍ଚଳରେ ରହିଥିବା ବେଳେ ବିନା ଡ୍ରେନେଜ ବ୍ୟବସ୍ଥାରେ ପୁରୁଣା କଂକ୍ରିଟ ରୋଡ ଉପରେ ଫେଭର ବ୍ଲକ ରୋଡ ନିର୍ମାଣ କରାଯାଇଥିଲା। ଫଳରେ ଉକ୍ତ ୱାର୍ଡର ବାସିନ୍ଦା ତଥା ଆଇନଜୀବୀ ସୀତାରାମ ବାଣପୁର ଏନ୍ଏସି କର୍ତ୍ତୃପକ୍ଷଙ୍କ ସମେତ ଜିଲା ପ୍ରଶାସନ ଓ ନଗର ଉନ୍ନୟନ ବିଭାଗକୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଥିଲେ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏନ୍ଏସି ପ୍ରଶାସନ ସମସ୍ୟାର ସମାଧାନ ପରିବର୍ତ୍ତେ ଅଣଦେଖା କରିଥିଲେ। ଏନେଇ ସୀତାରାମ ହାଇକୋର୍ଟଙ୍କ ନିକଟରେ ଏକ ରିଟ୍ ପିଟିସନ ଦାଖଲ କରିଥିଲେ। ଗତ ୯ ତାରିଖରେ ଉକ୍ତ ରିଟ ପିଟିସନର ଶୁଣାଣି କରି ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟ ୩ ମାସ ମଧ୍ୟରେ ଆଇନ ଅନୁଯାୟୀ ଆବେଦନକାରୀଙ୍କ ସମସ୍ୟାର ସମାଧାନ କରିବାକୁ ବାଣପୁର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଉକ୍ତ ମାମଲାକୁ ଆଇନଜୀବୀ ଜୟଦେବ ବେହେରା ଓ ସନ୍ଦୀପ କୁମାର ମହାପାତ୍ର ପରିଚାଳନା କରିଥିଲେ।


**TPCODL**

**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/28**

Bids are invited from eligible Bidders for the following tenders of Odisha DISCOMs, namely TPCODL/ TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2023-24/1000000518 | RC for MS Windows Server Data Centre Edition Operating System Software (2 Core) and Microsoft SQL Server (2 Core) licenses for TPCODL, TPNODL, TPWODL & TPSODL |
| 2 | TPCODL/CCG/2023-24/1000000520 | RC for supply of LT Distribution Boxes at TPCODL, TPNODL & TPSODL |
| 3 | TPCODL/CCG/2023-24/1000000526 | RC for supply of 33 & 11 kV Outdoor VCB at TPCODL, TPNODL, TPWODL & TPSODL |
| 4 | TPCODL/CCG/2023-24/1000000531 | RC for supply of 33 kV Cables at TPCODL, TPNODL & TPSODL |
| 5 | TPCODL/CCG/2023-24/1000000532 | RC for supply of 11 kV Cables at TPCODL, TPNODL & TPSODL |
| 6 | TPCODL/CCG/2023-24/1000000534 | RC for supply of Pin & Disc Insulator (Polymer) at TPCODL, TPNODL & TPSODL |
| 7 | TPCODL/CCG/2023-24/1000000535 | RC for supply of 33 kV & 11 kV Isolators at TPCODL, TPNODL & TPSODL. |
| 8 | TPCODL/CCG/2023-24/1000000538 | RC for supply of LT Power and Control Cables at TPCODL, TPNODL & TPSODL |
| 9 | TPCODL/CCG/2023-24/1000000539 | RC for supply of HT Cable Jointing Kits for TPCODL, TPNODL, TPWODL & TPSODL |
| 10 | TPCODL/CCG/2023-24/1000000540 | RC for SITC of 11 kV and 33 kV Auto Recloser and Sectionalizers for TPNODL & TPSODL |
| 11 | TPCODL/CCG/2023-24/1000000542 | RC for supply of Lightning Arresters of various ratings at TPCODL, TPNODL & TPSODL |
| 12 | TPCODL/CCG/2023-24/1000000544 | RC for supply of AB Switches of various ratings at TPCODL, TPNODL & TPSODL |
| 13 | TPCODL/CCG/2023-24/1000000546 | RC for supply of 33 KV & 11 KV Metering Units at TPCODL, TPNODL, TPWODL & TPSODL |
| 14 | TPCODL/CCG/2023-24/1000000547 | RC for supply of 33 KV & 11 KV Metering Cubicles at TPNODL, TPWODL & TPSODL |
| 15 | TPCODL/CCG/2023-24/1000000548 | RC for SITC of 33 & 11 kV CRP at TPCODL, TPNODL, TPWODL & TPSODL. |
| 16 | TPCODL/CCG/2023-24/1000000549 | RC for Supply of AB Cable at TPCODL, TPNODL & TPSODL |
| 17 | TPCODL/CCG/2023-24/1000000550 | RC for Supply of Conductor at TPCODL, TPNODL & TPSODL |
| 18 | TPCODL/CCG/2023-24/1000000551 | RC for Supply of WPB Pole, RSJ Pole, H-Pole, Rebbar Lacing Pole at TPCODL, TPNODL & TPSODL |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com.** All tenders will be available on TPCODL website w.e.f. from **dtd. 16.01.2024**. Future communication / corrigendum to tender documents, if any, shall be available on TPCODL website.

**ଖଣ୍ଡହତା ଗ୍ରାମରେ ଝାଡ଼ାବାନ୍ତିରେ ଜଣେ ମୃତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ ଖଣ୍ଡହତା ପଞ୍ଚାୟତର ଖଣ୍ଡହତା ଗ୍ରାମରେ ପାନୀୟଜଳ ସମସ୍ୟାକୁ ନେଇ ସପ୍ତାହେ ଧରି ଝାଡ଼ାବାନ୍ତି ଲାଗି ରହିଥିବାବେଳେ ଗୁରୁବାର ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରୋଜାଲିନ ପରିଡ଼ା(୨୮)। ଗ୍ରାମରେ ୧୨ଶହ ଲୋକ ବସବାସ କରୁଥିବାବେଳେ ପାନୀୟ ଜଳ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ୩ଟି ପୋଖରୀ ଜଳକୁ ଗ୍ରାମବାସୀ ବ୍ୟବହାର କରୁଥିବା ସରପଞ୍ଚ ପ୍ରତାପ ପରିଡ଼ା କହିଛନ୍ତି। ରୋଜାଲିନଙ୍କ ମୃତ୍ୟୁ ପରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଗ୍ରାମରେ ପହଞ୍ଚି ବ୍ଲିଚିଂ ପକାଇବା ସହିତ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

# ଅପରାହ୍ନ ୩ଟାରୁ ଖୋଲିବ ପରିକ୍ରମା ମାର୍ଗ

**ପୁରୀ,୧୧।୧(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ସବୁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୭ ତାରିଖରେ ଗଜପତି ମହାରାଜାଙ୍କ ଦ୍ୱାରା ପୂର୍ଣ୍ଣାହୁତି ଦିଆଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରକଳ୍ପ ଲୋକାର୍ପଣ ହେବ। ୧୭ ତାରିଖ ଅପରାହ୍ନ ୩ଟା ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ପରିକ୍ରମା ମାର୍ଗ ଖୋଲାଯିବ ବୋଲି ଗୁରୁବାର ନୀଳାଦ୍ରି ଭକ୍ତନିବାସରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ସ୍ୱତନ୍ତ୍ର ବୈଠକରେ ନିଷ୍ପତ୍ତି ନିଆଯାଇଛି।

ପରିକ୍ରମା ପ୍ରକଳ୍ପର ଲୋକାର୍ପଣକୁ ନେଇ ପରିଚାଳନା କମିଟି ବୈଠକରେ ସାଂସ୍କୃତିକ ଓ ବିଭିନ୍ନ ସବ୍‌କମିଟିର ପୂର୍ବ ନିଷ୍ପତ୍ତିରେ ମୋହର ବାଜିଛି। ବୈଠକ ସମ୍ପର୍କରେ ସୂଚନା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସନ ରଞ୍ଜନ କୁମାର ଦାସ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଓ ପ୍ରତିଷ୍ଠା ନେଇ ଆଲୋଚନା କରାଯାଇଛି। ବିଭିନ୍ନ କମିଟିରେ ହୋଇଥିବା ନିଷ୍ପତ୍ତିକୁ ପରିଚାଳନା କମିଟିରେ ମୋହର ବାଜିଛି। ନିଷ୍ପତ୍ତି ଅନୁଯାୟୀ, ୧୨ତାରିଖ ସନ୍ଧ୍ୟା ୫ଟାରୁ ୬ଟା ମଧ୍ୟରେ ଗଜପତିଙ୍କ ଦ୍ୱାରା ବ୍ରାହ୍ମଣ ବରଣ ଓ ଗୁଆଟେକା ଅନୁଷ୍ଠିତ ହେବ। ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ମଧ୍ୟରେ ଯଜ୍ଞ ପାଇଁ ଅଙ୍କୁରାରୋପଣ କରାଯିବ। ୧୩ ତାରିଖରେ ଅଙ୍କୁର ପୂଜନ, ୧୪ ତାରିଖରେ ପୂଜନ ସହ ଯଜ୍ଞ ଅଧିବାସ, ମଣ୍ଡଳ ସ୍ଥାପନ, ଧ୍ୱଜା ସ୍ଥାପନ, ତୋରଣ ସ୍ଥାପନ କରାଯିବ। ୧୫ ତାରିଖରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳ ପୂଜନ, ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ଅନ୍ତଃପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ, ବୈଷ୍ଣବ ଅଗ୍ନି ସଂସ୍କାର, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରଦକ୍ଷିଣ, ୧୬ ତାରିଖରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ପଞ୍ଚକର୍ମ, ଇତ୍ୟାଦି ଅନୁଷ୍ଠିତ ହେବ। ୧୭ ତାରିଖ ସକାଳ ୭ଟା ୩୦ରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ, ଫଳକ ପୂଜା ପରେ ଅପରାହ୍ନ ୧.୧୫ରୁ ୧.୩୦ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଫଳକ ଉନ୍ମୋଚନ କରିବେ। ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତିଙ୍କ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୁତି ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବ। ଅପରାହ୍ନ ୨ଟାରୁ ୨.୩୦ ମଧ୍ୟରେ ମୁଖ୍ୟମନ୍ତ୍ରୀ, ଗଜପତି, ସାଧୁସନ୍ଥ ଓ ସାଂସ୍କୃତିକ ଦଳଗୁଡ଼ିକ ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରିବେ। ପରେ ଉତ୍ତର ପାର୍ଶ୍ୱ ମଠରେ ହୋଇଥିବା ସଭା ସ୍ଥାନରେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଜଣାଇବେ। ବିଭିନ୍ନ ପ୍ରକଳ୍ପର ଭିଡିଓ ଜାରି କରାଯିବ। ଅପରାହ୍ନ ୩ଟା ପରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପରିକ୍ରମା ମାର୍ଗ ଉନ୍ମୁକ୍ତ ହେବ ଓ ଭକ୍ତମାନେ ପରିକ୍ରମା ପ୍ରକଳ୍ପ ବୁଲି ନୂତନ ଅନୁଭୂତି ପାଇପାରିବେ। ଉକ୍ତ ଦିନ ସକାଳ ୮ଟାରୁ ବିଭିନ୍ନ ସାଂସ୍କୃତିକ ଦଳ ଓଡ଼ିଶୀ, ସମ୍ବଲପୁରୀ, ସାହିଯାତ, ମାହାରୀ, ଗୋଟିପୁଅ ସହ ବିଭିନ୍ନ ଅଞ୍ଚଳର ଲୋକନୃତ୍ୟ ପରିବେଷଣ କରିବେ। ସନ୍ଧ୍ୟାରେ ଲାଇଟ ସାଉଣ୍ଡ କାର୍ଯ୍ୟକ୍ରମ ପରିବେଷଣ ହେବ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଗୁରୁବାର ରାତିରେ ହସ୍ତାନ୍ତର କରାଯିବ। ଭିଆଇପି ଓ ନିମନ୍ତ୍ରିତ ଅତିଥିମାନେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରୁ ଶ୍ରୀମାର୍ଗ ଦେଇ ଯଜ୍ଞସ୍ଥଳ ଓ ବସିବା ସ୍ଥାନକୁ ଆସିବେ। ବାଟରେ ଯୋଡ଼ି ଶଙ୍ଖ, ଲଉଡ଼ି ଖେଳ ପ୍ରଦର୍ଶନ କରାଯାଇ ଅତିଥିଙ୍କୁ ସ୍ୱାଗତ କରାଯିବ। ଶ୍ରୀଜଗନ୍ନାଥ ବଲ୍ଲଭଠାରେ ମହାପ୍ରଭୁଙ୍କ ମହିମା ଓ ବେଶ ପ୍ରଦର୍ଶିତ ହେବ। ନିମନ୍ତ୍ରିତ ଅତିଥିଙ୍କ ରହଣି, ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ପ୍ରାୟ ୯୦୦ ଅତିଥିଙ୍କ ବସିବା ପାଇଁ ୩ଟି ଜୋନ୍ କରାଯାଇଛି। ପ୍ରତି ଜୋନରେ ୩୦୦ ଅତିଥି ବସିପାରିବେ। ଏଲ୍‌ଇଡି ମାଧ୍ୟମରେ ସମସ୍ତ କାର୍ଯ୍ୟର ସିଧା ପ୍ରସାରଣ କରାଯିବ। ସେହିପରି ଯେଉଁମାନଙ୍କୁ ଯଜ୍ଞସ୍ଥଳକୁ ଆସିବାକୁ ଅନୁମତି ରହିଛି, ସେମାନଙ୍କ ବସିବା ପାଇଁ ବ୍ୟବସ୍ଥା କରାଯାଇଛି। ନେପାଳ ରାଜାଙ୍କ ସମେତ ପୁରୀ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟଙ୍କୁ ଦୁଇଥର ନିମନ୍ତ୍ରଣ କରାଯାଇଛି। ଶଙ୍କରାଚାର୍ଯ୍ୟ ଶୁଭେଚ୍ଛା ବାର୍ତ୍ତା ପଠାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଚେଷ୍ଟା କରିବି ବୋଲି ଜଗଦ୍‌ଗୁରୁ କହିଛନ୍ତି। ଭକ୍ତଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ନେଇ କୌଣସି କଟକଣା ନାହିଁ ବୋଲି ଦାସ କହିଛନ୍ତି।

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**


ବୈଠକରେ ଗଜପତି ମହାରାଜା ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଖେଳ ଦିବସ, ମୂଳ ପଡ଼ିଆ, ପୁରୁଣା ଭୁବନେଶ୍ୱର, ସକାଳ ୭ଟା ୩୦।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୪୦ତମ ବାର୍ଷିକୋତ୍ସବ, ଶିକ୍ଷାକେନ୍ଦ୍ର ପରିସର, ସକାଳ ୮ଟା ୩୦।
- ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ, କଳିଙ୍ଗ ଷ୍ଟାଡିୟମସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଜାତୀୟ ଯୁବ ଦିବସ ଅବସରରେ ଆଲୋଚନାଚକ୍ର, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ନ୍ୟାଶନାଲ ୟୁଥ୍ ଡେ, ବିବେକାନନ୍ଦ ସଭା କକ୍ଷ, ରାମକ୍ରିଷ୍ଣ ମିଶନ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଯୁବ ସ୍ପନ୍ଦନ ଓ ଫକୀରମୋହନ ସେନାପତିଙ୍କ ୧୮୦ତମ ଜନ୍ମଦିନ ପାଳନ ଅବସରରେ ଆଲୋଚନାଚକ୍ର, ପୁରୁଣା ପ୍ରେକ୍ଷାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ପୁରୀ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରତିକାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏବଂ ଓଡ଼ିଶା ଜନଶକ୍ତି ମଞ୍ଚ ପକ୍ଷରୁ ବିକ୍ଷୋଭ, ସେକ୍ରେଟେରିଏଟ୍ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ଠାକୁର ଗୋଖିବାବା ମେଳା କମିଟି ପକ୍ଷରୁ ମକର ମେଳା, ଗୋଖିବାବା ଆଶ୍ରମ, ସୁନ୍ଦରପଡ଼ା, ଅପରାହ୍ନ ୪ଟା।
- ଆଶ୍ରମ ଫାଉଣ୍ଡେଶନ ଓଡ଼ିଶାର ୩ୟ ପ୍ରତିଷ୍ଠା ଦିବସ, ଅପରାହ୍ନ ୪ଟା।
- ନୃତ୍ୟ ଉପାସନା ପୀଠର ବାର୍ଷିକୋତ୍ସବ, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୪ଟା।
- ଭୁବନେଶ୍ୱର ଓକିଲ ସଂଘର ୨୭ତମ ବାର୍ଷିକ ନାଟକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓୟୁଏଟିର ବାର୍ଷିକ ପ୍ରତିଷ୍ଠା ଦିବସ, ଭେଟେନାରୀ କଲେଜ ପଡ଼ିଆ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ନହରକଣ୍ଟାସ୍ଥିତ କଲେଜ ଖେଳପଡ଼ିଆ, ଅପରାହ୍ନ ୩ଟା।

**ଟିଗିରିଆ**

- ଗଦାଧରପୁର ସେବା ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ, ଗଦାଧରପୁର ସମିତି, ପୂର୍ବାହ୍ନ ୧୦ଟା।

**କଟକ**

- ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ୟୁଥ୍ ଡେ, ସିଏମ୍‌ସି ଟାଉନ ହଲ୍, ମଧ୍ୟାହ୍ନ ୧୨ଟା।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପ୍ରଦାନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ୱାଇଜ୍ ମ୍ୟାନ୍ସ କ୍ଲବ ଅଫ୍ କଟକର ରୌପ୍ୟ ଜୟନ୍ତୀ ସମାରୋହ, ଷ୍ଟିୱାର୍ଟ ସ୍କୁଲ ପରିସର, ସନ୍ଧ୍ୟା ୬ଟା।

## ସ୍ୟାଣ୍ଡ୍ ଆନିମେଶନ୍‌ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ପୁରୀ,୧୧।୧(ଅଜିତ୍ ମହାନ୍ତି)**


ବାଲୁକା ଶିଳ୍ପୀ ମାନସ ସାହୁ ସ୍ୟାଣ୍ଡ ଆନିମେଶନରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଆଧାର କରି ବିସ୍ମୟକର କ୍ଷୁଦ୍ର ବାଲୁକା ଆନିମେଶନ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଖ୍ୟାତିସମ୍ପନ୍ନ ଆନିମେଟର ମାନସ କୁମାର ସାହୁ। ୫ ମିନିଟ ୩୦ ସେକେଣ୍ଡର କ୍ଷୁଦ୍ର ସ୍ୟାଣ୍ଡ ଆନିମେଶନ ଚଳଚ୍ଚିତ୍ରରେ ସେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଅତି ନିଖୁଣ ଭାବେ ଦର୍ଶାଇଛନ୍ତି। ଏହି କ୍ଷୁଦ୍ର ଚଳଚ୍ଚିତ୍ରରେ ପୁରୀରେ କିପରି ପ୍ରବଳ ଭିଡ଼ ହୋଇ ଲୋକେ ହଇରାଣ ହେଉଥିଲେ, ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ସହିତ ଗାଡ଼ି ଯୋଗୁ ରାସ୍ତା ଆହୁରି ସଂକୀର୍ଣ୍ଣ ହୋଇପଡୁଥିଲା, ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଘଣ୍ଟା ଘଣ୍ଟା ଖରାରେ ଛିଡ଼ା ହୋଇ ରହୁଥିଲେ ଏହି ସବୁର ଦୃଶ୍ୟକୁ ମାନସ ଦର୍ଶାଇବା ସହ ଜନସମାଜର ମଙ୍ଗଳ ନିମନ୍ତେ ମୁଖ୍ୟମନ୍ତ୍ରୀ ହୃଦୟର ସହ ହୃଦୟଙ୍ଗମ କରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ଶ୍ରୀଦାଣ୍ଡ, ଶ୍ରୀସେତୁ, ଏସି ଟର୍ମିନାଲ, ଶୌଚାଳୟ, ବିଶାଳ ପାର୍କିଂ ବ୍ୟବସ୍ଥା, ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣର ପରିକଳ୍ପନା କରିଥିଲେ। ପରେ ପୁରୀର ଅଭୁତପୂର୍ବ ପରିବର୍ତ୍ତନର ଯାତ୍ରା ଆରମ୍ଭ ହେଲା। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସ୍ୟାଣ୍ଡ ଆନିମେଶନ ମାଧ୍ୟମରେ ଆନ୍ତର୍ଜାତିକ ବାଲୁକାଶିଳ୍ପୀ ମାନସ ଚିତ୍ରଣ କରିଛନ୍ତି। ଏହି ଆନିମେଶନ ଚଳଚ୍ଚିତ୍ର ନିର୍ମାଣ କରିବାକୁ ମାନସଙ୍କୁ ୧୫ ଘଣ୍ଟା ଲାଗିଥିଲା।

## ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କୁ ମାଡ଼ ଅଭିଯୋଗ

**ବୋଲଗଡ଼,୧୧।୧(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବିଦ୍ୟାଳୟରେ ପଶି ପ୍ରଧାନ ଶିକ୍ଷକଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ବୋଲଗଡ଼ ଥାନାରେ ଅଭିଯୋଗ ହୋଇଛି। ଏସ୍‌ଆଇ ପ୍ରମୋଦ ନାୟକ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ମୁତାବକ, ବିଦ୍ୟାଳୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ପ୍ରଧାନ ଶିକ୍ଷକ ତଦାରଖ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ବିଦ୍ୟାଳୟକୁ ଯାଇଥିଲେ। ହଠାତ୍ ଯୁବକ ଜଣଙ୍କ ପ୍ରଧାନ ଶିକ୍ଷକଙ୍କୁ ମାଡ଼ ମାରିବା ସହ ଏକ କାଗଜରେ ଦସ୍ତଖତ କରିବା ପାଇଁ କହିଥିଲେ। ଏଷ୍ଟିମେଟ କାଗଜ ଆଣିବା ପରେ ଦସ୍ତଖତ କରିବେ ବୋଲି ପ୍ରଧାନ ଶିକ୍ଷକ କହିବା ପରେ ଯୁବକ ଜଣଙ୍କ ପୁଣି ମାଡ଼ ମାରିଥିଲେ। ଏପରିକି ଦସ୍ତଖତ ନ କଲେ ଅଫିସରେ ତାଲା ପକାଇ ପୋଡ଼ିଦେବେ ବୋଲି ଯୁବକ ଜଣଙ୍କ ଧମକାଇଥିଲେ। ଏନେଇ ପ୍ରଧାନ ଶିକ୍ଷକ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ସମେତ ସ୍ଥାନୀୟ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବା ସହ ଥାନାରେ ଅଭିଯୋଗ କରିଛନ୍ତି।

## ସାଦା ପୋଷାକରେ ଆସି ପୋଲିସ ହଟହଟା

**ବେଗୁନିଆ,୧୧।୧(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଗ୍ରାମରେ ଗୁରୁବାର ନବରଙ୍ଗପୁର ପୋଲିସକୁ ହଟହଟା ହେବାକୁ ପଡ଼ିଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସାଦା ପୋଷାକରେ ଆସିଥିବା ପୋଲିସକୁ ପରିବାରଲୋକେ ଅଟକ ରଖିଥିଲେ। ବେଗୁନିଆ ପୋଲିସର ହସ୍ତକ୍ଷେପ ପରେ ଅଟକଥିବା ପୋଲିସ ଉଦ୍ଧାର ହୋଇଥିଲେ। ସୂଚନା ମୁତାବକ, ଇଣ୍ଡିଆନ ବ୍ୟାଙ୍କ ବାଘମାରୀ ଶାଖାରେ ଥିବା ପରିଛଳ ଗ୍ରାମର ଜଣେ ଯୁବକଙ୍କ ଆକାଉଣ୍ଟରେ ୨୦ହଜାର ଟଙ୍କା ଜମା ହୋଇଥିଲା। ଉକ୍ତ ଟଙ୍କା ଅନ୍ୟ ଜଣେ ସାଇବର କେଳେଙ୍କାରୀ ଅଭିଯୁକ୍ତ ଦାଖଲ କରିଥିଲେ। ଏନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ଟ୍ରାକିଂ କରିବାରୁ ଜମା ହୋଇଥିବା ଟଙ୍କା ପରିଛଳ ଗ୍ରାମର ଜଣେ ଯୁବକଙ୍କ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହା ପରେ ନବରଙ୍ଗପୁର ଥାନାର ଜଣେ ଏସ୍‌ଆଇଙ୍କ ସମେତ ୪ଜଣ ଗୁରୁବାର ସନ୍ଧ୍ୟାରେ ପରିଛଳ ଗ୍ରାମକୁ ସାଦା ପୋଷାକରେ ଆସିଥିଲେ। ପୋଲିସର ପରିଚୟ ଦେଇ ଯୁବକଙ୍କ ଘରେ ବଳପୂର୍ବକ ପଶିଥିଲେ। ପରିବାର ଲୋକେ ବିରୋଧ କରିବାରୁ କଥା କଟାକଟି ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ୩ଜଣ ପୋଲିସ କର୍ମଚାରୀ ସେଠାରୁ ଖସି ପଳାଇଥିଲେ। ସ୍ଥାନୀୟ ଲୋକେ ଏସ୍‌ଆଇ ଜଣଙ୍କୁ ପୋଲିସର ପରିଚୟପତ୍ର ମାଗିବା ସହ ଅଟକ ରଖିଥିଲେ। ଖବରପାଇ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ଅଟକଥିବା ଏସ୍‌ଆଇଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ପଣ୍ଡା କହିଛନ୍ତି, ନବରଙ୍ଗପୁର ପୋଲିସ ଆସିବା ନେଇ କୌଣସି ସୂଚନା ନ ଥିଲା। ଖବରପାଇ ଅଟକ ଥିବା ଏସ୍‌ଆଇଙ୍କୁ ଉଦ୍ଧାର କରିଥିଲୁ।

## ସୃଜନ ଶକ୍ତି ବୃଦ୍ଧି ପାଇଁ 'ସାହିତ୍ୟ ସୃଜନୀ ଛାତ୍ର କ୍ଲବ'

**ଯୋଡ଼ି ହେବେ ୭ ଲକ୍ଷ ବିଦ୍ୟାଳୟ ଛାତ୍ରୀଛାତ୍ର**

**ଭୁବନେଶ୍ୱର,୧୧।୧(ଅନୁରାଧା ମହାରଣା)**

ଫେବୃଆରୀ ୩ରୁ ୫ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ସାରା ବିଶ୍ୱର କୋଣ ଅନୁକୋଣରୁ ଓଡ଼ିଆ ଭାଷାକୁ ଭଲ ପାଉଥିବା ବିଭିନ୍ନ ଗୋଷ୍ଠୀ ଓ ବର୍ଗର ଲୋକ ଏକାଠି ହେବେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ସାହିତ୍ୟ ସୃଜନୀ ଛାତ୍ର କ୍ଲବ' ଜରିଆରେ ପିଲାଙ୍କ ସୃଜନ ଶକ୍ତି ବୃଦ୍ଧି ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। 'ମୋ ସ୍କୁଲ ଅଭିଯାନ' ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ବିଦ୍ୟାଳୟର ୭ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ୧୬ରୁ ୨୦ ତାରିଖ ମଧ୍ୟରେ 'ସାହିତ୍ୟ ସୃଜନୀ ଛାତ୍ର କ୍ଲବ' ଜରିଆରେ ୭ଲକ୍ଷ ସାହିତ୍ୟ ରଚନା ପ୍ରକାଶ କରିବାକୁ ଯାଉଛନ୍ତି। 'ମୋ କଥା, ମୋ କାହାଣୀ' ନାମରେ ଏହି କୃତରଓଡ଼ିଶାର ବିଦ୍ୟାଳୟ ଶିକ୍ଷା ଇତିହାସରେ ନୂଆ ଏକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଏହି ୭ ଲକ୍ଷ କୁନି କୁନି ପିଲାଙ୍କ ଦ୍ୱାରା ପ୍ରକାଶିତ ସାହିତ୍ୟ କୃତିରେ ବିରଳ ରେକର୍ଡକୁ 'ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ'ରେ ମଧ୍ୟ ସ୍ଥାନିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ପର୍ଯ୍ୟାୟରେ ବିଦ୍ୟାଳୟଗୁଡ଼ିକରେ 'ସାହିତ୍ୟ ସୃଜନୀ'ର ୨୫ଟି ଅଧିବେଶନ ଜରିଆରେ ପାଠାଗାର, ପୁସ୍ତକ ସମୀକ୍ଷା, ପ୍ରାଚୀରପତ୍ର, କାହାଣୀ କଥନ, ଗଳ୍ପ ଲିଖନ, ଶବ୍ଦ କୁହୁକ, କବିତା ଆବୃତ୍ତି, ଭ୍ରମଣ କାହାଣୀ, କ୍ଷୁଦ୍ର ନାଟକ ଏବଂ ଏକାଙ୍କିକା ତଥା ଏକକ ଅଭିନୟ ଭଳି ଓଡ଼ିଆ ଭାଷା ସାହିତ୍ୟର ବିଭିନ୍ନ ବିଭାଗରେ ପିଲାଙ୍କୁ ପାରଙ୍ଗମ କରିବାକୁ ସ୍କୁଲ ସ୍ତରରେ ଉଦ୍ୟମ ଚାଲୁ ରହିଛି। ଏଥିରେ ରାଜ୍ୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଖୁବ୍ ଉତ୍ସାହରେ ଅଂଶଗ୍ରହଣ କରୁଥିବା ଦେଖିବାକୁ ମିଳିଛି।



## ସୂର୍ଯ୍ୟମନ୍ଦିର ପରିଦର୍ଶନ ବେଳେ ପର୍ଯ୍ୟଟକଙ୍କ ମୃତ୍ୟୁ

କୋଣାର୍କ,୧୧।୧(ଜ୍ୟୋତିରାଜ ମହାନ୍ତି): ସୂର୍ଯ୍ୟମନ୍ଦିର ବୁଲିବାକୁ ଆସିଥିବା ଜଣେ ମହିଳା ପର୍ଯ୍ୟଟକଙ୍କ ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ହେଲେ ମହାରାଷ୍ଟ୍ର ବିଡାର ଗେରୁବାଇ ଥାନା ଅଞ୍ଚଳର ନିଲାବାଈ ସୁଦାମ ବରଗଜେ। ସେ ବୁଲୁଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ କୋଣାର୍କ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମଧୁସ୍ମିତା


@ ଦୁଷ୍ମନ୍ତ


@ ମନୋଜ


@ ରଞ୍ଜିତ୍


@ ଶକ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ମୋହନ ଦେବଗୋସ୍ୱାମୀଙ୍କଠୁ ଚଳଚ୍ଚିତ୍ର ନିର୍ମାଣର ଯୁଗ ଆରମ୍ଭ

**ଭୁବନେଶ୍ୱର,୧୧।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଚଳଚ୍ଚିତ୍ରର ଜନକ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୭୫ତମ ଶ୍ରାଦ୍ଧୋତ୍ସବ ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ପାଳିତ ହୋଇଯାଇଛି। ପୂଜ୍ୟପୂଜା ଅନୁଷ୍ଠାନର ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା, ଗିରିଜାଶଙ୍କର ମହାପାତ୍ର, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଡ. ରଙ୍ଗାଧର ସାହୁ, ରମେଶ ଚନ୍ଦ୍ର ପାତାଳସିଂହ, ୱଇ ଫର ଭୁବନେଶ୍ୱର ପକ୍ଷରୁ ନରେନ ସାହୁ, ହାଡ଼ିବନ୍ଧୁ ବେହୁରିଆ, ମାନବେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦେବଗୋସ୍ୱାମୀ ପୁରୀରେ ନିଜ ରାସଦଳ ମାଧ୍ୟମରେ ରାସ ଓ ନୃତ୍ୟ ସାଧନା କରିବା ସହିତ ମଞ୍ଚ ନାଟକ ଏବଂ ଅଭିନୟ ମାଧ୍ୟମରେ ଜନସାଧାରଣଙ୍କୁ ମନୋରଞ୍ଜନର ସୁଯୋଗ ପ୍ରଦାନ କରୁଥିଲେ। ତାଙ୍କ ରାସ ଦଳ ମାଧ୍ୟମରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ସହିତ ପରବର୍ତ୍ତୀ ଅବସ୍ଥାରେ ସୁପ୍ରତିଷ୍ଠିତ ବହୁ କଳାକାରଙ୍କ ପ୍ରାଥମିକ କଳା ଶିକ୍ଷା ଏହିଠାରୁ ଆରମ୍ଭ ହୋଇଥିଲା। ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ'ର ପ୍ରଯୋଜନା ସହ ଏଥିରେ ସେ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ ତାଙ୍କ ପରିବାରର ସମ୍ପତ୍ତି ବିକ୍ରି କରିବା ସହିତ ଋଣ ଭାରରେ ଟଳିଟଳାନ୍ତ ହୋଇଯାଇଥିଲେ। ଏଭଳି ସ୍ଥିତିରେ ମଧ୍ୟ ସେ ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣର ଯୁଗ ଆରମ୍ଭ କରିଥିଲେ। ରାଜ୍ୟ ସରକାର ତାଙ୍କ ସ୍ମୃତିରେ ଚଳଚ୍ଚିତ୍ର ଜଗତର ପ୍ରତିଭାମାନଙ୍କୁ ମୋହନ ସୁନ୍ଦର ଦେବଗୋସ୍ୱାମୀ ସମ୍ମାନରେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେବାସହ ତାଙ୍କର ସ୍ମୃତିରକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ନିମାକାନ୍ତ ରାଉତରାୟ ଧନ୍ୟବାଦ ଦେଇଥିଲେ।




Now also available on www.reliancejewels.com

SPECIAL OFFER IS APPLICABLE ONLY AT RELIANCE JEWELS SHOWROOM, NEAR KALINGA HOSPITAL SQUARE.

**Patia: Chandrasekharpur,** Nalco Chaak, Samanta Vihar, Kalinga Hospital Square. Ph: 7894455782 / 9861207889.

**Also at Bhubaneswar: Janpath,** Satya Nagar. Ph: 7008218533 / 9835924332 / 0674-2570035/64 | **Cuttack:** Cantonment Road, 553, Gopal Bhawan, Near Howrah Motors. Ph: 7682848136 / 0671-2520011

Follow us on




To know more scan here

Series Price Starts @ ₹1 20 420#

Down Payment Starts @ ₹11 999#

Funding Up To 100%#

www.tvsmotor.com/tvs-apache | #T&C apply.

BEST-IN-CLASS 17.6 PS POWER | ABS DC-RLP | 3 RIDE MODES

LIGHTNING BLUE COLOUR | SMART XONNECT

www.tvsmotor.com/tvs-apache | For further details please give a missed call to **18003157227.** *Amongst air/oil cooled vehicles. # T&C apply.

TVS CREDIT | L&T Financial Services Two-wheeler Finance | HDFC BANK We understand your world | IDFC FIRST Bank ALWAYS YOU FIRST | ICICI Bank Credit & Debit Cards

**FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.com. Authorised Main Dealers: BHUBANESWAR:** THREE S TVS, 8860629978, RITA TVS, 9827133318, ASHIRBAD TVS, 7735341866, JYOTE TVS, 7440030004, 7381114371, **PURI:** MODERN TVS, 7978707757, 7440002101, **CUTTACK:** LAXMI TVS, 7077774420, ARNAPURNA TVS, 9778422980, **KENDRAPADA:** SAMIR TVS, 8260133307, **JAJPUR ROAD:** SUBAS TVS, 7735911808, **NAYAGARH:** KUMAR SAI TVS: 9778728751, **CHANDIKHOL:** SASMITA TVS: 8860793803; **JAGATSINGHPUR:** GITA TVS: 06724-222717, 7788901717. **Authorised Dealers:** Rohibank: 6371229226, Kalapathar: 9937844941, Ranpur: 9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363. Khurda:7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706. Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765. Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post:9937019555, Banki: 9437666687, Badamba: 9337135769, Niali: 9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari:9437510237, Binjharpur: 9090503379, Kuakhia: 9348035630, Singhpur: 9040646458.

McCann/Blr/Tvs/05/01/24